୬ ସୌରଭ ଗାଙ୍ଗୁଲିଙ୍କୁ ଜୀବନରୁ ମାରିଦେବାକୁ ଧମକ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୯୩ ● ୧୨ ଅଗଷ୍ଟ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-193 ● 12th August 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


# ‘ବନ୍ଦେ ମାତରମ୍’କୁ ‘ଜନଗଣ ମନ’ ସମାନ ଆଇନଗତ ସୁରକ୍ଷା

**ନୂଆଦିଲ୍ଲୀ, ୧୧ା୮**

ଜାତୀୟ ସଙ୍ଗୀତ ‘ଜନଗଣ ମନ’ ଭଳି ଜାତୀୟ ଗୀତ ‘ବନ୍ଦେ ମାତରମ୍’କୁ ମଧ୍ୟ ସମାନ ଆଇନଗତ ସୁରକ୍ଷା ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ‘ପ୍ରିଭେନ୍ସନ୍ ଅଫ୍ ଇନ୍ସଲ୍ଟ ଟୁ ନ୍ୟାସନାଲ ଅନର୍ (ସଂଶୋଧନ) ବିଲ୍, ୨୦୨୬’କୁ ଅନୁମୋଦନ ଦେବା ପରେ ଏହା ଆଇନରେ ପରିଣତ ହୋଇଛି। ଏହା ଫଳରେ ‘ବନ୍ଦେ ମାତରମ୍’ ଗାନ ସମୟରେ ଜାଣିଶୁଣି ବାଧା ସୃଷ୍ଟି କରିବା କିମ୍ବା ଏହାର ଅପମାନ କରିବା ଏବେ ଦଣ୍ଡନୀୟ ଅପରାଧ ହୋଇଛି।

ରାଷ୍ଟ୍ରପତି ଭବନ ପକ୍ଷରୁ ମଙ୍ଗଳବାର ଏହାକୁ ଅନୁମୋଦନ ଦିଆଯାଇଛି। ସଂସଦର ଉଭୟ ଗୃହରେ ବିଲ୍ ପାସ୍ ହେବା ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ନୂଆ ଆଇନ ଅନୁସାରେ ‘ବନ୍ଦେ ମାତରମ୍’କୁ ଅପମାନ କରିବା, ଏହାର ଗାନକୁ ଜାଣିଶୁଣି ବାଧା ଦେବା କିମ୍ବା ଏହା ଗାନ କରାଯାଉଥିବା ସମୟରେ ଅସମ୍ମାନଜନକ ଆଚରଣ କରିବା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରିବ। ଏହି ବ୍ୟବସ୍ଥା ଜାତୀୟ ସଙ୍ଗୀତ ପ୍ରତି ଥିବା ଆଇନଗତ ସୁରକ୍ଷା ସହ ସମାନ ଭାବେ ଲାଗୁ ହେବ।

ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ‘ବନ୍ଦେ ମାତରମ୍’ ଭାରତର ସ୍ୱାଧୀନତା ସଂଗ୍ରାମ ସହ ଗଭୀର ଭାବେ ଜଡ଼ିତ। ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏହି ଗୀତ ରଚନା କରିଥିଲେ। ଏହା ପ୍ରଥମେ ତାଙ୍କ ‘ଆନନ୍ଦମଠ’ ଉପନ୍ୟାସରେ ପ୍ରକାଶ ପାଇଥିଲା। ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଦେଶଭକ୍ତିର ପ୍ରମୁଖ ପ୍ରତୀକ ଭାବେ ଲୋକପ୍ରିୟ ହୋଇଥିଲା। ଚଳିତବର୍ଷ ‘ବନ୍ଦେ ମାତରମ୍’ ରଚନାର ୧୫୦ ବର୍ଷ ପୂରଣ ହୋଇଥିବାରୁ ଏହାର ବିଶେଷ ଗୁରୁତ୍ୱ ରହିଛି। ସ୍ୱାଧୀନତା ଦିବସ ପୂର୍ବରୁ ଏହି ଆଇନ ଲାଗୁ ହେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ମତରେ ଜାତୀୟ ସଙ୍ଗୀତ ଓ ଜାତୀୟ ଗୀତ ପ୍ରତି ସମ୍ମାନ ଓ ମର୍ଯ୍ୟାଦା ସୁନିଶ୍ଚିତ କରିବା ଏହି ସଂଶୋଧନର ପ୍ରମୁଖ ଉଦ୍ଦେଶ୍ୟ।




## ମଙ୍ଗଳ ମିଳନ ବୈଠକ

# ଏନ୍‌ଡିଏ ସାଂସଦମାନଙ୍କ ସହିତ ତ୍ରିରଙ୍ଗା ଉଡାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୧ା୮**

ସଂସଦ ପାଠାଗାରରେ ମଙ୍ଗଳବାର ଅନୁଷ୍ଠିତ ଏନଡିଏର ‘ମଙ୍ଗଳ ମିଳନ’ ବୈଠକରେ ମୌସୁମୀ ଅଧିବେଶନର ଶେଷ ତିନି ଦିନ ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅମିତ ଶାହଙ୍କ ସମେତ ଅନେକ ବରିଷ୍ଠ ଏନଡିଏ ନେତା ଉପସ୍ଥିତ ଥିଲେ। ବୈଠକ ‘ବନ୍ଦେ ମାତରମ୍’ ସ୍ଲୋଗାନ୍ ସହିତ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ବିଜେପି ସଭାପତି ନୀତିନ ନବୀନ ଏବଂ ଅନ୍ୟାନ୍ୟ ଏନଡିଏ ନେତାମାନେ ତ୍ରିରଙ୍ଗା ଉଡ଼ାଇଥିଲେ। ଏନଡିଏ ସାଂସଦମାନେ ଝାଡ଼ଖଣ୍ଡରେ ଛାତ୍ର ପ୍ରତିବାଦକୁ ନେଇ ସଂସଦ ପରିସରରେ ପ୍ରତିବାଦ କରିଥିଲେ। ‘ମଙ୍ଗଳ ମିଳନ’ ବୈଠକ ମୂଳତଃ ଏନଡିଏ ସଂସଦୀୟ ଦଳର ଏକ ସାପ୍ତାହିକ ରଣନୀତି ବୈଠକ। ଏହାର ଉଦ୍ଦେଶ୍ୟ ହେଉଛି ଗଠନମୂଳକ ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ ମେଣ୍ଟ ଅଂଶୀଦାରମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ବଜାୟ ରଖିବା। ସଂସଦ ଅଧିବେଶନ ସମୟରେ ଗୃହ ପାଇଁ ଦୈନନ୍ଦିନ ରଣନୀତି ପ୍ରସ୍ତୁତ କରିବା ଏବଂ ବିଭିନ୍ନ ଦଳ ମଧ୍ୟରେ ସହମତି ସୃଷ୍ଟି କରିବା।



ସ୍ୱାଧୀନତା ଦିବସ ପୂର୍ବରୁ ଦେଶବାସୀଙ୍କୁ ‘ହର ଘର ତ୍ରିରଙ୍ଗା’ ଅଭିଯାନରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରି ସେ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାଇ ଏହାକୁ ଉତ୍ସବର ରୂପ ଦେବାକୁ କହିଛନ୍ତି। ଚଳିତବର୍ଷ ଅଗଷ୍ଟ ୧୫ରେ ଦେଶ ୮୦ତମ ସ୍ୱାଧୀନତା ଦିବସ ପାଳନ କରିବ।

ମୋଦୀ କହିଛନ୍ତି, ଅଗଷ୍ଟ ୧୫କୁ ଗର୍ବ ଓ ସମ୍ମାନର ସହ ପାଳନ କରିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବା ଉଚିତ। ଏଥିସହ ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନେବାକୁ ସେ ଦେଶବାସୀଙ୍କୁ କହିଛନ୍ତି। ‘ହର ଘର ତ୍ରିରଙ୍ଗା, ଘର ଘର ତ୍ରିରଙ୍ଗା, ହର ମନ ତ୍ରିରଙ୍ଗା’ ବାର୍ତ୍ତା ଦେଇ ପ୍ରତ୍ୟେକ ଘରେ ଜାତୀୟ ପତାକା ଉଡ଼ାଇବାକୁ ସେ ଆହ୍ୱାନ ଦେଇଛନ୍ତି। ଚଳିତବର୍ଷ ଅଗଷ୍ଟ ମାସରେ ‘ହର ଘର ତ୍ରିରଙ୍ଗା’ ଅଭିଯାନ ପାଳନ କରାଯାଉଛି। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ନିଜ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ଉତ୍ସାହିତ କରିବା ଏବଂ ସ୍ୱାଧୀନତାର ଭାବନା ସହ ଅଧିକ ଲୋକଙ୍କୁ ଯୋଡ଼ିବା। ଏହାକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି।

ସ୍ୱାଧୀନତା ଦିବସ ଦିନ ଦିଲ୍ଲୀର ଲାଲକିଲ୍ଲାର ପ୍ରାଚୀରରୁ ଜାତୀୟ ସଙ୍ଗୀତ ପୂର୍ବରୁ ସାମୂହିକ ଭାବେ ‘ବନ୍ଦେ ମାତରମ୍’ ଗାନ କରାଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଙ୍ଗଳବାର କହିଛନ୍ତି। *(ପୃଷ୍ଠା ୭ରେ)*

## ଆଜି ୫ ଘଣ୍ଟା ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ

**ପୁରୀ, ୧୧ା୮ : ନ୍ୟୁଜ୍ ବ୍ୟୁରୋ**

ବୁଧବାର ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଏହି ନୀତି ସମୟରେ ୫ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏଣୁ ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ଅପରାହ୍ନ ଘ.୨.୦୦ ଟିକା ଠାରୁ ସନ୍ଧ୍ୟା ଘ.୭.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

## ଆଜିର ମୁଖ୍ୟ ଖବର

- ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ ଆକାଉଣ୍ଟ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ।
- ଖୁବ ଶୀଘ୍ର ନିଯୁକ୍ତ ହେବେ ନୂଆ ଲୋକାୟୁକ୍ତ।
- ଲାଠିଚାର୍ଜ ପରେ ମଧ୍ୟ ଥମିଲା ନାହିଁ ଛାତ୍ର ଆନ୍ଦୋଳନ, ଜୟପାଲ ସିଂହ ଷ୍ଟାଡିୟମରେ ଆମରଣ ଅନଶନ।
- ଭାରତ–ଆମେରିକା ମହାକାଶ ସହଯୋଗକୁ ମିଳିଲା ନୂଆ ଗତି, ବେଙ୍ଗାଲୁରୁରେ ନବମ ସିଏସ୍‌ଜେଡବ୍ଲୁଜି ବୈଠକ।
- ରଚନାତ୍ମକ କଂଗ୍ରେସର ଦୁଇ ଦିନିଆ ଜାତୀୟ ଅଧିବେଶନ ବୁଧବାରରୁ, ଖଡ଼ଗେ ଏବଂ ରାହୁଲ ହେବେ ସାମିଲ।
- ତାମିଲନାଡୁ ବିଧାନସଭାରେ ନିଟ୍ ବିରୋଧରେ ପ୍ରସ୍ତାବ ସର୍ବସମ୍ମତିକ୍ରମେ ପାରିତ, ବିଜେପି ବିଧାୟକ କଲେ ୱାକ୍‌ଆଉଟ୍।
- ହର୍ମୁଜ୍ ପ୍ରଣାଳୀ ଆମେରିକାର ୧୦୦ ପ୍ରତିଶତ ନିୟନ୍ତ୍ରଣରେ ଅଛି: ଡୋନାଲ୍ଡ ଟ୍ରମ୍ପ।
- କଲମ୍ବିଆରେ ଭୂମିକମ୍ପରେ ୧୩୨ ଜଣଙ୍କର ମୃତ୍ୟୁ, ଜାତୀୟ ବିପର୍ଯ୍ୟୟ ଘୋଷଣା

# ଲୋକସଭାରେ ହଟ୍ଟଗୋଳ ମଧ୍ୟରେ ଦୁଇ ବିଲ୍ ବିନା ଆଲୋଚନାରେ ପାରିତ

**ନୂଆଦିଲ୍ଲୀ, ୧୧ା୮**

ସଂସଦର ମୌସୁମୀ ଅଧିବେଶନରେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ମଙ୍ଗଳବାର ଲୋକସଭାରେ ଦୁଇଟି ବିଲ୍ ବିନା ଆଲୋଚନାରେ ପାରିତ ହୋଇଛି। ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଛାତ୍ର ଆନ୍ଦୋଳନ ପ୍ରସଙ୍ଗରେ ସଂସଦରେ ଉପସ୍ଥିତ ହୋଇ ବିବୃତି ଦେବାକୁ ଦାବି କରି ବିରୋଧୀ ସାଂସଦମାନେ ପ୍ଲାକାର୍ଡ ଦେଖାଇବା ସହ ନାରାବାଜି କରିଥିଲେ। ଏହା ମଧ୍ୟରେ କେରଳର ନାମ ‘କେରଳମ୍’ କରିବା ପାଇଁ କେରଳ (ନାମ ପରିବର୍ତ୍ତନ) ବିଲ୍, ୨୦୨୬ ଏବଂ ନ୍ୟାସନାଲ କୋ–ଅପରେଟିଭ୍ ଡେଭେଲପମେଣ୍ଟ କର୍ପୋରେସନ୍ (ସଂଶୋଧନ) ବିଲ୍, ୨୦୨୬ ପାସ୍ ହୋଇଛି।



ମଙ୍ଗଳବାର ସକାଳ ୧୧ଟାରେ ଲୋକସଭା ବୈଠକ ଆରମ୍ଭ ହେବାର କିଛି ସମୟ ପରେ ହିଁ ହଟ୍ଟଗୋଳ ଆରମ୍ଭ ହୋଇଥିଲା ଏବଂ ଗୃହକୁ କିଛି ସମୟ ପାଇଁ ମୁଲତବୀ କରାଯାଇଥିଲା। ପରେ ଅପରାହ୍ଣ ୨ଟାରେ ଗୃହ ପୁଣି ବସିବା ବେଳେ ଅଯୋଧ୍ୟା ରାମମନ୍ଦିର ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ମଧ୍ୟ ବିରୋଧୀ ସାଂସଦମାନେ ନାରାବାଜି କରିଥିଲେ। ଏହି ହଟ୍ଟଗୋଳ ମଧ୍ୟରେ ଅଧ୍ୟକ୍ଷଙ୍କ ଆସନରେ ଥିବା କୃଷ୍ଣପ୍ରସାଦ ତେନ୍ନେଟି ଗୃହରେ କାଗଜପତ୍ର ରଖିବାକୁ ଅନୁମତି ଦେଇଥିଲେ। ଗୃହମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ *(ପୃଷ୍ଠା ୭ରେ)*

# ୨୦୨୯ ପର୍ଯ୍ୟନ୍ତ ହର୍ମୁଜ୍ ଖୋଲିବ ନାହିଁ : ଇରାନ

**ତେହେରାନ, ୧୧ା୮**

ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା କମିବାର କୌଣସି ସଙ୍କେତ ଦେଖାଯାଉନାହିଁ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରୟାସ ସତ୍ତ୍ୱେ, ତେହେରାନ ୱାଶିଂଟନ ଆଗରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନୁହେଁ। ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀକୁ ପୁଣି ଥରେ ଖୋଲିବା ପାଇଁ ଇରାନ ଉପରେ ଲଗାତାର ଚାପ ପକାଇ ଆସୁଛନ୍ତି। ଇରାନ ଏବେ ଏନେଇ ଟ୍ରମ୍ପଙ୍କୁ ଏକ ବଡ଼ ଝଟ୍‌କା ଦେଇଛି। ଇରାନ ନାଲିଆଖି ଦେଖାଇ କହିଛି ଯେ, ୨୦୨୯ ପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀକୁ ଆଉ ଖୋଲାଯିବ ନାହିଁ। ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଆମେରିକା ସହିତ ଆଲୋଚନା କରାଯିବ। ଟ୍ରମ୍ପ ପ୍ରଶାସନ ସହିତ ଭବିଷ୍ୟତରେ କୌଣସି ଆଲୋଚନା କରିବାକୁ



ଇରାନ ମନା କରିଦେଇଛି। ଇରାନ କହିଛି ଯେ, ଆମେ ୨୦ ଜାନୁଆରୀ ୨୦୨୯ରେ ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବୁ। ଏହି ବିବୃତି ଆମେରିକା ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଇରାନ କହିଛି, ଆମ ଅପେକ୍ଷା କରିବାକୁ ଇଚ୍ଛୁକ, କିନ୍ତୁ ଟ୍ରମ୍ପଙ୍କ ଅଧୀନରେ କୌଣସି ମୂଲ୍ୟରେ ଆପୋଷ ବୁଝାମଣା କରିବୁ ନାହିଁ।

ଇରାନୀ ଗଣମାଧ୍ୟମ ଏବଂ ସଂସଦ ବାଚସ୍ପତି ମହମ୍ମଦ ବାକର ଗାଲିବାଫଙ୍କ ପରାମର୍ଶଦାତା ମାଜିଜ୍ ଶାକେରୀଙ୍କ ଏକ ବିବୃତି ଅନୁଯାୟୀ, ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ତେହେରାନ ନିଜର ବର୍ତ୍ତମାନର ରଣନୀତି ଜାରି ରଖିବ। ଏହା ସହିତ ଇରାନ ନିଜର ତିନୋଟି ପୂର୍ବ ସର୍ତ୍ତକୁ ଦୋହରାଇ ଟ୍ରମ୍ପ ପ୍ରଶାସନକୁ ଏକ ଜଟିଳ ସମସ୍ୟାରେ ପକାଇଛି।

ଆମେରିକା ସହିତ ଆଲୋଚନା ପୁଣି ଆରମ୍ଭ କରିବା ପାଇଁ ଇରାନ କିଛି ପ୍ରମୁଖ ସର୍ତ୍ତ ମଧ୍ୟ ରଖିଛି। ଏଥିରେ ପ୍ରାୟ ୩୦୦ ବିଲିୟନ ଡଲାର କ୍ଷତିପୂରଣ, *(ପୃଷ୍ଠା ୭ରେ)*

# ମୁନ୍ ବେସ୍ ପ୍ରୋଗ୍ରାମରେ ଯୋଗଦେବାକୁ ଇସ୍ରୋକୁ ନାସାର ଆମନ୍ତ୍ରଣ

**ନୂଆଦିଲ୍ଲୀ, ୧୧ା୮**

ଭାରତ ଏବଂ ଆମେରିକା ମଧ୍ୟରେ ମହାକାଶ ଗବେଷଣା ଓ ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ସାମ୍ନାକୁ ଆସିଛି। ଆର୍ଟେମିସ୍ ଆକର୍ଡସ ଅଧୀନରେ ନିଜର ‘ମୁନ୍ ବେସ୍ ପ୍ରୋଗ୍ରାମ’ରେ ଯୋଗଦେବା ପାଇଁ ଆମେରିକାର ମହାକାଶ ଗବେଷଣା ସଂସ୍ଥା ‘ନାସା’ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ‘ଇସ୍ରୋ’କୁ ଆମନ୍ତ୍ରଣ କରିଛି। ଆମେରିକା ଦୂତାବାସ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଏହାସହ ବେସାମରିକ ମହାକାଶ ଅଭିଯାନ ପାଇଁ ଖୋଲା ବୈଜ୍ଞାନିକ ତଥ୍ୟ ଆଦାନପ୍ରଦାନ ଉପରେ ଆଲୋଚନାକୁ ଆଗକୁ ନେବା ପାଇଁ ଉଭୟ ପକ୍ଷ ସମ୍ମତି ପ୍ରକାଶ କରିଛନ୍ତି।

ଅଗଷ୍ଟ ୫ ଏବଂ ୬ ତାରିଖରେ ବାଙ୍ଗାଲୋରସ୍ଥିତ ଇସ୍ରୋ ମୁଖ୍ୟାଳୟରେ ଅନୁଷ୍ଠିତ ୯ମ ଭାରତ–ଆମେରିକା ବେସାମରିକ ମହାକାଶ ଯୁଗ୍ମ କାର୍ଯ୍ୟକାରୀ ଦଳ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏହି ବୈଠକରେ ଉଭୟ ଦେଶ ବେସାମରିକ ଓ ବାଣିଜ୍ୟିକ ମହାକାଶ ସହଯୋଗ, ଭବିଷ୍ୟତର ବୈଜ୍ଞାନିକ ଅଭିଯାନ ଏବଂ ମାନବ ମହାକାଶ ଯାତ୍ରା ପ୍ରଯୁକ୍ତିବିଦ୍ୟା ଭାଗିଦାରୀ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମହାକାଶରେ ନିଜର *(ପୃଷ୍ଠା ୭ରେ)*

# ପ୍ଲାଷ୍ଟିକ ନୋଟ୍ ପରୀକ୍ଷଣକୁ ମଞ୍ଜୁରୀ : ସୀତାରମଣ

**ନୂଆଦିଲ୍ଲୀ, ୧୧ା୮**

ସରକାର ୧୦ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ ନୋଟର କ୍ଷେତ୍ର ପରୀକ୍ଷଣକୁ ମଞ୍ଜୁରୀ ଦେଇଛନ୍ତି। ୧୦୦ କୋଟି ଲେଖାଏଁ ୧୦ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ ନୋଟ୍ ଜାରି କରାଯିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି। ରିଜର୍ଭ ବ୍ୟାଙ୍କ ଏଥିପାଇଁ ପ୍ରସ୍ତାବ ଦେଇଥିଲା।

ପରୀକ୍ଷଣ ସଫଳ ହେଲେ ଦେଶରେ ପ୍ଲାଷ୍ଟିକ ନୋଟର ନିୟମିତ ପ୍ରଚଳନ କରାଯିବ। ୧୦୦ କୋଟି ଖଣ୍ଡ ୧୦ ଟଙ୍କା ମୂଲ୍ୟର ପ୍ଲାଷ୍ଟିକ ନୋଟ ପ୍ରଚଳନ ହେଲେ ୧୦୦୦ କୋଟି ଟଙ୍କା ଏବଂ ୧୦୦ କୋଟି ଖଣ୍ଡର ୨୦ ଟଙ୍କିଆ ପ୍ଲାଷ୍ଟିକ ନୋଟ୍ ପ୍ରଚଳନ




ହେଲେ ୨୦୦୦ କୋଟି ଟଙ୍କାର ପ୍ଲାଷ୍ଟିକ ନୋଟ୍ ବଜାରକୁ ଆସିବ। ଅର୍ଥାତ୍ ମୋଟ ୩ ହଜାର କୋଟି ଟଙ୍କାର ଉଭୟ ୧୦ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ ନୋଟ ଉପଲବ୍ଧ ହେବ। ପ୍ଲାଷ୍ଟିକ ନୋଟ୍ ସହ କାଗଜ ନୋଟ୍ ମଧ୍ୟ ଉପଲବ୍ଧ ହେବ। ନିକଟରେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସୂଚନା ଦେଇଥିଲେ ଯେ ବ୍ରିଟେନ, ଅଷ୍ଟ୍ରେଲିଆ ଓ କାନାଡା ଭଳି ଦେଶରେ ପ୍ଲାଷ୍ଟିକ ନୋଟର ପ୍ରଚଳନ ୩୦ ବର୍ଷରୁ ଅଧିକ ସମୟ ହେଲା ରହିଛି। ପ୍ଲାଷ୍ଟିକ ନୋଟ ଶୀଘ୍ର ଖରାପ କିମ୍ବା ନଷ୍ଟ ହେବନାହିଁ। ଏଥିସହିତ ନକଲି ନୋଟ୍ ଉପରେ ଲଗାମ ଲାଗିପାରିବ। କାରଣ ଏଥିରେ ଅତ୍ୟାଧୁନିକ *(ପୃଷ୍ଠା ୭ରେ)*

## ବଜ୍ରପାତରେ ୪ ମହିଳାଙ୍କ ମୃତ୍ୟୁ

**ସୁନ୍ଦରଗଡ/ବଣାଇ, ୧୧ା୮**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଖରିଫ ଋତୁର ଚାଷ କାମ ଜାରି ରହିଛି। ଚାଷୀମାନେ କିଛି ଦିନ ହେଲା ରାଜ୍ୟବ୍ୟାପୀ ଧାନ ବେଉସଣ ଏବଂ ଧାନତଳି ରୁଆ କାମ କରୁଛନ୍ତି। ମଙ୍ଗଳବାର ସୁନ୍ଦରଗଡ଼ ଜିଲ୍ଲା ତଳସରା ଏବଂ ବଣାଇ ଥାନା ଅଞ୍ଚଳରେ ବିଲରେ ଧାନ ତଳି ରୋଉଥିବାବେଳେ ବଜ୍ରାଘାତରେ ୪ ଜଣ ମହିଳା ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଶ୍ରମିକ ଆହତ ହୋଇଛନ୍ତି। ବଜ୍ରପାତରେ ମୃତ ବ୍ୟକ୍ତିମାନେ ହେଲେ ଚମ୍ପା ତିର୍କୀ, ସୁଶିଳା ତିର୍କୀ, ସୁନିତା ଓରାମ (୩୩) ଓ ଦ୍ରୌପଦୀ କିଷାନ (୩୫)। ସୂଚନା ଅନୁସାରେ ପଡୋଶୀ ଛତିଶଗଡ଼ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ବଡ ନିଯୁକ୍ତିରେ ଗଡବଡ ସବୁ
ଚାଲେ ଅଧ୍ୟାୟରେ ନାଟ
ଦଳଟା ଘଣ୍ଟାଚକଟାରେ ପୂରା
ଖାଉଛି ଶକତ ଛାଟ
କୋର୍ଟ କଚେରୀରେ ଖାଇ ଘାଣ୍ଟ
ବୁଦ୍ଧିଶୁଦ୍ଧି କେବେ ହେବ କେଜାଣି
ନପୁରେଇ ଖାଲି ପେଟ ।

# ପାଠକାଦୃତ ସାହିତ୍ୟ ସମାଲୋଚନାର ପକ୍ଷରଖେ



ଦୁର୍ଗା ଚରଣ ଷଡଙ୍ଗୀ
ମୋ : ୯୪୩୮୫୩୫୫୭୭

ସାହିତ୍ୟରେ ନିଷ୍ପକ୍ଷ ସମାଲୋଚନା ହିଁ ଗୋଟିଏ ଜାତି ସାହିତ୍ୟକୁ କାଳଜୟୀ କରାଇଥାଏ। ମାତ୍ର ସମକାଳୀନ ଆମ ଓଡ଼ିଆ ସାହିତ୍ୟରେ ସମାଲୋଚନା ବିହୁନେ ଯାହିତାହି ଲେଖି ନିଜକୁ ସାହିତ୍ୟିକ ବୋଲି ସ୍ୱ–ଉପାଧିପ୍ରାପ୍ତ କରାଇ ଅନାମଧେୟମାନେ ଗଭୀର ଭାବେ ଏବେ ସାହିତ୍ୟର ସରହଦକୁ ଆବର୍ଜନାମୟ କରିସାରିଲେଣି। ତା’ର ଫଳସ୍ୱରୂପ ଭଲ ପାଠକଙ୍କ ସଂଖ୍ୟାରେ ଆଶାତୀତ ଭାବେ ଘୋର ଅଭାବ ପରିଲକ୍ଷିତ ହୋଇଚାଲିଛି। ସମାଲୋଚନା ସାହିତ୍ୟକୁ ନୂଆ ଦିଶା ଦେଖାଏ ଓ ତା’ର ଉତ୍ତରଣାର୍ଥେ ଶକ୍ତ ରଞ୍ଜାଟିଏ ଯୋଗାଏ। ମାତ୍ର ଗତ ୮୦ ଦଶକରୁ ଆମ ଓଡ଼ିଆ ସାହିତ୍ୟ ସମାଲୋଚନା ବିହୁନେ ଛିନ୍ନମୂଳ। ଏବେ ଯେଉଁ ସାହିତ୍ୟ–ପଣ୍ଡିତମାନେ ଉତ୍ତମ ସମାଲୋଚକଟିଏ ହୋଇ ପାରିଥାନ୍ତେ ସେମାନେ ସାହିତ୍ୟର ପକ୍ଷଧର ନହୋଇ ଲେଖକୀୟ ଭୂମିକା ନିଭାଇବାରେ ବ୍ୟସ୍ତ! ଏହି ଜ୍ଞାନୀ, ଭାଷା ବିଜ୍ଞାନୀମାନେ ସାହିତ୍ୟର ଅବଧାନ ନହୋଇ ଲେଖକ ହେବାର ପ୍ରୟାସ ଯୋଗୁଁ ଆଜି ଆମ ସାହିତ୍ୟର ମାନ ନିର୍ଦ୍ଧାରଣ ହେବ ବା କାହୁଁ?

ଲଗାମହୀନ ସେଇ ଅଭାବବୋଧରୁ ହିଁ ଆମ ସାହିତ୍ୟରେ ଛତୁ ଫୁଟିବା ପରି ପର୍ଯ୍ୟାପ୍ତ ଲେଖକ (?) ସୃଷ୍ଟି ହେବାରେ ଲାଗିଛନ୍ତି। ସାହିତ୍ୟ ସର୍ଜନା ସମାଲୋଚନା ବ୍ୟତିରେକ ତା’ର ଉତ୍ତରଣ ଅସମ୍ଭବ।

ତେଣୁ ସାହିତ୍ୟ ଚୋରି–ଭାବ ଚୋରି–ଭାଷା ଚୋରି ଭଳି ଅସଙ୍ଗତି ପୂର୍ଣ୍ଣ କାର୍ଯ୍ୟକଳାପମାନ ସେମାନଙ୍କର ଅଙ୍କୁଶହୀନ–ବେଚ୍ଛପରୀ କାୟାକୁ ବିସ୍ତାର କରିବେ ହିଁ କରିବେ। ଏପରି ପ୍ରମାଦ ହେଲେ ସାହିତ୍ୟର ବିଭବ ବିକାଶ–ପ୍ରକାଶ–ଉତ୍ତରଣ ହେବବା କିପରି? ପାଠକୀୟ ପ୍ରଚୋଦନା ଉତ୍ତମ ସଶକ୍ତ ସାହିତ୍ୟ ସର୍ଜନାରୁ ହିଁ ଆସେ ନଚେତ ପାଠକ ଆମର ମୂଲ୍ୟହୀନ–କପୋଳକଳ୍ପିତ ସାହିତ୍ୟ ସଞ୍ଚରନାକୁ ମୁହଁମୋଡି ନଦେବେ ବା କାହିଁକି? ଆଜି ଏଭଳି ଏକ ଚିନ୍ତା ଉଦ୍ରେକକାରୀ ପ୍ରସଙ୍ଗ ଆମ ସାହିତ୍ୟ ପାଇଁ ସତରେ ପ୍ରଶ୍ନବାଚୀଟିଏ ହୋଇ ଉଭା ହେଲାଣି!

ସାହିତ୍ୟରେ ନିଷ୍ପକ୍ଷ ସମାଲୋଚନା ରହିଲେ ସୃଜନ ପରିମାର୍ଜିତ ହୋଇ ଦେଦୀପ୍ୟମାନ ହୁଏ। ପୁରୁଣାକାଳରେ ରାଜା–ମହାରାଜା–ସାମନ୍ତ ଓ କ୍ଷେତ୍ରାଧିପତିମାନଙ୍କ ପାରିଷଦରେ ବିଜ୍ଞ–ଧୂରୀଣ–ପଣ୍ଡିତମାନଙ୍କ ଦ୍ୱାରା ରଚିତ ଶ୍ଲୋକ–ପୁରାଣ–ଛାନ୍ଦ–ଚଉପଦୀ–କାବ୍ୟ କବିତାମାନ ମଧ୍ୟ ଆଲୋଚନା–ସମାଲୋଚନା–ସମୀକ୍ଷା *(ପୃଷ୍ଠା ୭ରେ)*

# ଲଘୁଚାପ କ୍ଷେତ୍ର ସୃଷ୍ଟି : ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୧ା୮**

**ନ୍ୟୁଜ୍ ବ୍ୟୁରୋ**

ଉତ୍ତର ବଙ୍ଗୋପସାଗର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ବୁଧବାର ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ଅଛି। ବିଭିନ୍ନ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଶୁକ୍ରବାର ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁସାରେ ବୁଧବାର କଟକ, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ବିଭିନ୍ନ ଜିଲ୍ଲାରେ ପବନ ଓ ଘଡ଼ଘଡ଼ି ସହିତ ବର୍ଷା ସମ୍ଭାବନା ଅଛି। ୧୪ ତାରିଖ ଯାଏ ବିଭିନ୍ନ ଜିଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ମୟୂରଭଞ୍ଜ, କେନ୍ଦୁଝର, ଖୋରଧା, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ନୟାଗଡ଼, ଯାଜପୁର, ଗଞ୍ଜାମ, ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।



32 YEARS

# ସମ୍ବାଦ କଳିକା

ଭୁବନେଶ୍ୱର, ୧୨ ଅଗଷ୍ଟ ୨୦୨୬ ବୁଧବାର





## ରାଷ୍ଟ୍ରପତିଙ୍କ ଗସ୍ତ ଯୋଗୁ ବଦଳିଲା ମେଣ୍ଟୁ ଛକ ରାସ୍ତାର ଚିତ୍ର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଗତ କିଛି ମାସ ହେଲା ନୀଳକଣ୍ଠନଗର ଠାରୁ ମେଣ୍ଟୁ ଛକ ରାସ୍ତା ବିପଦଜନକ ପାଲଟିଥିଲା । ଠାଏଁ ଠାଏଁ ଖାଲଖମା ସୃଷ୍ଟି ସାଙ୍ଗକୁ ବର୍ଷା ହେଲେ ପାଣି ଜମି ରହୁଥିଲା । ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ଓ ପ୍ରସାରଣ ପରେ ସ୍ଥିତିରେ ସୁଧାର ଆସିପାରୁନଥିଲା । ତେବେ ଗତ ୪ ତାରିଖରେ ରାଷ୍ଟ୍ରପତିଙ୍କ ଗସ୍ତ ପରେ ଏହି ରାସ୍ତାର ଚିତ୍ର ପୁରାପୁରି ବଦଳିଯାଇଛି । ପିଚୁର ଲେପରେ ରାସ୍ତା ଚକାଚକ ହୋଇଥିବା ସାଙ୍ଗକୁ ଖାଲଖମାରେ ପ୍ୟାଚ୍ ପଡ଼ିଛି । ଫଳରେ କେବେ କଣ ରାଷ୍ଟ୍ରପତି ଅନ୍ୟ ଭିଭିଆଇପିଙ୍କ ଗସ୍ତରେ ହିଁ ରାସ୍ତା ମରାମତି ହେବ ? ନଚେତ୍ ଲୋକଙ୍କ ସମସ୍ୟା କଣ ସମସ୍ୟାରେ ହିଁ ରହିବ କି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । ବର୍ଷ ବର୍ଷ ଧରି ମେଣ୍ଟୁ ଛକ ଦେଇ ବସ୍ ଓ ଭାରୀଯାନ ଯାତାୟାତ କରୁଛି । ଏହି ରାସ୍ତା ଓ ଅନ୍ଧପସରା ରୋଡ୍ ଦେଇ ସମସ୍ତ ଗାଡ଼ି ୧୬ ନମ୍ବର ଜାତୀୟ ରାଜପଥ ଆଡକୁ ଯାଉଛି । କିନ୍ତୁ ବର୍ତ୍ତମାନ ଏହା ଖାଲଖମାରେ ଭରି ହୋଇରହୁଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟୁଥିଲା । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ପଥଚାରି ରାସ୍ତା ଦେଇ ଯିବାକୁ ଭୟ କରୁଥିଲେ । ଅଞ୍ଚଳବାସୀ ବାରମ୍ବାର ଏନେଇ ବିଇଏମ୍ସି ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କୁ ଅଭିଯୋଗ କରୁଥିଲେ ହେଁ କୌଣସି ସୁଫଳ ମିଳୁନଥିଲା । କିନ୍ତୁ ଚଳିତ ମାସ ୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଞ୍ଜାମ ଗସ୍ତ କରିଥିଲେ । ରାଷ୍ଟ୍ରପତିଙ୍କ କାରକେଡ୍ ଏହି ରାସ୍ତାରେ ବ୍ରହ୍ମପୁର ରେଳ ଷ୍ଟେସନ୍‌ରୁ ବାହାରି ତପ୍ତପାଣି ଯିବା ପାଇଁ କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଥିଲା । ଫଳରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ରାତାରାତି ରାସ୍ତାରେ ଥିବା ଖାଲଖମାକୁ ପିଚୁ ଲେପ ଦେଇ ସମତୁଲ କରାଯିବା ସହ ଚକାଚକ୍ କରାଯାଇଥିଲା । ଏହାଫଳରେ ସ୍ଥାନୀୟ ବାସିନ୍ଦାଙ୍କ ଦୀର୍ଘଦିନର ସମସ୍ୟା ଦୂର ହୋଇଛି ବୋଲି ଅଞ୍ଚଳବାସୀ ପ୍ରଭୁପ୍ରସାଦ ପାଢ଼ୀ କହିଛନ୍ତି । ଅନ୍ୟପଟରେ ଏବେବି ଏହି ରାସ୍ତା ଦେଇ ଭାରୀଯାନ ଯାତାୟାତ କରୁଥିବାରୁ ରାସ୍ତାର ଅବସ୍ଥା ପୁଣି ଖରାପ ହେବ । ଆଉ ସେତେବେଳେ ପ୍ରଶାସନ ତତ୍ପରତା ଦେଖାଇ ଏହାର ମରାମତି କରିବ ନା, ପୁଣିଥରେ କୌଣସି ଭିଭିଆଇପିଙ୍କ ଗସ୍ତକୁ ଅପେକ୍ଷା କରିବ ବୋଲି ଆଲୋଚନା ହେଉଛି ।

## ବଜ୍ରାଘାତରେ ୨ ଚାଷୀଙ୍କ ମୃତ୍ୟୁ

**ସାଲେପୁର/ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ମାହାଙ୍ଗା ତହସିଲ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତ ଅଧୀନ ଜଳେଶ୍ୱରପୁର ଡଗରା ସାହି ଗ୍ରାମର ବ୍ରଜବନ୍ଧୁ ଖଟୁଆ (୬୨) ସୋମବାର ଅପରାହ୍ଣରେ ନିଜ ବିଲରେ ଚାଷ ପାଇଁ ତଳି ଉପାଡୁ ଥିବା ସମୟରେ ବଜ୍ରାଘାତରେ ଗୁରୁତର ହୋଇ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ଖବରପାଇ ପରିବାର ଲୋକେ ବ୍ରଜବନ୍ଧୁଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ତତ୍‌କ୍ଷଣାତ୍ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ଖଟୁଆ ଜଣେ ଗରିବ ଚାଷୀ ଅଟନ୍ତି । ବ୍ରଜ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି । ସେହିପରି ସୋମବାର ଅପରାହ୍ଣରେ ହଠାତ୍ ବଜ୍ରପାତ ଘଟି ଜଣେ କୃଷକଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଚୌଦ୍ୱାର ପୌରପାଳିକା ୧୨ ନମ୍ବର ୱାର୍ଡ଼ ଅନ୍ତର୍ଗତ ବୁଢ଼ାଲିଙ୍ଗର ସଂଜୟ ନାଥ (୪୩) । ପ୍ରକାଶ ଯେ ସଂଜୟ ସୋମବାର ଅପରାହ୍ଣରେ ଆଗ୍ରାହାଟ ପଞ୍ଚାୟତ ଅଧିନ କୁଜିବର ଗ୍ରାମ ନିକଟରେ ନିଜ ଜମିରେ ଧାନତଳି ପାକାଇବା କାର୍ଯ୍ୟ କରୁଥିବାବେଳେ ହଠାତ୍ ଘନଘନ ବଜ୍ରପାତ ହୋଇଥିଲା । ତାଙ୍କ ଉପରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।



## ମଦ ଓ ସାମଗ୍ରୀ ଜବତ:ଅଭିଯୁକ୍ତ ଗିରଫ

**ଉମରକୋଟ/ଚନ୍ଦାହାଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅବୈଧ ଦେଶୀ ମଦ ତିଆରି ଓ ବିକ୍ରିକୁ ନେଇ ଅବକାରୀ ବିଭାଗ ପକ୍ଷରୁ କଡା ଅଭିଯାନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଉମରକୋଟ ଓ ଚନ୍ଦାହାଣ୍ଡି ବ୍ଲକର ତିନୋଟି ଗ୍ରାମରେ ଚଢ଼ଉ ଛାପାମାରି କରି ଅବକାରୀ ବିଭାଗ ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ଉମରକୋଟ ବ୍ଲକ ଅଧୀନ ଲଚଦେଇ କଲାର ଗ୍ରାମ କୁମ୍ଭୀବେଡା ଓ ରତନୀ କଲାର ଅଞ୍ଚଳରେ ଚାଲୁଥିବା ଅବୈଧ ଦେଶୀ ମଦ ରନ୍ଧା କାର୍ଯ୍ୟରେ ଅବକାରୀ ବିଭାଗ ଚଢ଼ଉ କରିଥିଲେ । ସେହିପରି ଚନ୍ଦାହାଣ୍ଡି ବ୍ଲକର ମାଲଗାଁ ହରଡାପଡା ଗ୍ରାମରେ ମଧ୍ୟ ଏକାଧିକ ସ୍ଥାନରେ ମଦ ତିଆରି ହେଉଥିବା ବେଳେ ଛାପାମାରି କରାଯାଇଥିଲା । ଅଭିଯାନ ସମୟରେ ବହୁ ପରିମାଣର ଅବୈଧ ମଦ ଓ ମଦ ତିଆରି ସାମଗ୍ରୀ ଜବତ କରାଯାଇଥିବା ବେଳେ ସଂପୃକ୍ତ କିଛି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ପରେ ସମସ୍ତଙ୍କୁ ଆଇନ୍ ଅନୁସାରେ କୋର୍ଟକୁ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି । ଅବକାରୀ ବିଭାଗର ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡା ଭାବେ ଜାରି ରହିବ ବୋଲି ଅଧିକାରୀମାନେ ସଚେତନ କରିଛନ୍ତି ।



## ୨୭ ଲିଟର ଦେଶୀ ମଦ ସହ ଜଣେ ଗିରଫ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ହରିଶଙ୍କର ଫାଣ୍ଡି ଅଧିନ ନାନ୍ଦୁପଲା ଗାଁ ନିକଟରେ ବେଆଇନ୍ ଭାବେ ଦେଶୀ ମଦ ବିକ୍ରି ଅଭିଯୋଗରେ ସୋମବାର ଖପ୍ରାଖୋଲ ପୋଲିସ ଜଣଙ୍କୁ ଗିରଫ କରିବା ସହିତ ୨୭ ଲିଟର ଦେଶୀ ମହୁଲି ମଦ ଜବତ କରିଥିବା ଜଣାଯାଇଛି । ଏନେଇ ଖପ୍ରାଖୋଲ ଥାନାରେ କେସ୍ ନଂ–୧୬୩/୨୦୨୬ ଓଡ଼ିଶା ଅବକାରୀ ଆଇନ୍ ୨୦୦୮ର ଧାରା ୫୨(ଏ) ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତ ନାନ୍ଦୁପଲା ଗାଁର ସରୋଜ ଭୋଇ (୨୫) ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ସୂଚନା ଅନୁସାରେ ସୋମବାର ମଧ୍ୟାହ୍ନରେ ଖପ୍ରାଖୋଲ ଥାନାର ଏଏସ୍ଆଇ ରବୀନ୍ଦ୍ର କୁମ୍ଭାର ପୋଲିସ କର୍ମଚାରୀଙ୍କ ସହ ପାଟ୍ରୋଲିଂ ଡ୍ୟୁଟିରେ ଥିବାବେଳେ ନାନ୍ଦୁପଲା ଗ୍ରାମ ନିକଟ ରାସ୍ତା କଡ଼ରେ ଜଣେ ଯୁବକ ବେଆଇନ୍ ଭାବେ ଦେଶୀ ମଦ ବିକ୍ରି କରୁଥିବା ଦେଖିଥିଲେ । ଯାଞ୍ଚ ବେଳେ ଯୁବକ ନାନ୍ଦୁପଲା ଗ୍ରାମର ସରୋଜ ଭୋଇ (୨୫)ଙ୍କ ଠାରୁ ଦୁଇଟି ପ୍ଲାଷ୍ଟିକ୍ ଜାରରୁ ୨୭ ଲିଟର ଦେଶୀ ମଦ ଜବତ କରିଥିବା ପୋଲିସ ସୂଚନା ଦେଇଛି ।

## ସୋନପୁରରେ ସଂରକ୍ଷଣ ବିରୋଧୀ ଆନ୍ଦୋଳନର ପ୍ରଭାବ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବର୍ତ୍ତମାନ ଦେଶରେ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗି ଥିବା ସମୟରେ ସୋନପୁର ଠାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି । ସୁବର୍ଣ୍ଣପୁର ଜିଲ୍ଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ପରିସରରେ ସମିତି ସଭାପତି ପ୍ରକାଶ ଚନ୍ଦ୍ର ବେବର୍ତ୍ତାଙ୍କ ଅଧ୍ୟକ୍ଷତା ର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସମିତିର ଉପଦେଷ୍ଟା ଜ୍ୟୋତି ରଞ୍ଜନ ବହିଦାର, ସମ୍ପାଦକ ଦେବ କିଶୋର ଦାନୀ, କୋଷାଧ୍ୟକ୍ଷ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ଭାରତ ବର୍ଷରେ ଚାଲିଥିବା ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ଏବେ ସାଧାରଣବର୍ଗ ଲୋକ ନିଜ ଦକ୍ଷତା ଥାଇ ମଧ୍ୟ ପାଠ ପଢ଼ିବା, ଚାକିରୀ, ପଦୋନ୍ନତି, ସରକାରୀ ସାହାଯ୍ୟ ସହିତ ଅନେକ କ୍ଷେତ୍ରରେ ବଞ୍ଚିତ ହେଉଥିବା ମତବ୍ୟକ୍ତ କରିଥିଲେ । ଏହା ସହିତ ଆଇନଜୀବୀ ତାପସ ମହାନ୍ତି, ଯୁବ ସଂଗଠକ ନିଶାନ୍ତ କୁମାର ମହାନ୍ତି, ଅବକାଶ ବିଦ୍ୟାଧର, ପ୍ରଭାତ କିଶୋର ଦାନୀ ଓ ବରିଷ୍ଠ ସଭ୍ୟ ହରିଶଙ୍କର ପଟ୍ଟନାୟକ, ପ୍ରଦୀପ ବିଦ୍ୟାଧର, ଅମୂଲ୍ୟ ବିଦ୍ୟାଧର ପ୍ରମୁଖ ଯୋଗଦେଇ ଏହି ସଂରକ୍ଷଣ ବ୍ୟବସ୍ଥା ହଟାଓ ଅଭିଯାନକୁ ଜୋର୍‌ଦାର କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅଭିଯାନକୁ ପ୍ରଥମେ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାର କରଣ ସମାଜକୁ ସାମିଲ୍ କରାଯାଇ ଆଗାମୀ ଦିନରେ ଏହି ଅଭିଯାନକୁ ବ୍ୟାପକ କରାଯିବାକୁ ଉକ୍ତ ବୈଠକରେ ସ୍ଥିର କରାଯାଇଛି । ଏହି ଅଭିଯାନକୁ କରଣ ସମାଜର ଅନେକ ସଭ୍ୟ ସ୍ୱାଗତ କରିଥିଲେ । ଶେଷରେ ସମାଜର ବରିଷ୍ଠ ସଭ୍ୟ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



## ପୁରାତନ ଛାତ୍ରମାନଙ୍କ ବନ୍ଧୁ ମିଳନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

୧୯୮୪ ଆଇଏସ୍‌ସି ବ୍ୟାଚ୍‌ର ବନ୍ଧୁ ମିଳନ ବ୍ରହ୍ମପୁର ହୋଟେଲ୍ ନନ୍ଦନ ଠାରେ ଅନୁଷ୍ଠିତ ହୋଇଯାଇଛି । ୪୨ ବର୍ଷର ଛାତ୍ର ଜୀବନର ପୁରାତନ ବନ୍ଧୁ ସମ୍ପର୍କର କାହାଣୀ ସବୁ ରୋମନ୍ଥନ ହୋଇଥିଲା । ବର୍ତ୍ତମାନ ଜୀବନର ବୃତାନ୍ତ କିପରି ଅତିବାହିତ ହେବ ସେସବୁ ଆଲୋଚନା ହୋଇଥିଲା । ଏଥିରେ ଗୌର ଚନ୍ଦ୍ର ମହାପାତ୍ର, ରାଜେନ୍ଦ୍ର ରଥ, ଆଶୁତୋଷ ରଥ, ସତ୍ୟ ନାରୟଣ ସାହୁ, ସତ୍ୟବ୍ରତ ଦାଶ ଓ ଅନେକ ବନ୍ଧୁ ଯୋଗଦାନ କରିଥିଲେ ।

## 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷପୂର୍ତ୍ତି ଅବସରରେ ଜିଲ୍ଲାବ୍ୟାପୀ ଘରେ ଘରେ ତ୍ରିରଙ୍ଗା ଅଭିଯାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ସ୍ୱାଧୀନତା ଦିବସ ତଥା ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ ତମ ବର୍ଷପୂର୍ତ୍ତି ଅବସରରେ ଜିଲ୍ଲାବ୍ୟାପୀ ୯ ରୁ ୧୭ ଅଗଷ୍ଟ ପର୍ଯ୍ୟନ୍ତ "ଘରେ ଘରେ ତ୍ରିରଙ୍ଗା–୨୦୨୬" ଅଭିଯାନ ବ୍ୟାପକ ଭାବେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ସୋମବାର ଅପରାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଜେ. ସୋନାଲ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ହର ଘର ତ୍ରିରଙ୍ଗା ଅଭିଯାନ ଅନ୍ତର୍ଗତ ଜିଲ୍ଲାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଜିଲ୍ଲାପାଳ ଅବଗତ କରାଇଥିଲେ । ଏହି ଅବସରରେ ସମସ୍ତ ସରକାରୀ କୋଠା, ସେତୁ, ଚିକିତ୍ସାଳୟ, ବିଦ୍ୟାଳୟ, ବଜାର, ବସ୍ ଟର୍ମିନାଲ, ରେଳ ଷ୍ଟେସନ୍ ଏବଂ ପ୍ରମୁଖ ଛକଗୁଡ଼ିକୁ ତ୍ରିରଙ୍ଗା ଓ ଆଲୋକମାଳାରେ ସୁସଜ୍ଜିତ କରାଯିବ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାତୀୟତାବୋଧ ବୃଦ୍ଧି ପାଇଁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଜାତୀୟ ପତାକାର ବିକାଶ ଯାତ୍ରା ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଅବଦାନ ସମ୍ବଳିତ ତ୍ରିରଙ୍ଗା ଓ ବନ୍ଦେ ମାତରଂ ପ୍ରଦର୍ଶନୀ ଅୟୋଜନ କାରାଯିବ । ସବୁ ସ୍କୁଲ ଓ କଲେଜରେ 'ବନ୍ଦେ ମାତରମ୍' ଓ ଜାତୀୟ ସଙ୍ଗୀତ ଗାନ କରାଯିବ । ସମସ୍ତ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନେ ୧ ଅଗଷ୍ଟ ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ MyGov ପୋର୍ଟାଲ୍‌ରେ ଆୟୋଜିତ ଅନ୍‌ଲାଇନ୍ କୁଇଜ୍‌ରେ ଅଂଶଗ୍ରହଣ କରି ପ୍ରମାଣପତ୍ର ଲାଭ କରିବେ । ଯୁବପିଢ଼ିଙ୍କ ମଧ୍ୟରେ ଦେଶଭକ୍ତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ୧୧ ଅଗଷ୍ଟ ସକାଳ ୮ଟାରେ ଜିଲ୍ଲା ସଦର ମହକୁମାରେ ଏକ 'ମେଗା ତ୍ରିରଙ୍ଗା ରାଲି' ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୪ ଅଗଷ୍ଟରେ ଦେଶ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ ଅବସରରେ ସମସ୍ତ କାର୍ଯ୍ୟାଳୟରେ ୨ ମିନିଟ୍ ନୀରବ ପ୍ରାର୍ଥନା ସହ କ୍ୟାଣ୍ଡେଲ୍ ମାର୍ଚ୍ଚ ଆୟୋଜିତ ହେବ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସମସ୍ତ ଜିଲ୍ଲାବାସୀଙ୍କୁ ଏକାନ୍ତ ନିବେଦନ କରିଛନ୍ତି ଯେ, "ଘରେ ଘରେ ତ୍ରିରଙ୍ଗା" କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ପ୍ରତ୍ୟେକ ଭାରତୀୟଙ୍କ ଗର୍ବ ଏବଂ ଗୌରବର ପ୍ରତୀକ । ତେଣୁ ଜିଲ୍ଲାର ପ୍ରତ୍ୟେକ ନାଗରିକ, ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ, ବ୍ୟବସାୟୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ ନିଜ ନିଜ ବାସଭବନ ଓ ପ୍ରତିଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରି ଏହି ଜାତୀୟ ମହୋତ୍ସବରେ ବ୍ୟାପକ ସଂଖ୍ୟାରେ ସାମିଲ୍ ହୁଅନ୍ତୁ ଏବଂ ଦେଶପ୍ରେମର ଅପୂର୍ବ ନିଦର୍ଶନ ସୃଷ୍ଟି କରନ୍ତୁ । ଏହି ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଉପସ୍ଥିତ ରହି 'ଘରେ ଘରେ ତ୍ରିରଙ୍ଗା ' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କହିଥିଲେ ।



## ଶ୍ରମ ସଚିବଙ୍କ ପାଖରେ ଭାରତୀୟ ମଜ୍‌ଦୁର ସଂଘର ଫେରାଦ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ମଜଦୁର ସଂଘ ପରିଚାଳିତ ଓଡ଼ିଶା କୃଷି ଏବଂ ଗ୍ରାମୀଣ ମଜଦୁର ସଂଘ, କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ଓ ବିଶ୍ୱକର୍ମା ମଜଦୁର ସଂଘ ବିଗତ ଦିନରେ ବିଭାଗୀୟ ମନ୍ତ୍ରୀଙ୍କୁ ଲିଖିତ ଭାବେ ଦେଇଥିଲେ ସୁଦ୍ଧା ପଦକ୍ଷେପ ନନେବାରୁ ପୁଣି ଶ୍ରମ ସଚିବ, ଭୁବନେଶ୍ୱର ଓ ଶ୍ରମ କମିଶନରଙ୍କୁ ଏବଂ ଭାରତୀୟ ମଜଦୁର ସଂଘ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ କଲ୍ୟାଣ ସଦସ୍ୟ ଲକ୍ଷ୍ମଣ ଦାସଙ୍କୁ ଭେଟି ନବରଙ୍ଗପୁର ଜିଲ୍ଲାର ଶ୍ରମ କାର୍ଯ୍ୟାଳୟ ସମସ୍ୟା ବିଷୟରେ ଅବଗତ କରାଯାଇଛି । ସହକାରୀ ଶ୍ରମଅଧିକାରୀ ସଂଗ୍ରାମ ଭୂମିଆ, ପାପଡାହାଣ୍ଡି ବ୍ଲକ ଓ ମୀନା କୁମାରୀ ମାଝୀ, ଡାବୁଗାଁ ବ୍ଲକ ବର୍ଷ ବର୍ଷ ଧରି ରିନୁଆଲ ନୂତନ କାର୍ଡ ପ୍ରୋଫାଇଲ ପଡିରହିଛି ଫଳରେ ଶ୍ରମିକମାନେ ନା ନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ସହକାରୀ ଶ୍ରମ ଅଧିକାରୀମାନେ ବିଳମ୍ବରେ ଅଫିସ ଆସୁଥିବା ଯୋଗୁ ଶ୍ରମିକମାନେ ହଇରାଣ ହେଉଛନ୍ତି । ଜିଲ୍ଲାର ଶ୍ରମଅଧିକାରୀ, ସହକାରୀ ଶ୍ରମଅଧିକାରୀ ମାନଙ୍କୁ ମୃତ୍ୟୁ ଓ ବିବାହ ସହାୟତା ରାଶି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲାପରେ ମଧ୍ୟ ସେମାନେ କାର୍ଯ୍ୟରେ ଅବହେଳା କରି ଚାରି ପାଞ୍ଚ ମାସ ତଦନ୍ତ କରି ନିଜ ପାଖରେ ରଖି ଜିଲ୍ଲା ଶ୍ରମଅଧିକାରୀଙ୍କୁ ପଠାଉନାହାନ୍ତି ଯାହାଦ୍ୱାରା ସହାୟତା ରାଶି ପାଇବାରୁ ଶ୍ରମିକମାନେ ବଞ୍ଚିତ ହେଉଛନ୍ତି । ସହକାରୀ ଶ୍ରମଅଧିକାରୀ ସଂଗ୍ରାମ ଭୂମିୟା ନୂତନକାର୍ଡ ୪୦୪୧ ଓ ରିନୁଆଲ ୪୬୫୭ ବକେୟା ରହିଥିବାବେଳେ ମିନାକୁମାରୀ ମାଝୀ ନୂତନ କାର୍ଡ ୨୪୭୦ ରିନୁଆଲ ୧୮୪୧ ବକେୟା ଏବଂ ମାନସରଞ୍ଜନ ଖସଲା ନୂତନ କାର୍ଡ ୧୦୬୩ ରିନୁଆଲ ୧୪୦୧ବର୍ଷ ଧରି ପଡିରହିଛି । ଏହି ୩ଜଣ ସହକାରୀ ଶ୍ରମଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ଭାରତୀୟ ମଜଦୁର ସଂଘ ପରିଚାଳିତ ଏଥରେସନ ସଦସ୍ୟ ତରଫରୁ ଦାବି କରାଯାଇଛି । ଦାବି ପୂରଣ ନହେଲେ ଆଗାମୀଦିନରେ ସଂଘ ତରଫରୁ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

## କଟକ, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲା ଅବକାରୀ ସିପାହୀ ସଂଘ ନିର୍ବାଚନ



**କଟକ, ନ୍ୟୁଜ୍ ବ୍ୟୁରୋ**

କୃଷକ ବଜାର ସ୍ଥିତ କଟକ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଠାରେ ଜିଲ୍ଲା ଅବକାରୀ ସିପାହୀ ସଂଘର ଦ୍ୱିବାର୍ଷିକ ସାଧାରଣସଭା ଓ କାର୍ଯ୍ୟ ନିର୍ବାହୀ ପରିଷଦର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ କଟକ, କେନ୍ଦ୍ରାପଡ଼ା ଏବଂ ଯାଜପୁର ଜିଲ୍ଲାର ଅବକାରୀ ବିଭାଗ ସିପାହୀ ଭାଇଭଉଣୀ ମାନେ ଅଂଶଗ୍ରହଣ କରିଥିଲେ । ଏହି ନିର୍ବାଚନରେ ନିର୍ବାଚିତ ହୋଇଥିବା ପ୍ରତିନିଧି କର୍ମକର୍ତ୍ତାମାନେ ହେଲେ– ସଭାପତି ଆଶିଷ କୁମାର ପ୍ରଧାନ (କଟକ), ଉପସଭାପତି ଶିଶିର ପ୍ରଧାନ (ଯାଜପୁର), ସମ୍ପାଦକ ରମାକାନ୍ତ ରାଉତ (କଟକ), ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ଘଡ଼େଇ (କେନ୍ଦ୍ରାପଡ଼ା), କୋଷାଧ୍ୟକ୍ଷ ରଞ୍ଜିତ୍ ମହାନ୍ତି (କଟକ) । ଏହି ନିର୍ବାଚନକୁ ମାନନୀୟ ଅବକାରୀ ଅଧିକ୍ଷକ, କଟକଙ୍କ ଦ୍ୱାରା ନିୟୋଜିତ ଅବକାରୀ ନିରୀକ୍ଷକ କମଳ ଲୋଚନ ପାଇକରାୟଙ୍କୁ ନିର୍ବାଚନ ଅଧିକାରୀ ଭାବେ ଏବଂ ଅବକାରୀ ନିରୀକ୍ଷକ ଭକ୍ତବତ୍ସଳ ବର୍ମାଙ୍କୁ ନିର୍ବାଚନର ପୁଲିଂ ଅଧିକାରୀ ଭାବେ ନିୟୋଜିତ କରାଯାଇଥିଲା । ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ସଂଘ ସମ୍ବିଧାନ ପ୍ରତି ବିଶ୍ୱାସ ଓ ଗୋପନୀୟତାର ଶପଥ ପାଠ କରାଇଲେ ।

## ସି.ପି.ଆଇର ଜନ ସମ୍ପର୍କ ପଦଯାତ୍ରା ଓ ପଥପ୍ରାନ୍ତ ସଭା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ରବିବାର ଦିନ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରମ୍ଭା ଶାଖା ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଓ ପଥପ୍ରାନ୍ତ ସଭା ଗଞ୍ଜାମ ଜୋନାଲ ସମ୍ପାଦକ ଜେ. ଭାସ୍କର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଡବଲ୍ ଇଞ୍ଜିନ ସରକାରଙ୍କ ନୀତି-ଗତି-ମତିରେ ଏବେ ଦେଶ ପରିବର୍ତ୍ତନ ଚାହୁଁଚି । ସେଥିପାଇଁ ପ୍ରତ୍ୟେକ ଜନତା ଦେଶର ଉନ୍ନତି ନିମନ୍ତେ ଚିନ୍ତା କରିବାର ବେଳ ଆସିଛି ବୋଲି ବିଭିନ୍ନ ବକ୍ତା ଭିନ୍ନ ଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ରମ୍ଭା ଆଖଣ୍ଡଳମଣି ଠାରୁ ସ୍ଥାନୀୟ ଏନ୍.ଏ.ସି ପର୍ଯ୍ୟନ୍ତ ରାଜପଥ ଉପରେ ଦଳୀୟ ନେତା ସହିତ କର୍ମୀମାନେ ପ୍ଲାକାଡ, ବ୍ୟାନର ସ୍ଲୋଗାନ ଦେଇ ଯାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ପୂର୍ବତନ ବିଧାୟକ ତଥା ଜାତୀୟ କମିଟି ସଭ୍ୟ ଏନ୍. ନାରାୟଣ ରେଡ଼ି, ଶ୍ରମିକ ନେତା ଜିଲ୍ଲା ସହ ସମ୍ପାଦକ ପ୍ରଦୀପ ସେଠି, ନାରୀନେତ୍ରୀ ଏନ୍. ଭାନୁମତି ରେଡ଼ି, ସିମାଞ୍ଚଳ ପଲେଇ, ଗୁରୁନାଥ ପ୍ରଧାନ, ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ୍. ଗିରିଜା ପ୍ରସାଦ ରେଡ଼ି, ସି.ଏଚ୍ ଜନାର୍ଦ୍ଦନ ରେଡ଼ି, କାଉନ୍‌ସିଲର କ୍ଷେତ୍ରମୋହନ ବେହେରା, ଦୁର୍ଯ୍ୟୋଧନ ପ୍ରଧାନ, ରଜନୀକାନ୍ତ ବେହେରା, ଜୟ ମହାପାତ୍ର, ଏମ୍. ରାମଚନ୍ଦ୍ର ପାତ୍ର, ଘନଶ୍ୟାମ ନାହାକ, ଭୋବନି ନାୟକ, ନନ୍ଦ କିଶୋର ବେହେରା, କବିରାଜ, ପୂର୍ଣ୍ଣ ପଲେଇ, ବେନି ବେହେରା, ଚକ୍ରପାଣି ରେଡ଼ି, ରଘୁନାଥ ବେହେରା, ଦେବସ ନାୟକ, ନବୀନ ଗୌଡ଼ ପ୍ରମୁଖ ଶତାଧିକ ଦଳୀୟ କର୍ମୀ ପଦଯାତ୍ରାରେ ସାମିଲ୍ ହୋଇଥିଲେ ।

## ସମରସତା ସଂକଳ୍ପ ଅଭିଯାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସନ୍ଥ ସିରୋମଣି ଶ୍ରୀ ଗୁରୁ ରବିଦାସ ଜୀଙ୍କ ୬୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ 'ସମରସତା ସଂକଳ୍ପ ଅଭିଯାନ'ରେ ବୌଦ୍ଧ ବଲାସିଙ୍ଗାରୁ ଯାଇଥିବା ପୁଣ୍ୟ ମୃତ୍ତିକା ଏବଂ ସନ୍ଥ ରବିଦାସଙ୍କ ଜନ୍ମସ୍ଥଳୀ ଉତ୍ତର ପ୍ରଦେଶର ବାରାଣସୀ (କାଶୀ) ନିକଟସ୍ଥ ସିଅର ଗୋବର୍ଦ୍ଧନପୁର ଗ୍ରାମରୁ ଆସିଥିବା ପୁଣ୍ୟ ମୃତ୍ତିକାକୁ ମିଶ୍ରଣ କରି ତାହା ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରୁ କଳସ ଯୋଗେ ରାଜ୍ୟର ସମସ୍ତ ଜିଲ୍ଲାକୁ ପ୍ରେରଣ କରାଯାଇଥିଲା । ସେହି କଳସ ବୌଦ୍ଧ ଜିଲ୍ଲାରେ ପହଞ୍ଚିବା ପରେ ବୌଦ୍ଧ ବାପୁଜୀ ନଗର ଠାରେ ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଉପସ୍ଥିତିରେ ନଗର ପରିକ୍ରମା କରାଯାଇଥିଲା । ଶେଷରେ କଳସକୁ ବଲସିଙ୍ଗା ସ୍ଥିତ ମହୁଲ ମୂଳ ପିଠରେ ରଖାଗଲା । ପରବର୍ତ୍ତି ସମୟରେ ଏହା ସମଗ୍ର ଜିଲ୍ଲାରେ ଭ୍ରମଣ କରିବ । ଉକ୍ତ କାର୍ଯ୍ୟକ୍ରମରେ ଅନୁସଚିତ ଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ରାମଚନ୍ଦ୍ର ତାଣ୍ଡି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ରଚରଣ ମହାନ୍ତି, ଜିଲ୍ଲା ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ ଏବଂ ଦଳର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



## ବନ୍ୟାଞ୍ଚଳରେ ଆନନ୍ଦ ମାର୍ଗର ରିଲିଫ୍ ବଣ୍ଟନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଗତ ଜୁଲାଇ ମାସର ଶେଷ ସପ୍ତାହରେ ପ୍ରବଳ ବର୍ଷା ଯୋଗୁ ପଟ୍ଟାମୁଣ୍ଡାଇ ବ୍ଲକର ବ୍ରାହ୍ମଣୀ ଓ କାଣୀ ନଦୀର ଭୟଙ୍କର ବନ୍ୟା ତଥା ଖରସ୍ରୋତା ନଦୀର ସାଖା କଣ୍ଟିଆନାଳ ଜଳ ସ୍ରୋତର ଉପଦ୍ରବ ଫଳରେ ସିହିଁ ଗାଁ ପଞ୍ଚାୟତର ସେଠୀ ସାହିର ୯,୧୦ ନମ୍ବର ୱାର୍ଡ, ଜେନା ସାହି ଓ ମଳିକ ସାହିର ୧୧,୧୨ ୱାର୍ଡ, ପାଣିସାଉଳିଆ ଗାଆଁ ତଥା ଅଳପୁଆ ପଞ୍ଚାୟତ ମାନଙ୍କରେ ଜଳ ପ୍ରବାହିତ ହେବା ଯୋଗୁ ଲୋକେ ଅକଥନୀୟ ଦୁଃଖରେ କାଳାତିପାତ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆନନ୍ଦ ମାର୍ଗ ୟୁନିଭରସାଲ୍ ରିଲିଫ ଟିମ୍ କେନ୍ଦ୍ରାପଡା ସାଖା ତରଫରୁ ଉପରୋକ୍ତ ପଞ୍ଚାୟତରେ ସାହାଯ୍ୟ ଆବଶ୍ୟକ କରୁଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ପଦାର୍ଥ ଯଥା- ଚୁଡ଼ା, ଗୁଡ଼, ବିସ୍କୁଟ ଆଦି ଆବଣ୍ଟନ କରାଯାଇଥିଲା । ଉକ୍ତ ରିଲିଫ୍ କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ନଟବର ବେହେରା, ଆଚାର୍ଯ୍ୟ ବିକାଶାନନ୍ଦ ଅବଧୂତ, ଆଚାର୍ଯ୍ୟ ଜୟଦୀପାନନ୍ଦ ଅବଧୂତ, ବରିଷ୍ଠ ମାଗ୍ରୀ ହର୍ଷବର୍ଦ୍ଧନ ଲେଙ୍କା, ଅବଧୂତୀକା ଆନନ୍ଦ ସଙ୍ଘମୀତ୍ରା ଆଚାର୍ଯ୍ୟା, ଅବଧୂତୀକା ଆନନ୍ଦ ସୁଧୀରା ଆଚାର୍ଯ୍ୟା, ମାର୍ଗୀ ରାଜେଶ ଓଝା, ସତ୍ୟଜିତ, ଗଣେଶ ପରିଡ଼ା, ଅନୁରାଧା, କବିତା, ପ୍ରତିମା ତଥା ତାରା ସୁଚାରୁ ରୂପେ ପରିଚାଳନା କରୁଥିଲେ ।

## ପିଏମ୍ ସୂର୍ଯ୍ୟ ଘର ଯୋଜନାର କାର୍ଯ୍ୟକାରିତା ନେଇ ଭେଣ୍ଡର ସମ୍ମିଳନୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ନିଜର ସେବାଯୋଗାଣ ଅଞ୍ଚଳଗୁଡ଼ିକରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ଏବଂ ରୁଫ୍‌ଟପ୍ ସୋଲାର୍ ଆପଣାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆର୍‌ଇସିର ତତ୍ତ୍ୱାବଧାନରେ ନିଜର ଅକ୍ଷୟ ଶକ୍ତି ସେଲ୍ ମାଧ୍ୟମରେ ଭୁବନେଶ୍ୱର ସ୍ଥିତ ଟିପିସିଓଡିଏଲ୍ ମ୍ୟାନେଜ୍‌ମେଣ୍ଟ ଡେଭଲପ୍‌ମେଣ୍ଟ ସେଣ୍ଟରରେ ଏକ ଭେଣ୍ଡର ସମ୍ମିଳନୀର ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଜଣ ତାଲିକାଭୁକ୍ତ ଭେଣ୍ଡର ଯୋଗଦେଇଥିଲେ । ଯେଉଁଥିରେ ଭର୍ଚୁଆଲ୍ ମାଧ୍ୟମରେ ଯୋଡ଼ିହୋଇଥିବା ୧୯୦ ଜଣ ପ୍ରତିନିଧି ଅନ୍ତର୍ଭୁକ୍ତ ଥିଲେ ।



ରୁଫ୍‌ଟପ୍ ସୋଲାର୍ ସିଷ୍ଟମ୍‌ର ସହଜ ଏବଂ ବ୍ୟାପକ ସ୍ତରରେ ପ୍ରସାର ପାଇଁ ଦେଖାଯାଉଥିବା ଆହ୍ୱାନ୍ ଗୁଡ଼ିକର ସମାଧାନ କରିବା, ସଂସ୍ଥାପନ ପ୍ରକ୍ରିୟାକୁ ସହଜ କରିବା, ଗୁଣବତ୍ତା ମାନ ବଜାୟ ରଖିବା ଏବଂ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ଉପରେ ଏହି ଆଲୋଚନାଗୁଡ଼ିକ ପର୍ଯ୍ୟବସିତ ଥିଲା । ଏହି ଅଧିବେଶନ ପରିଚାଳନାଗତ ଆହ୍ୱାନଗୁଡ଼ିକର ବ୍ୟାବହାରିକ ସମାଧାନ, ସମନ୍ୱୟରେ ସୁଧାର ଏବଂ ଉପଭୋକ୍ତା ଅନୁଭୂତିରେ ଉନ୍ନତି ଆଣିବା ପାଇଁ ମିଳିତ ଆଲୋଚନାର ଏକ ମଞ୍ଚ ପ୍ରଦାନ କରିଥିଲା । ବର୍ଷା ଦିନ ଚାଲିଥିବାରୁ, ଶ୍ରମିକ ଏବଂ ଉପଭୋକ୍ତାମାନଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ସୁରକ୍ଷା ନିୟମାବଳୀର କଡ଼ାକଡ଼ି ପାଳନ ଏବଂ ନିରାପଦ ସଂସ୍ଥାପନ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲା । ଭାରତ ସରକାରଙ୍କ ସ୍ୱଚ୍ଛ ଶକ୍ତିର ପ୍ରସାର ଲକ୍ଷ୍ୟକୁ ସଫଳ କରିବା ପାଇଁ କାର୍ଯ୍ୟର ଗୁଣବତ୍ତା, ସୁରକ୍ଷା ଏବଂ ସମୟ ଭିତରେ କାମ ଶେଷ କରିବା ଉପରେ ଟିପିସିଓଡିଏଲ୍‌ର ଅଧିକାରୀମାନେ ବିଶେଷ ଗୁରୁତ୍ୱ ଦେଇଥିଲେ ।

## ଯୁବ ସମାଜକୁ କ୍ରାନ୍ତି ଦିବସର ଆହ୍ୱାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଭାରତର ଯୁବ ସମାଜ ଏବେ ଦେଶବାସୀଙ୍କର ଆଖି ଖୋଲି ଦେଇଛନ୍ତି । ଭାରତରେ ଗଣତନ୍ତ୍ରର ଭବିଷ୍ୟତ ଯେ ଉଜ୍ଜ୍ୱଳ ସାମ୍ପ୍ରତିକ ଘଟଣାବଳୀ ଏହା ପ୍ରମାଣିତ କରିଥିବା ବେଳେ ଦେଶର ବୁଦ୍ଧିଜୀବୀ ଓ ସମସ୍ତ ବର୍ଗର ଦେଶପ୍ରେମୀ ଜନସାଧାରଣ ଏ ଦିଗରେ ଯୁବ ସମାଜକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ଦରକାର ବୋଲି କ୍ରାନ୍ତି ଦିବସ ଅବସରରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଏବଂ ଭାରତୀୟ ଶାନ୍ତି ଓ ସଂହତି ସଂଘ (ଇସ୍କଫ୍) ଆନୁକୁଲ୍ୟରେ ଅନୁଷ୍ଠିତ ଭାରତରେ ଯୁବ ଉଦ୍ ବେଳେ ଓ କ୍ରାନ୍ତି ଦିବସର ଆହ୍ୱାନ ଶୀର୍ଷକ ଆଲୋଚନା ଚକ୍ରରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡାଙ୍କ ପରିଚାଳନାରେ ଗରାପୁର ସ୍ଥିତ ଡାକବଙ୍ଗଳା ପରିସରରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ପୂର୍ବତନ ମନ୍ତ୍ରୀ ତଥା ଇସ୍କଫ୍‌ର ରାଜ୍ୟ ସଭାପତି ଶଶୀଭୂଷଣ ବେହେରା ମୁଖ୍ୟ ଅତିଥି, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଏବଂ ଅଧ୍ୟାପକ ଅଜୟ ସାମଲ ସମ୍ମାନିତ ଅତିଥି ଓ ଇସ୍କଫ୍‌ର ଜିଲ୍ଲା ସଭାପତି ଡଃ ବାସୁଦେବ ଦାସ ମୁଖ୍ୟ ଆଲୋଚକ ରୂପେ ଯୋଗଦେଇ ଥିଲେ । ସଙ୍ଗଠନର ସମ୍ପାଦକ ଆଦିକନ୍ଦ ରାଉଳ ଆଲୋଚନାର ଭିତ୍ତିପତ୍ର ଉପସ୍ଥାପନ କରିଥିବା ବେଳେ ଅଭିମନ୍ୟୁ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକା ଅବନ୍ତୀ ବେହେରା, କବି ନିରୁପମା ଦାସ, ରବୀନ୍ଦ୍ର ପ୍ରସାଦ ଜେନା, ରମଣୀ ରଞ୍ଜନ ରାଉତରାୟ, ମହେନ୍ଦ୍ର ପଟ୍ଟନାୟକ, ପ୍ରଫୁଲ୍ଲ ଦାସ, ଗୟାଧର ଧଳ, ମୁକ୍ତାର ଖାଁ, ଫକୀର ଚରଣ ଖଟୁଆ, ସରୋଜକାନ୍ତ ନାୟକ, ଶରତ ରାଉତ, ଅଶୋକ କୁମାର ସାହୁ, ଶ୍ରୀଧର ମହାନ୍ତି, ବିକ୍ରମ ସାମଲ, ତପନ ଦାଶ, ଦେବାଶିଷ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ କେନ୍ଦ୍ରାପଡ଼ାରେ ଗାନ୍ଧିଜୀଙ୍କ ରହଣୀସ୍ଥଳ ଗରାପୁର ଡାକବଙ୍ଗଳାକୁ ଗାନ୍ଧୀ ସ୍ମୃତି ଭବନ ରୂପେ ଘୋଷଣା କରିବାକୁ ସଂଗଠନ ପକ୍ଷରୁ ସରକାରଙ୍କ ପାଖରେ ଦାବି କରାଯାଇଛି ।



## ଜଙ୍ଗଲରୁ ୧୩୦ କେଜି ଗଞ୍ଜେଇ ଜବତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଅନ୍ତର୍ଗତ ଆମ୍ବଝରୀ ପଞ୍ଚାୟତର ଝାଙ୍କରପଡ଼ା ଅଞ୍ଚଳର ଏକ ଜଙ୍ଗଲରୁ ବୌଦ୍ଧ ଥାନା ଅବକାରୀ ବିଭାଗ ୧୩୦ କେଜି ଗଞ୍ଜେଇ ଜବତ କରିଛି । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସକାଳେ ଅବକାରୀ ବିଭାଗର ଏକ ଟିମ୍ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା । ଏହି ସମୟରେ ଝାଙ୍କରପଡ଼ା ନିକଟସ୍ଥ ଜଙ୍ଗଲରେ ସନ୍ଦେହଜନକ ଭାବେ ତିନି ବସ୍ତା ଗଞ୍ଜେଇ ରଖାଯାଇଥିବା ଟିମ୍‌ର ନଜରକୁ ଆସିଥିଲା । ଯାଞ୍ଚ ପରେ ସେଠାରୁ ୧୩୦ କେଜି ଗଞ୍ଜେଇ ଜବତ କରାଯାଇଥିଲା । ତେବେ ଘଟଣାସ୍ଥଳରୁ କୌଣସି ବ୍ୟକ୍ତି ଧରାପଡ଼ିନଥିବା ଜଣାପଡ଼ିଛି । ଜଙ୍ଗଲରେ ଗଞ୍ଜେଇ ରଖିଥିବା ବ୍ୟକ୍ତି କିମ୍ବା ଏହା ପଛରେ ଥିବା ଚାଲାଣକାରୀଙ୍କୁ ଚିହ୍ନଟ କରିବାକୁ ବିଭାଗ ପକ୍ଷରୁ ଉଦ୍ୟମ ଚାଲିଛି । ଭାରପ୍ରାପ୍ତ ବୌଦ୍ଧ ଅବକାରୀ ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ କନେଷ୍ଟବଳ ଲୋକନାଥ ଭୋଇ, କୈଳାଶ ଚନ୍ଦ୍ର ସାହୁ ଓ ନିରଞ୍ଜନ ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।

## ଅଧିକାର, ପରମ୍ପରା ଓ ସଂସ୍କୃତିର ସୁରକ୍ଷା ପାଇଁ ଏକାଠି ହେଲେ ସହସ୍ରାଧିକ ଆଦିବାସୀ

**ରାଇଘର, ନ୍ୟୁଜ୍ ବ୍ୟୁରୋ**



ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ପାଳିତ ହୋଇଛି ବିଶ୍ୱ ଆଦିବାସୀ ଦିବସ । ଏହି ଅବସରରେ ହଜାର ହଜାର ମୂଳନିବାସୀ ଆଦିବାସୀ ଏକତ୍ରିତ ହୋଇ ନିଜର ଅଧିକାର, ପରମ୍ପରା ଓ ସଂସ୍କୃତିର ସୁରକ୍ଷାର ବାର୍ତ୍ତା ଦେଇଛନ୍ତି । ବିଶ୍ୱ ଆଦିବାସୀ ଦିବସ ଅବସରରେ ରାଇଘରରେ ଦେଖିବାକୁ ମିଳିଥିଲା ଆଦିବାସୀ ସମାଜର ଏକତା ଓ ଉତ୍ସାହ । ହଜାର ହଜାର ମୂଳନିବାସୀ ଆଦିବାସୀ ଲୋକେ ଏକତ୍ରିତ ହୋଇଥିଲେ । ମାଉଳି ମା' ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିର ନିକଟ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା । ପାରମ୍ପରିକ ବେଶଭୂଷା, ନୃତ୍ୟ ଓ ବାଦ୍ୟର ତାଳେ ତାଳେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଅନେକ ଆଦିବାସୀ ସମୁଦାୟର ଲୋକେ । ବସ୍‌ଷ୍ଟାଣ୍ଡ ଠାରେ ପହଞ୍ଚିବା ପରେ ଆୟୋଜିତ ହୋଇଥିଲା ସଭା କାର୍ଯ୍ୟକ୍ରମ । ଏହି ସଭାରେ ଆଦିବାସୀ ସମାଜର ଅଧିକାର, ସଂସ୍କୃତି, ପରମ୍ପରା ଓ ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ନେଇ ଆଲୋଚନା କରାଯାଇଥିଲା । ଆଦିବାସୀ ସମାଜର ଭାଷା, ପରମ୍ପରା ଓ ସାଂସ୍କୃତିକ ପରିଚୟକୁ ସୁରକ୍ଷିତ ରଖିବା ସହ ଆଗାମୀ ପିଢ଼ିକୁ ନିଜ ଐତିହ୍ୟ ସହ ଯୋଡ଼ି ରଖିବା ପାଇଁ ଏହି ଦିବସରେ ଆହ୍ୱାନ ଦିଆଯାଇଥିଲା । ରାଇଘରରେ ହଜାର ହଜାର ଆଦିବାସୀଙ୍କ ଉପସ୍ଥିତି ଓ ବିଶାଳ ଶୋଭାଯାତ୍ରା ମଧ୍ୟରେ ପାଳିତ ହୋଇଛି ବିଶ୍ୱ ଆଦିବାସୀ ଦିବସ । ଏହି ଆୟୋଜନ ମାଧ୍ୟମରେ ଆଦିବାସୀ ସମାଜର ଏକତା, ପରମ୍ପରା ଓ ଅଧିକାରର ସ୍ୱର ଆହୁରି ଦୃଢ଼ ହୋଇଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମରେ ଜନଜାତି ବିକାଶ ପରିଷଦ ସଭାପତି ସୁବ୍ରନ ଗଣ୍ଡ, ଗଣ୍ଡୱାନା ବିକାଶ ମଣ୍ଡଳ ସମ୍ପାଦକ ଭାଦୁରାମ ଗଣ୍ଡ, ବିଶ୍ୱ ଆଦିବାସୀ ଦିବସ ପରିଚାଳନା ସଭାପତି ମଣିରାମ ଗଣ୍ଡ, ଗଣ୍ଡୱାନା ବିକାଶ ମଣ୍ଡଳ ସଭାପତି ଲଛମନ ନାୟକ, ବିକାଶ ପରିଷଦ ସମ୍ପାଦକ ଧନୁରାମ ଗଣ୍ଡ, ସୁଦର୍ଶନ ମାଝୀ, ଜେ.ଏସ୍.ଏସ୍ ସଭାପତି ନକୁଳ ଗଣ୍ଡ, ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ହାତୀଗାଁ ସରପଞ୍ଚ ମହେଶ ଗଣ୍ଡ, ଧନୁରାମ ଗଣ୍ଡ, ସୁବଳନ ଶାନ୍ତା, ନବ କିଶୋର ଗଣ୍ଡ, ବିଜୟ ଗଣ୍ଡ, ସୋଭାସିଂ ଗଣ୍ଡ, ଯତୀନ୍ଦ୍ର ନାଥ ଗଣ୍ଡ, ଶୁକଦେବ ଗଣ୍ଡ, ରାୟ ସିଂ ଗଣ୍ଡ, ଉପେନ୍ଦ୍ର ଗଣ୍ଡ, ନବ କିଶୋର ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।





# ଏସ୍‌ସିବିରେ ଔଷଧ ରଖିବାକୁ ଜାଗା ନାହିଁ:ନଷ୍ଟ ହେଉଛି ପେଟି ପେଟି ମେଡ଼ିସିନ୍ ଓ ଇଞ୍ଜେକ୍ସନ୍

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଏସ୍‌ସିବି ମେଡିକାଲ୍‌ର ବିଭିନ୍ନ ବିଭାଗର ଆଉଟ୍‌ଡୋର୍, ୱାର୍ଡ, ଆଶୁ ଚିକିତ୍ସା କେନ୍ଦ୍ରରେ ଦିନକୁ ୧୦ ହଜାରରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି । ବିଡ଼ମ୍ବନା ହେଉଛି, ରୋଗୀଙ୍କ ଚିକିତ୍ସାରେ ବ୍ୟବହୃତ ଜୀବନ ରକ୍ଷାକାରୀ ଔଷଧ, ଇଞ୍ଜେକ୍ସନ୍ ଆଦି ରଖିବାକୁ ବଡ଼ ଡାକ୍ତରଖାନାରେ ଜାଗା ଅଭାବ । ଟିଣ ଛାତ ତଳେ ଇଞ୍ଜେକ୍ସନ୍ ମହଜୁଦ ରହୁଥିବା ବେଳେ ପୂର୍ତ୍ତ ବିଭାଗ ଘୋଷଣା କରିଥିବା ବିପଦପୂର୍ଣ୍ଣ କୋଠା ପୁରୁଣା ଆଉଟ୍‌ଡୋର୍‌ର ପରିତ୍ୟକ୍ତ ସ୍ଥାନରେ ସାଲାଇନ୍ ଓ ବିଭିନ୍ନ ଫ୍ଲୁଇଡ୍ ଗଦା ହୋଇଛି । ତେଣୁ ଔଷଧର ଗୁଣବତ୍ତା ବଜାୟ ରହିବା ନେଇ ସନ୍ଦେହ ପ୍ରକାଶ ପାଇଛି । ଏସ୍‌ସିବି ପରିସରରେ ଥିବା ଓଡ଼ିଶା ଷ୍ଟେଟ୍ ମେଡିକାଲ୍ କର୍ପୋରେସନ୍ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ୍)ର ଗୋଦାମ୍‌ରେ ଔଷଧ ରଖିବାକୁ ମଧ୍ୟ ଜାଗା ଅଭାବ । ଫଳରେ ଏସ୍‌ସିବି ଠାରୁ ୨୫ କିମି ଦୂର ଚୌଦ୍ୱାର କଜଳକଣା ଅଞ୍ଚଳରେ ଏକ ଭଡ଼ା ଘର ନେଇ ସେଠାରେ ସରକାରୀ ଔଷଧ ଗଚ୍ଛିତ ରଖାଯାଉଛି । ଠା’କୁ ଠା’ ଗଚ୍ଛିତ ଥିବା ଔଷଧ, ଉପକରଣ ମଧ୍ୟରେ ରୋଗୀଙ୍କୁ ଯୋଗାଣ ପାଇଁ ଥିବା ବିଭିନ୍ନ ଟାବ୍‌ଲେଟ୍, କ୍ୟାପ୍‌ସୁଲ୍, ଅପରେସନ୍‌ରେ ବ୍ୟବହୃତ ସୂତା, ମାସ୍କ, ହେଡ୍ କ୍ୟାପ୍ ଓ ଆପ୍ରନ୍ ଆଦି ଅଧୀକ୍ଷକଙ୍କର ପୁରୁଣା କାର୍ଯ୍ୟାଳୟରେ ଗଦା ହୋଇଛି । ସିରିଞ୍ଜ, ଗ୍ଲୋଭ୍ସ, ତୁଳା, ଗଜ୍, ବ୍ୟାଣ୍ଡେଜ୍, ସ୍ପିରିଟ୍, ବେଟାଡିନ୍ ଆଦି ଅଧୀକ୍ଷକଙ୍କ ନୂଆ କାର୍ଯ୍ୟାଳୟର କିଛି ପ୍ରକୋଷ୍ଠରେ ଗଚ୍ଛିତ ରହିଛି । ସେହିପରି ଏହି ଅଫିସର ଅନ୍ୟ କିଛି ପ୍ରକୋଷ୍ଠରେ ନନ୍‌ଟେକ୍ନିକାଲ୍ ଷ୍ଟୋର୍‌ରେ ସୋଡ଼ା, ସାବୁନ, ଓଟି ଲାଇଟ୍, ଆଦି ଷ୍ଟେସନାରୀ ସାମଗ୍ରୀ ଗଦା ହୋଇଛି । ଇଞ୍ଜେକ୍ସନ୍ ଗୁଡ଼ିକ ୨୫ ଡିଗ୍ରୀରୁ କମ୍ ତାପମାତ୍ରାରେ ଗଚ୍ଛିତ ରହିବା କଥା । ନଚେତ୍ ଏହାର ଗୁଣବତ୍ତା ରହିବନାହିଁ ବୋଲି ଫାର୍ମାସୀ ଅଫିସରମାନେ କହିଛନ୍ତି । ସେହିପରି ସାଲାଇନ୍ ବୋତଲ ଓ ଅନ୍ୟାନ୍ୟ ଫ୍ଲୁଇଡ୍‌ଗୁଡ଼ିକ ଚଟାଣରେ ପଡ଼ିରହିଥିବାରୁ



ସେଥିରେ ଫଙ୍ଗସ୍ ସଂକ୍ରମଣ ହେବାର ଆଶଙ୍କା ରହିଛି । ଫଙ୍ଗସ୍ ଯୁକ୍ତ ସାଲାଇନ୍ ରୋଗୀଙ୍କୁ ଦିଆଗଲେ ଏହା ହାନିକାରକ ବୋଲି ଏସ୍‌ସିବିର ଜଣେ ବରିଷ୍ଠ ଭେଷଜ ବିଜ୍ଞାନୀ କହିଛନ୍ତି । ପେଟି ପେଟି ଔଷଧ, ଇଞ୍ଜେକ୍ସନ୍ ଆଦି ଚଟାଣରେ ପଡ଼ି ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି । ଏଗୁଡ଼ିକ ସଫା ନକରି ସେହି ଗଦା ଉପରେ ପୁଣି ନୂଆ ଔଷଧ ଗଚ୍ଛିତ ରଖାଯାଉଛି । ଡାୟାଲିସିସ୍‌ରେ ବ୍ୟବହାର ହେଉଥିବା ତରଳ ରାସାୟନିକ ଫ୍ଲୁଇଡ୍‌ର ମାସିକିଆ କୋଟା ହିସାବରେ ରାଜ୍ୟସାରା କିଡ୍‌ନୀ ରୋଗୀ ବିଭିନ୍ନ ସମୟରେ ଏସ୍‌ସିବିରୁ ଆସି ନେଉଛନ୍ତି । ଉକ୍ତ ଫ୍ଲୁଇଡ୍ ରଖିବାକୁ ଜାଗା ନଥିବାରୁ କାଜୁଆଲିଟି ସାମ୍ନାରେ ଥିବା ରେକର୍ଡ ରୁମ୍ ପାଇଁ ତିଆରି ହୋଇଥିବା ଘରେ ରଖାଯାଉଛି । ଜାଗା ଅଭାବରୁ ଔଷଧ ବୋଝେଇ ଟ୍ରକ୍ ମେଡିକାଲ୍ ପରିସରରେ ଖଲାସ୍ କରିନପାରି ଦୁଇ ତିନି ଦିନ ମେଡିକାଲ୍ ପରିସରରେ ଠିଆ ହେଉଛି । ନିକଟରେ କୋଲକାତାରୁ ଆସିଥିବା ଏକ ଫ୍ଲୁଇଡ୍ ବୋଝେଇ ଟ୍ରକ୍ ତିନି ଦିନ କାଳ ଏସ୍‌ସିବି ଆଶୁ ଚିକିତ୍ସା କେନ୍ଦ୍ରରେ ଠିଆ ହୋଇ ରହିଥିଲା । ଟ୍ରାନ୍ସପୋର୍ଟ ସଂସ୍ଥା ଫ୍ଲୁଇଡ୍ ଫେରାଇ ନେଇଯିବ ବୋଲି ଧମକ ଦେବାରୁ ତାହାକୁ ଖୋଲାମେଲାରେ ରଖାଯାଇଥିଲା । ଜଣେ ଅଧିକାରୀଙ୍କ କହିବା କଥା, ଠା’କୁ ଠା’ ଔଷଧ ଓ ଚିକିତ୍ସା ଉପକରଣ ଗଦା ହେବାରୁ ରୋଗୀଙ୍କ ଚିକିତ୍ସା ପାଇଁ ଔଷଧ ସଂଗ୍ରହ କଲାବେଳକୁ ବହୁ ସମୟ ଅପବ୍ୟୟ ହେବା ସହ ରୋଗୀ ସେବାରେ ବିଭ୍ରାଟ ହେଉଛି । ସେହିପରି ଅୟଥାରେ ୧୫ରୁ ଅଧିକ ଫାର୍ମାସି ଅଫିସର, ୫ଜଣ ଡାଟାଏଣ୍ଟ୍ରି ଅପରେଟର, ପ୍ରାୟ ୩୦ଜଣ ଆଟେଣ୍ଡାଣ୍ଟ ଉକ୍ତ କାର୍ଯ୍ୟ ପାଇଁ ନିୟୋଜିତ ହୋଇଛନ୍ତି । ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ଜାଗା ଅଭାବ କଥାକୁ ସ୍ୱୀକାର କରିବା ସହ ନୂଆ ମେଡିକାଲ୍ ଘର ହେଲେ ସମସ୍ୟାର ସମାଧାନ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

# ୫୭ନଂ ଜାତୀୟ ରାଜପଥରେ ଖାଲ:ଯାତାୟାତରେ ସମସ୍ୟା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅଧୀନ ଲୁଣିବାହାଲରୁ ଝାରକଟା ସମ୍ମୁଖ ଦେଇ ଯାଇଥିବା ଜାତୀୟ ରାଜପଥ-୫୭ ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି । ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ପ୍ରତିଦିନ ଯାତାୟାତ କରୁଥିବା ଗାଡ଼ିଚାଳକ ଓ ଯାତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବର୍ଷା ହେଲେ ରାସ୍ତାର ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ କେଉଁଠି କେତେ ଗଭୀର ଖାଲ ରହିଛି, ତାହା ଦୂରରୁ ଜଣାପଡୁନାହିଁ । ଫଳରେ ଦ୍ରୁତଗତିରେ ଆସୁଥିବା ଗାଡ଼ିଗୁଡ଼ିକ ହଠାତ୍ ଖାଲରେ ପଡ଼ି ନିୟନ୍ତ୍ରଣ ହରାଇବାର ଆଶଙ୍କା ରହିଛି । ବିଶେଷକରି ଦୁଇଚକିଆ ଯାନ ଚାଳକଙ୍କ ପାଇଁ ଏହି ରାସ୍ତା ଅଧିକ ବିପଦଜନକ ହୋଇପଡ଼ିଛି । ରାତିରେ ରାସ୍ତାର ଖାଲଖମା ସ୍ପଷ୍ଟ ଦେଖାଯାଉ



ନଥିବାରୁ ଦୁର୍ଘଟଣାର ଆଶଙ୍କା ଆହୁରି ବଢ଼ିଯାଉଛି । ଏହି ରାସ୍ତା ଦେଇ ପ୍ରତିଦିନ ଛୋଟବଡ଼ ଯାନବାହନ ସହ ବହୁ ସଂଖ୍ୟାରେ ଯାତ୍ରୀ ଯାତାୟାତ କରୁଥିବାବେଳେ ରାସ୍ତାର ଏଭଳି ଦୂରବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ଦୀର୍ଘଦିନ ଧରି ରାସ୍ତାରେ ଖାଲଖମା ରହିଥିଲେ ମଧ୍ୟ ଏହାର ସ୍ଥାୟୀ ମରାମତି କରାଯାଉନଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ତୁରନ୍ତ ଏହି ଖାଲଖମାଗୁଡ଼ିକ ପୂରଣ କରାଯାଇ ରାସ୍ତାର ଆବଶ୍ୟକ ମରାମତି କରାନଗଲେ ଆଗାମୀ ଦିନରେ ଏହା ଗୁରୁତର ଦୁର୍ଘଟଣାର କାରଣ ହୋଇପାରେ । ତେଣୁ ସମ୍ପୃକ୍ତ ବିଭାଗ ତୁରନ୍ତ ରାସ୍ତାର ସ୍ଥିତି ଅନୁଧ୍ୟାନ କରି ଖାଲଖମା ପୂରଣ ସହ ଆବଶ୍ୟକ ମରାମତି କାର୍ଯ୍ୟ ଶୀଘ୍ର କରିବାକୁ ସାଧାରଣରେ ଦାବି ହୋଇଛି ।

## — ବନ୍ଧୁକ ଦେଖାଇ ହତ୍ୟା ଧମକ ମାମଲା —

# ଅଭିଯୁକ୍ତଙ୍କୁ ୪ ବର୍ଷରୁ ଉର୍ଦ୍ଧ୍ୱ ଜେଲ୍, ୧୫ ହଜାର ଜରିମାନା

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ମାର୍‌ପିଟ୍, ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଏବଂ ବନ୍ଧୁକ ଦେଖାଇ ମାରିଦେବାକୁ ଧମକ ଦେବା ଭଳି ସଂଗୀନ ମାମଲାରେ ଉମରକୋଟ ଅଦାଲତ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କଠୋର ଦଣ୍ଡାଦେଶ ଶୁଣାଇଛନ୍ତି । ଅଭିଯୁକ୍ତଙ୍କୁ ମୋଟ୍ ୪ ବର୍ଷ ୧ ମାସ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି । ଉମରକୋଟ ସିନିୟର୍ ସିଭିଲ୍ ଜଜ୍-କମ୍ ଏମ୍.ଏଫ୍.ସି ଚିନ୍ମୟ କୁମାର ପାଢ଼ୀ ଜିଆର୍ କେସ୍ ନମ୍ବର ୨୫୬/୨୫ର ଶୁଣାଣି କରି କେନାଲ୍ ସାହିର ଚେଙ୍ଗା ଓରଫ୍ ଅମିତ ହରିଜନ (୨୦)ଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାର ପୃଷ୍ଠଭୂମି: ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୫ ମେ ୯ ତାରିଖରେ ନୂଆଗୁଡ଼ା ୟୁଭି-୭ର ମିଥୁନ୍ ମିତ୍ର ତାଙ୍କ ବନ୍ଧୁ ସଞ୍ଜୟ ମିତ୍ରଙ୍କ ସହ ଚାଟିଗୁଡ଼ା ଯାଉଥିଲେ । ଉମରକୋଟ ନୂଆ ବସ୍‌ଷ୍ଟାଣ୍ଡ ନିକଟ ଆରୋମା ହୋଟେଲ ପାଖରେ ଅଭିଯୁକ୍ତ ଚେଙ୍ଗା ସେମାନଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା । ଏହାପରେ ଏକ ଲୁହା ଖଡ୍ଗରେ ମିଥୁନଙ୍କ ମୁଣ୍ଡକୁ ଆକ୍ରମଣ କରିବା ସହ ଛାତି, ପିଠି ଓ ମୁହଁକୁ ଗୋଇଠା ମାରିଥିଲା । ଏତିକିରେ ନଥମି, ଅଭିଯୁକ୍ତ ଜଣକ ବନ୍ଧୁକ ଦେଖାଇ ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା । ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ମୂଳ କାରାଦଣ୍ଡ ଗୋଟିଏ ପରେ ଗୋଟିଏ ଚାଲିବ, ଯାହାଦ୍ୱାରା ମୋଟ୍ ସଜା ଅବଧି ୪ ବର୍ଷ ୧ ମାସ ହୋଇଛି । ଏତଦ୍‌ବ୍ୟତୀତ, ୨୦୨୩ର ଧାରା ୪୬୮ ଅନୁଯାୟୀ ଅଭିଯୁକ୍ତ ପୂର୍ବରୁ ବିଚାରାଧୀନ କାଳରେ ଜେଲ୍‌ରେ ବିତାଇଥିବା ସମୟକୁ ଏହି ମୋଟ୍ ଦଣ୍ଡାଦେଶରୁ (କାଟ୍) କରାଯିବ । ଏହି ମାମଲାରେ ସରକାରୀ ଓକିଲ ଗୋପିନାଥ ସାହୁ ଅଭିଯୋଗପକ୍ଷ ପରିଚାଳନା କରୁଥିଲେ । ଅଦାଲତଙ୍କ ଏହି କଠୋର ଆଦେଶ ପରେ ଅଞ୍ଚଳରେ ଅପରାଧୀଙ୍କ ମନରେ ଭୟ ସୃଷ୍ଟି ହେବା ସହ ଆଇନ୍‌ର ପ୍ରୟୋଗକୁ ନେଇ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି ।

# ଜିନ୍ଦଲ୍ ଷ୍ଟେନ୍‌ଲେସ୍ ପକ୍ଷରୁ ଏମ୍‌ଆଇଟି-ଡବ୍ଲ୍ୟୁପିୟୁ ସହ ଏମ୍‌ଓୟୁ ସ୍ୱାକ୍ଷରିତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଟନେଲ୍ ଓ ଭୂତଳ ଭିତ୍ତିଭୂମି ନିର୍ମାଣରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ବ୍ୟବହାର ସମ୍ପର୍କରେ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ ପାଇଁ ଜିନ୍ଦଲ୍ ଷ୍ଟେନ୍‌ଲେସ୍ ଏବଂ ପୁଣେ ସ୍ଥିତ ଏମ୍‌ଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟି (ଏମ୍‌ଆଇଟି-ଡବ୍ଲ୍ୟୁପିୟୁ) ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି । ‘ଷ୍ଟେନ୍‌ଲେସ୍ ଷ୍ଟିଲ୍:ଟନେଲ୍ ଏବଂ ଭୂତଳ ସ୍ପେସ୍ ନିର୍ମାଣ ପାଇଁ ଏକ ସ୍ଥାୟୀ, ସବୁଜ ଏବଂ ଅଭିନବ ସାମଗ୍ରୀ’ ଶୀର୍ଷକ ଏହି ପାଠ୍ୟକ୍ରମରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଗ୍ରେଡ୍ ଚୟନ, କ୍ଷୟ ପ୍ରତିରୋଧ, ଡିଜାଇନ୍, ୱେଲ୍ଡିଂ, ଫ୍ୟାବ୍ରିକେସନ୍ ଓ ଜୀବନଚକ୍ର ମୂଲ୍ୟାୟନ ଭଳି ବିଷୟରେ ଛାତ୍ରଛାତ୍ରୀଙ୍କୁ ବ୍ୟାବହାରିକ ଜ୍ଞାନ ଦିଆଯିବ । ପାଠ୍ୟକ୍ରମରେ ୪୦ଟି ଅଧିବେଶନ ସହ ୮ଟି ପ୍ରାକ୍ଟିକାଲ୍ ସେସନ୍, କେସ୍ ଷ୍ଟଡି, ଶିଳ୍ପ ବିଶେଷଜ୍ଞଙ୍କ ସହ ଆଲୋଚନା, କ୍ଷେତ୍ର



ପରିଦର୍ଶନ ଓ ପ୍ରକଳ୍ପ ଭିତ୍ତିକ ଶିକ୍ଷା ସାମିଲ୍ ରହିବ । ପ୍ରଥମ ବ୍ୟାଚ୍‌ରେ ୨୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ଏହାକୁ ଛଅଜଣ ଅଧ୍ୟାପକ ଓ ଶିଳ୍ପ ବିଶେଷଜ୍ଞମାନେ ପରିଚାଳନା କରିବେ । ଏମ୍‌ଓୟୁରେ ଜିନ୍ଦଲ୍ ଷ୍ଟେନଲେସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ ଖୁଲବେ ଏବଂ ଏମ୍‌ଆଇଟି-ଡବ୍ଲ୍ୟୁପିୟୁର ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗର ଡିନ୍ ଡ. ସିଦ୍ଧାର୍ଥ ଚକ୍ରବର୍ତ୍ତୀ ସ୍ୱାକ୍ଷର କରିଥିଲେ । ଏହି ଚୁକ୍ତି ତିନି ବର୍ଷ ପାଇଁ ବୈଧ ରହିବ । ଏହି ସହଯୋଗ ଅଧୀନରେ ଜିନ୍ଦଲ୍ ଷ୍ଟେନ୍‌ଲେସ୍ ପାଠ୍ୟକ୍ରମ ବିକାଶ ସହ ବିଶେଷଜ୍ଞଙ୍କ ଦ୍ୱାରା ପ୍ରାକ୍ଟିକାଲ୍ ଶିକ୍ଷା, ଶିକ୍ଷଣୀୟ ସାମଗ୍ରୀ, ପ୍ଲାଣ୍ଟ ପରିଦର୍ଶନ, ଇଣ୍ଟର୍ଣ୍ଣସିପ୍ ଓ ବାସ୍ତବ ପ୍ରକଳ୍ପ ଆଧାରିତ ଶିକ୍ଷାରେ ସହଯୋଗ କରିବ । ନିକଟରେ ଏମ୍‌ଆଇଟି-ଡବ୍ଲ୍ୟୁପିୟୁର ଏକ ଅଧ୍ୟାପକ ଦଳ ଜିନ୍ଦଲ୍ ଷ୍ଟେନ୍‌ଲେସ୍‌ର ଯାଜପୁର କାରଖାନା ପରିଦର୍ଶନ କରି ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନ, ଧାତୁ ବିଜ୍ଞାନ, ଗୁଣବତ୍ତା ନିୟନ୍ତ୍ରଣ ଓ କ୍ଷୟ ପ୍ରତିରୋଧୀ ପ୍ରୟୋଗ ସମ୍ପର୍କରେ ଅନୁଭୂତି ହାସଲ କରିଥିଲେ । ଭାରତରେ ମେଟ୍ରୋ, ରେଳବାଇ, ରାଜପଥ, ଜଳବିଦ୍ୟୁତ ଓ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପରେ ଭୂତଳ ଭିତ୍ତିଭୂମିର ବିକାଶ ଦ୍ରୁତ ଗତିରେ ବଢୁଥିବାରୁ ଏଭଳି ସ୍ଥାୟୀ ଓ କ୍ଷୟ-ପ୍ରତିରୋଧୀ ସାମଗ୍ରୀ ସମ୍ପର୍କରେ ଦକ୍ଷ ଇଞ୍ଜିନିୟର ଗଢ଼ିବାରେ ଏହି ପାଠ୍ୟକ୍ରମ ସହାୟକ ହେବ ବୋଲି ଜିନ୍ଦଲ୍ ଷ୍ଟେନ୍‌ଲେସ୍ ଓ ଏମ୍‌ଆଇଟି-ଡବ୍ଲ୍ୟୁପିୟୁ ପକ୍ଷରୁ କୁହାଯାଇଛି ।

# ପୋଲିସ ପକ୍ଷରୁ ସାଇବର ସୁରକ୍ଷା କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ବର୍ଦ୍ଧିତ ସାଇବର ଠକେଇକୁ ଦୃଷ୍ଟିରେ ରଖି ନାଗରିକ ସୁରକ୍ଷା ନିମନ୍ତେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଥାନା ଅଧୀନରେ ଅତି କମ୍‌ରେ ୨୫ଟି ଶିକ୍ଷାନୁଷ୍ଠାନରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ୮ ତାରିଖ ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଡିଜିଟାଲ୍ ଆରେଷ୍ଟ, ଅନ୍‌ଲାଇନ୍ ଫାଇନାନ୍‌ସିଆଲ ଫ୍ରଡ୍, ୟୁପି ଆଇ/କ୍ୟୁଆର୍ ସ୍କାମ୍, ଓଟିପି ଫ୍ରଡ, ଫେକ୍ ଇନ୍‌ଭେଷ୍ଟମେଣ୍ଟ ଏବଂ ସୋସିଆଲ୍ ମେଡ଼ିଆ ସେଫ୍‌ଟି ଉପରେ ବିଶେଷ ସଚେତନତା ସୃଷ୍ଟି କରାଯିବ । ଆୟୋଜିତ ସଚେତନତା କାର୍ଯ୍ୟକ୍ରମଗୁଡ଼ିକୁ ଜିଲ୍ଲା ପୋଲିସ ପ୍ରଶାସନର ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମସ୍‌ରେ ପ୍ରଚାର କରାଯିବ ଏବଂ ଗଣମାଧ୍ୟମ ଜରିଆରେ ଏହାର ବ୍ୟାପକ ପ୍ରସାର ପ୍ରଚାର କରାଯିବ । ଜିଲ୍ଲା ପୋଲିସର ଅଫିସିଆଲ୍ ହ୍ୱାଟ୍ସଅପ୍ ବ୍ରଡକାଷ୍ଟ ଚ୍ୟାନେଲ୍ ମାଧ୍ୟମରେ ନିୟମିତ ଭାବେ ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ପ୍ରସାର କରାଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ବାଇକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

**ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ହରିଶଙ୍କର ଛକ ନିକଟରେ ସୋମବାର ସକାଳେ ସଡକ ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବରଗଡ଼ ଜିଲ୍ଲା ବୁଡେନ ଥାନା ଅନ୍ତର୍ଗତ ଲୁହାଖେନ ଗ୍ରାମର ରୁଦ୍ରମଣି ବରିହା (୬୬) ବୋଲି ଜଣାଯାଇଛି । ସୂଚନା ଅନୁସାରେ ରୁଦ୍ରମଣି ସାଇକେଲ ଯୋଗେ ହରିଶଙ୍କର ଅଭିମୁଖେ ଯାଉଥିବା ବେଳେ ସାମ୍ନାପଟୁ ବାଇକ୍‌ରେ କୁଆବାଉଁଶ ଗ୍ରାମର ରାଜେନ୍ଦ୍ର ବରିହା ଭାରସାମ୍ୟ ହରାଇ ହରିଶଙ୍କର ଛକ ନିକଟରେ ସାଇକେଲକୁ ଧକ୍କା ଦେଇଥିଲେ । ଧକ୍କା ଏତେ ଜୋର୍‌ଦାର୍ ଥିଲା ଯେ ବୃଦ୍ଧ ରୁଦ୍ରମଣି ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣା ସମ୍ପର୍କରେ ଖବରପାଇ ଖପ୍ରାଖୋଲ ଅଗ୍ନିଶମ ବିଭାଗ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତର ବୃଦ୍ଧଙ୍କୁ ମୃତ ଘୋଷଣା କରିଥିଲେ । ବାଇକ୍ ଚାଳକ ରାଜେନ୍ଦ୍ର ବରିହା ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି ।

# ପ୍ରାଚୀନ ଶିବ ମନ୍ଦିର ପୁନରୁଦ୍ଧାର ପାଇଁ ଶିଳାନ୍ୟାସ



**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ସଦର ବ୍ଲକ ଅନ୍ତର୍ଗତ ବାରପୁତୁଗିଆ ଗ୍ରାମସ୍ଥିତ ପ୍ରାଚୀନ ଶିବ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ କରକମଳରେ ଶୁଭାରମ୍ଭ ହୋଇଯାଇଛି । ମନ୍ଦିରର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ବିଧାୟକ ସୂଚନା ଦେଇଥିଲେ । ଏହି ଅବସରରେ ବିଧାୟକ କହିଥିଲେ ଯେ, ମନ୍ଦିରର ପୁନରୁଦ୍ଧାର ଏକ ମହତ୍ କାର୍ଯ୍ୟ । ଏହା ଶୀଘ୍ର ସମ୍ପୂର୍ଣ୍ଣ ହେଲେ ଅଞ୍ଚଳବାସୀ ଦଳମତ ନିର୍ବିଶେଷରେ ଏକତାର ସୂତ୍ରରେ ଆବଦ୍ଧ ହେବା ସହ ସାମୂହିକ ଉନ୍ନତିରେ ଏହା ସହାୟକ ହେବ । ପବିତ୍ର ଶ୍ରାବଣ ମାସରେ ମହାଦେବଙ୍କ ସ୍ୱତନ୍ତ୍ର ପୂଜାପାର୍ବଣ ଅବସରରେ ଏହି ଶୁଭ କାର୍ଯ୍ୟରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ସମସ୍ତଙ୍କ ମଙ୍ଗଳ କାମନା କରିବା ସହ ଏକ ସୁନ୍ଦର ଓ ଭବ୍ୟ ମନ୍ଦିର ନିର୍ମାଣରେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂସ୍କୃତ ଗବେଷକ ଡ. ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ ମନ୍ଦିର ନିର୍ମାଣ ଦ୍ୱାରା ଅଞ୍ଚଳରେ ସୁଖ, ଶାନ୍ତି ଓ ଭାଇଚାରାର ପରିବେଶ ସୃଷ୍ଟି ହୋଇଥିବା କହିବା ସହ ଏହି ଭାଇଚାରାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ନିମାଇଁ ଚରଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଜୟକୃଷ୍ଣ ମିଶ୍ର ସଂଯୋଜନା କରିଥିଲେ । ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ସରିତା ବାଗ, ସହ-ଅଧ୍ୟକ୍ଷା ପୁଷ୍ପାଞ୍ଜଳି ହୋତା, ସମିତି ସଭ୍ୟା ଶକୁନ୍ତଳା କାଲସାଏ, ପ୍ରଦ୍ୟୁମ୍ନ ହୋତା, ସମିତି ସଭ୍ୟା, କୈଳାସ ମହାନ୍ତି ଓ ନିହାର ରଞ୍ଜନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି ସଦାନନ୍ଦ ମହଲା, ପରମେଶ୍ୱର ନାଏକ, ସନ୍ତୋଷ ନାରାୟଣ ମିଶ୍ର, ଲବ ବାଗ, ସଞ୍ଜୟ ନାଏକ, ବିଶ୍ୱରାଜ ସାଏ, ଚୈତନ୍ୟ ସା, ଘାସିରାମ ଭୋଇ, ଗିରିଧାରୀ କାଲସାଏ, ଗଦନ ସାହୁ, ରମେଶ ମହଲା, ଅନିଲ ସେଠ, ରିଙ୍କୁ ନାଏକ, ବଳରାମ ନାହାକ, ଭରତ ବରିହା, ରାଜୀବ ସାହୁ, କୃଷ୍ଣଚନ୍ଦ୍ର ମାହାର ଓ ଶଙ୍କର ଜାଲଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ଏହି ଅବସରରେ ଅଞ୍ଚଳବାସୀଙ୍କ ପକ୍ଷରୁ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପାଇଁ ମିନି ଷ୍ଟାଡିୟମ୍, ଲାଇବ୍ରେରୀ ହଲ୍, କମ୍ପ୍ୟୁଟର ଶିକ୍ଷା ଏବଂ ବେଞ୍ଚ-ଡେସ୍କ ବ୍ୟବସ୍ଥା କରିବା ନିମନ୍ତେ ପଦକ୍ଷେପ ନେବାକୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ୧୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ:ଅଭିଯୁକ୍ତ ଫେରାର୍

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରବିବାର ଦିନ ପ୍ରାୟ ୧୨.୩୦ଟା ସମୟରେ ସୁବଳୟା ଥାନାର ଏସ୍‌ଆଇ ସଞ୍ଜୀବ ବସ୍ତିଆ ଅନ୍ୟ ପୋଲିସ କର୍ମଚାରୀଙ୍କ ସହିତ ସୁବଳୟା ଥାନା ଅଞ୍ଚଳରେ ପାଟ୍ରୋଲିଂ ଡ୍ୟୁଟିରେ ନିୟୋଜିତ ଥିଲେ । ପ୍ରାୟ ଦିନ ୧ଟା ସମୟରେ ଏସ୍‌ଆଇ ଶ୍ରୀ ବସ୍ତିଆ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ ଯେ, କଦଳୀଗଡ଼ ପଟୁ ବୀରମହାରାଜପୁର ଅଭିମୁଖେ ଏକ ଗେରୁଆ ରଙ୍ଗର TATA LPD Eicher (Truck) ଗାଡ଼ିରେ ନିଷିଦ୍ଧ ଗଞ୍ଜେଇ ଚାଲାଣ ହେଉଛି । ଉକ୍ତ ସୂଚନା ଆଧାରରେ ପୋଲିସ ଦଳ ତୁରନ୍ତ ସୁବଳୟା ଥାନା ଅନ୍ତର୍ଗତ ଗୋବିନ୍ଦପୁର ନିକଟସ୍ଥ ସରାଖଣ୍ଡି ଗ୍ରାମ ନିକଟକୁ ଯାଇ ଗାଡ଼ିଟିକୁ ଅଟକାଇବା ପାଇଁ ଅପେକ୍ଷା କରିଥିଲେ । ପ୍ରାୟ ଦିନ ୩ଟା ସମୟରେ ଉକ୍ତ ଗାଡ଼ିଟି କଦଳୀଗଡ଼ ପଟୁ ଦ୍ରୁତ ବେଗରେ ଆସୁଥିବା ଦେଖାଯାଇଥିଲା । ଏସ୍‌ଆଇ ସଞ୍ଜୀବ ବସ୍ତିଆ ଓ ପୋଲିସ ଦଳ ହାତ ସଙ୍କେତ ଦେଇ ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଗାଡ଼ିର ଚାଳକ ପୋଲିସଙ୍କ ସଙ୍କେତକୁ ଅବମାନନା କରି ପୋଲିସ ଦ୍ୱାରା ସୃଷ୍ଟ ବ୍ଲକିଂ ପଏଣ୍ଟକୁ ଅତିକ୍ରମ କରି ଚାଲିଯାଇଥିଲେ । ପରେ ଉକ୍ତ ଟ୍ରକ୍‌ର ଚାଳକ ଓ ହେଲ୍ପର୍ ଗାଡ଼ିରୁ ଓହ୍ଲାଇ ଖୋଲା ପଡ଼ିଆ ଆଡ଼କୁ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ । ପୋଲିସ ଦଳ ସେମାନଙ୍କୁ ପିଛା କରିଥିଲେ ମଧ୍ୟ ସେମାନେ ଘଟଣାସ୍ଥଳରୁ ଫେରାର୍ ହେବାରେ ସଫଳ ହୋଇଥିଲେ । ଘଟଣାର ଗୁରୁତ୍ୱ ଓ ଗାଡ଼ିରେ ଗଞ୍ଜେଇ ଥିବାର ସନ୍ଦେହ ହେତୁ, ସୁବଳୟା ଥାନାର IIC ଅନୁପସ୍ଥିତ ଥିବାରୁ ଥାନାର I/C ଭାବେ ଦାୟିତ୍ୱରେ ଥିବା ଏସ୍‌ଆଇ ସଞ୍ଜୀବ ବସ୍ତିଆ ସର୍ଚ୍ଚ ଓ ସିଜର୍ ପ୍ରକ୍ରିୟା ପାଇଁ ମାଜିଷ୍ଟ୍ରେଟ୍ ବୀରମହାରାଜପୁରଙ୍କୁ ଅନୁରୋଧ କରି ଜଣେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କୁ ନିୟୋଜିତ କରିବାକୁ କହିଥିଲେ । ପରେ ନିଯୁକ୍ତ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଓ ସାକ୍ଷୀମାନଙ୍କ ଉପସ୍ଥିତିରେ ଉକ୍ତ ଟ୍ରକ୍‌ର ତଲାସୀ କରାଯାଇଥିଲା । ତଲାସୀ ସମୟରେ ଟ୍ରକ୍‌ର ଏକ ଗୁପ୍ତ ଚ୍ୟାମ୍ବରରୁ ୪୬ଟି ବସ୍ତା ମିଳିଥିଲା । ଉକ୍ତ ବସ୍ତାଗୁଡ଼ିକରୁ ସମୁଦାୟ ୧୩୦୨ଟି ଗଞ୍ଜେଇ ପ୍ୟାକେଟ୍ ଉଦ୍ଧାର କରାଯାଇଥିଲା । ଉଦ୍ଧାର ହୋଇଥିବା ଗଞ୍ଜେଇର ସମୁଦାୟ ଓଜନ୍ ପ୍ରାୟ ୧୩ କ୍ୱିଣ୍ଟାଲ୍ ବୋଲି ଜଣାପଡ଼ିଥିଲା । ଜବତ ଗଞ୍ଜେଇର ସରକାରୀ ମୂଲ୍ୟ ପ୍ରାୟ ୧ କୋଟି ୨୪ ଲକ୍ଷ ଏବଂ ବଜାର ମୂଲ୍ୟ ୧୩ କୋଟିରୁ ଉର୍ଦ୍ଧ୍ୱ ହେବ । ଏହି ଘଟଣା ସମ୍ପର୍କରେ ସୁବଳୟା ଥାନାରେ ଏକ ମାମଲା ରୁଜୁ କରାଯାଇ ଆଇନାନୁସାରେ ତଦନ୍ତ ଜାରି ରହିଛି । ଘଟଣାରେ ସମ୍ପୃକ୍ତ ଫେରାର୍ ଚାଳକ ଓ ହେଲ୍ପର୍‌ଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଓ ଚଢ଼ଉ ଜାରି ରହିଛି ବୋଲି ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୧ ୧୨ମ | ୧୦ | ଶୁ୯ ୮ରା |
| ଲବୁବୃରଚ | ୮ / ୪ | ୭ |
| ୨କେ ୩ଶ୍ରୁ | ୪ | ୬ ୫ |

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୨।୦୮।୨୦୨୬, ଶ୍ରାବଣ ଦ୨୭ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୨୭।୫୯ ଚନ୍ଦ୍ରୋଦୟ- ପ୍ରାଘ ୫।୦୩।୧୪**

ଅମାବାସ୍ୟା ରାଘ ୧୧।୦୮ ପର୍ଯ୍ୟନ୍ତ, ପୁଷ୍ୟା ନକ୍ଷତ୍ର ଦିଘ ୮।୦୩ ପର୍ଯ୍ୟନ୍ତ । କର୍କଟ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୧୧।୦୮ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୦ ଗତେ ଦିଘ ୭।୧୩ ମଧ୍ୟେ ଦିଘ ୧୦।୧୮ ଗତେ ଦିଘ ୧୧।୨୮ ମଧ୍ୟେ । **ପର୍ବୋତ୍ସବ-** ଚିତାଲାଗି ଅମାବାସ୍ୟା, ଗୃହୀଣାଂ ଚିତାଲାଗି ଅମାବାସ୍ୟା, ନଷ୍ଟ ଚନ୍ଦ୍ରୋପବାସ ।



**ମେଷ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । କୁଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ । ବ୍ୟବସାୟ ମଧ୍ୟମ ଧରଣର ହେବ । ପାରିବାରିକ କଳହ ଓ ଅଶାନ୍ତି ଦେଖାଦେଇପାରେ ।



**ବୃଷ:** ଭ୍ରମଣ କରିପାରନ୍ତି । ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ । ରୋଜଗାର ଭଲ ହେବ । ଘରେ ଶାନ୍ତିର ବାତାବରଣ ରହିବ । ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ ।



**ମିଥୁନ:** କାର୍ଯ୍ୟ ବ୍ୟସ୍ତତା ଭିତରେ ରହିବେ । ଆୟ ଅନୁପାତରେ ବ୍ୟୟର ମାତ୍ରା ବଢ଼ିବ । ଶରୀର ସୁସ୍ଥ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ ।



**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଶୁଭ ଖବର ପାଇପାରନ୍ତି । ରୋଜଗାର ଭଲ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା ।



**ସିଂହ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ । ମହିଳାମାନେ ସୁଖୀ ହେବେ ।



**କନ୍ୟା:** ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ । ପରୋପକାରୀ ହେବେ । ପରିଶ୍ରମର ମାତ୍ରା ବଢ଼ିପାରେ । ରୋଜଗାର ମଧ୍ୟମ ଧରଣର ହେବ । ଗୃହେ ଆନନ୍ଦ ଲାଭ ହେବ । ମନ ଭଲ ରହିବ ।



**ତୁଳା:** ନୂତନ କର୍ମାରମ୍ଭ କରିପାରନ୍ତି । ସାଧନାରେ ସିଦ୍ଧି ଲାଭ କରିବେ । ଆୟ ଯୋଗ ରହିଛି । ଘରେ ସୁଖ ଶାନ୍ତି ରହିବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ । ଦେହ ଭଲ ରହିବ ।



**ବିଛା:** ଅନେକ ଦିନରୁ ଲାଗି ରହିଥିବା ବିବାଦର ସମାଧାନ ହେବାର ସୂଚନା । ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ଧନୁ:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ବ୍ୟୟର ପରିମାଣ ଅଧିକ ହୋଇପାରେ । ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ଘରେ ଦ୍ୱନ୍ଦ୍ୱ ଦେଖାଦେବାର ସୂଚନା ।



**ମକର:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ବନ୍ଧୁ ମିଳନ ସହିତ ମଉଜ ମଜଲିସ୍‌ରେ ଦିନଟି କଟିବ । ଆୟ ଓ ବ୍ୟୟ ସମାନ ରହିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ଲାଭବାନ୍ ହେବେ । ଭ୍ରମଣ କରିପାରନ୍ତି । ଆୟ ସ୍ଥିର ରହିବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ବିବାଦୀୟ ଘଟଣାରେ ବିଜୟୀ ହେବେ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମୀନ:** ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ମାନସିକ ଅଶାନ୍ତି ଦେଖାଦେଇପାରେ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ । ଘରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି । ଶରୀର ସୁସ୍ଥ ରହିବ ।

# ବାପ-ପୁଅଙ୍କ ମୃତ୍ୟୁରେ ଗାଁରେ ଶୋକର ଛାୟା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦମପାଳ ପଞ୍ଚାୟତ ନୋଷ୍ଟା ଗ୍ରାମରେ ଘଟିଛି ଏକ ଅଭାବନୀୟ ପରିସ୍ଥିତି । ଶୋକାକୁଳ ପରିବେଶରେ ଫାଟି ପଡୁଛି ଗାଁ । ଏହି ଗ୍ରାମର ସୁବ୍ରତ ମହାନ୍ତିଙ୍କ ପୁଅ ଉଜ୍ୱଳ ମହାନ୍ତି (୩୨)ଙ୍କ ମୃତ୍ୟୁରେ ବାପା ସୁବ୍ରତଙ୍କର ମୃତ୍ୟୁ ଘଟିଛି । କୌଣସି କାରଣ ପାଇଁ ଉଜ୍ୱଳ କୀଟ ନାଶକ ଔଷଧ ଖାଇଦେବାରୁ ସେ ଗୁରୁବାର ଦିନ ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ । ସେଠାରେ ପୁଅର ମୃତ୍ୟୁ ହେବା ପରେ ବାପାର ହୃଦ୍‌ଘାତ ହୋଇ ମୃତ୍ୟୁ ଘଟିଛି । ଉଭୟ ବାପା ପୁଅଙ୍କ ଶବ ଗାଁରେ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଗାଁ ଫାଟି ପଡୁଛି । ଗାଁ ଶ୍ମଶାନରେ ବାପ ପୁଅଙ୍କ ଶବ ସତ୍କାର କରାଯାଇଛି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୩।୦୮।୨୦୨୬, ଶ୍ରାବଣ ଦ୨୮ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୨୮।୧୭ ଚନ୍ଦ୍ରୋଦୟ- ପ୍ରାଘ ୫।୪୯।୨୮**

ପ୍ରତିପଦ ରାଘ ୮।୪୩ ପର୍ଯ୍ୟନ୍ତ, ଅଶ୍ଳେଷା ନକ୍ଷତ୍ର ପ୍ରାଘ ୬।୦୮ ଗତେ ମଘା ନକ୍ଷତ୍ର କ୍ଷୟ । କର୍କଟ ଚନ୍ଦ୍ର ପ୍ରାଘ ୬।୦୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । ପ୍ରାଘ ୬।୦୮ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ପ୍ରାଘ ୬।୦୮ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ରାଘ ୮।୪୩ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୦ ଗତେ ଦିଘ ୭।୧୩ ମଧ୍ୟେ ଦିଘ ୧୦।୩୭ ଗତେ ଦିଘ ୧।୦୯ ମଧ୍ୟେ । **ପର୍ବୋତ୍ସବ-** ପ୍ରାଘ ୫।୩୦ ଗତେ ଦିଘ ୭।୧୩ ମଧ୍ୟେ ଦିଘ ୧୦।୩୭ ଗତେ ଦିଘ ୧।୦୯ ମଧ୍ୟେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ମହାକାଶ ଯାତ୍ରାର ପ୍ରଭାବ ଆଖି ଉପରେ ପଡ଼ିଥାଏ

ମସ୍ତିଷ୍କ ଏବଂ ମେରୁଦଣ୍ଡ 'ସେରେବ୍ରୋସ୍ପାଇନାଲ୍ ଫ୍ଲୁଇଡ୍' ଦ୍ୱାରା ଘେରି ରହିଥାଏ । ମାଇକ୍ରୋ ଗ୍ରାଭିଟିରେ ଏହାର ଚଳପ୍ରଚଳ ବଦଳିଯାଏ, ଯାହାକି ମୁଣ୍ଡ ଭିତରେ ଚାପ ବଢ଼ାଇଥାଏ । ଏହା ଅପ୍ଟିକ୍ ନର୍ଭ ଏବଂ ଆଖିର ପଛ ଭାଗ ପର୍ଯ୍ୟନ୍ତ ପହଞ୍ଚିଥାଏ । ଆଖିର ପଛପଟେ ଚାପ ବଦଳିଲେ ଆଖିର ଆକାର ମଧ୍ୟ ବଦଳିଯାଏ । ମହାକାଶ ଯାତ୍ରା ମାନବ ଶରୀରରେ ଏପରି କିଛି ପରିବର୍ତ୍ତନ ଆଣିଥାଏ ଯାହାକୁ ପୃଥିବୀରେ ଅନୁଭବ କରିବା କଷ୍ଟକର । ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଆଖି ଉପରେ ପଡ଼ିଥାଏ । ଯେଉଁ ମହାକାଶଚାରୀମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ISS)ରେ ରୁହନ୍ତି, ସେମାନଙ୍କ ଦୃଷ୍ଟିଶକ୍ତିରେ ପରିବର୍ତ୍ତନ ଆସିପାରେ । କାରଣ ମାନବ ଶରୀର ଜୈବିକ ଭାବରେ ପୃଥିବୀର ମାଧ୍ୟାକର୍ଷଣ ଅନୁସାରେ ଗଢ଼ା ହୋଇଛି । ଯେତେବେଳେ ମାଧ୍ୟାକର୍ଷଣ ବହୁତ କମିଯାଏ, ସେତେବେଳେ ଶରୀରର ତରଳ ପଦାର୍ଥ ମୁଣ୍ଡ ଆଡକୁ ବଢ଼ିବାକୁ ଲାଗେ । ଏହାଦ୍ୱାରା ଚାପ ସୃଷ୍ଟି ହୁଏ ଏବଂ ଆଖି ତଥା ଅପ୍ଟିକ୍ ନର୍ଭ ପ୍ରଭାବିତ ହୋଇଥାଏ ।

SANS ହେଉଛି ସେହି ପରିବର୍ତ୍ତନଗୁଡ଼ିକର ଏକ ସମୂହ, ଯାହା ଦୀର୍ଘକାଳୀନ ମହାକାଶ ଯାତ୍ରା ସମୟରେ ଆଖି ଏବଂ ଦେଖିବାର କ୍ଷମତା ଉପରେ ପ୍ରଭାବ ପକାଇଥାଏ । ନାସା ଏହାକୁ ଦୀର୍ଘସ୍ଥାୟୀ ମିଶନ ପାଇଁ ଏକ ବଡ଼ ଚିନ୍ତାଜନକ ଚିକିତ୍ସାଗତ ସମସ୍ୟା ବୋଲି ମାନିଥାଏ । ଏହାଦ୍ୱାରା ମହାକାଶଚାରୀଙ୍କ ଆଖିର ଗୋଲକର ଗଠନରେ ପରିବର୍ତ୍ତନ, ଅପ୍ଟିକ୍ ନର୍ଭ ଚାରିପାଖରେ ଫୁଲା ଏବଂ ଦୃଷ୍ଟିଶକ୍ତିରେ ପରିବର୍ତ୍ତନ ଆସିପାରେ । ମାଇକ୍ରୋ ଗ୍ରାଭିଟିରେ ଅଧିକ ସମୟ ବିତାଇଲେ ଏହି ପରିବର୍ତ୍ତନ ହେବାର ସମ୍ଭାବନା ବଢ଼ିଯାଏ । ପୃଥିବୀରେ ମାଧ୍ୟାକର୍ଷଣ ନିରନ୍ତର ରକ୍ତ ଏବଂ ଶରୀରର ଅନ୍ୟାନ୍ୟ ତରଳ ପଦାର୍ଥକୁ ଶରୀରର ନିମ୍ନଭାଗ ଆଡକୁ ଟାଣି ରଖେ । କିନ୍ତୁ ମାଇକ୍ରୋ ଗ୍ରାଭିଟିରେ ଏହି ବଳ ପ୍ରାୟତଃ ଶେଷ ହୋଇଯାଏ । ପ୍ରାୟ ୨ ଲିଟର ତରଳ ପଦାର୍ଥ ଗୋଡ଼ ଏବଂ ଶରୀରର ନିମ୍ନଭାଗରୁ ଛାତି, ବେକ ଏବଂ ମୁଣ୍ଡ ଆଡ଼କୁ ଚାଲିଯାଏ । ଯାତ୍ରାର ଆରମ୍ଭରେ ମହାକାଶଚାରୀମାନେ ନିଜ ମୁଣ୍ଡକୁ ଫୁଲିଥିବା ଅନୁଭବ କରନ୍ତି । ମୁଣ୍ଡ ଭିତରେ ଚାପର ପରିବର୍ତ୍ତନ ପାଇଁ ଶରୀରର ଉପରିଭାଗରେ ତରଳ ପଦାର୍ଥ ବୃଦ୍ଧି ପାଇବା ଏକ ମୁଖ୍ୟ କାରଣ । ମସ୍ତିଷ୍କ ଏବଂ ମେରୁଦଣ୍ଡ 'ସେରେବ୍ରୋସ୍ପାଇନାଲ୍ ଫ୍ଲୁଇଡ୍' ଦ୍ୱାରା ଘେରି ରହିଥାଏ । ମାଇକ୍ରୋ ଗ୍ରାଭିଟିରେ ଏହାର ଚଳପ୍ରଚଳ ବଦଳିଯାଏ, ଯାହାକି ମୁଣ୍ଡ ଭିତରେ ଚାପ ବଢ଼ାଇଥାଏ । ଏହା ଅପ୍ଟିକ୍ ନର୍ଭ ଏବଂ ଆଖିର ପଛ ଭାଗ ପର୍ଯ୍ୟନ୍ତ ପହଞ୍ଚିଥାଏ । ଆଖିର ପଛପଟେ ଚାପ ବଦଳିଲେ ଆଖିର ଆକାର ମଧ୍ୟ ବଦଳିଯାଏ । ଆଖିର ଲମ୍ବ ଟିକେ କମିଯିବାରୁ ରେଟିନାରେ ଆଲୋକର ଫୋକସିଂ ପ୍ରଭାବିତ ହୁଏ । ଏହାଦ୍ୱାରା କିଛି ମହାକାଶଚାରୀଙ୍କୁ ଦୂର ଜିନିଷ ସ୍ପଷ୍ଟ ଦେଖାଯିବାରେ ଏବଂ ପାଖ ଜିନିଷ ଦେଖିବାରେ ଅସୁବିଧା ହୋଇପାରେ । ଏହାଛଡ଼ା ଅପ୍ଟିକ୍ ଡିସ୍କରେ ଫୁଲା ମଧ୍ୟ ଆସିପାରେ । ଏହାର ଅର୍ଥ ଏହା ନୁହେଁ ଯେ ମହାକାଶଚାରୀମାନେ ନିଜର ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ହରାଇ ବସନ୍ତି ବା ଅନ୍ଧ ହୋଇଯାଆନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷେତ୍ରରେ ଅଲଗା ଅଲଗା ହୋଇଥାଏ । କିଛି ମହାକାଶଚାରୀଙ୍କ କ୍ଷେତ୍ରରେ ଏହାର ପ୍ରଭାବ ବେଶୀ ଜଣାପଡ଼େ, ଯାହା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼େ । ମଙ୍ଗଳ ଗ୍ରହ ପରି ଭବିଷ୍ୟତର ଦୀର୍ଘକାଳୀନ ମାନବ ମିଶନଗୁଡ଼ିକ ପାଇଁ ଏହି ସମସ୍ୟା ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି, କାରଣ ସେଠାରେ ମହାକାଶଚାରୀଙ୍କୁ ବହୁତ ଅଧିକ ସମୟ ଧରି ମାଇକ୍ରୋ ଗ୍ରାଭିଟିର ସମ୍ମୁଖୀନ ହେବାକୁ ପଡ଼ିବ ।

# ଓଡ଼ିଶାରେ ନାଗ ପୂଜା-୨



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

କୁହାଯାଏ ଯେ ଯେତେବେଳେ ଫଣିକୁଳର ଦୈତ୍ୟମାନେ ପୃଥିବୀକୁ ନେଇ ରସାତଳରେ ଲୁଚାଇ ରଖିଥିଲେ, ସେତେବେଳେ ତାହା ଖୋଜିବା ଲାଗି ଇନ୍ଦ୍ର ସରମା ନାମ୍ନୀ ଜଣେ ଦୂତୀକୁ ପଠାଇଲେ । ସରମା ଖୋଜୁ ଖୋଜୁ ଦେଖିଦେଲା ଯେ, ଦୈତ୍ୟମାନେ ତାହାକୁ ରସାତଳରେ ଲୁଚାଇଛନ୍ତି । ଚୋରି ଧରା ପଡ଼ିଯିବା ଭୟରେ ଫଣି ଦୈତ୍ୟମାନେ ସରମାଙ୍କ ସହିତ ସନ୍ଧି କରିବାକୁ ବସିଲେ । କିନ୍ତୁ ସେ ସନ୍ଧିରେ ରାଜି ନ ହୋଇ ଇନ୍ଦ୍ରଙ୍କୁ ସ୍ତୁତି କରିବା ସହିତ ଅଭିଶାପ ଦେଇ କହିଲେ, 'ହତା ଇନ୍ଦ୍ରେଣ ଫଣୟଃ ଶୟଧ୍ୱମ୍' ଅର୍ଥାତ୍ 'ହେ ଫଣିମାନେ ! ତୁମେ ଇନ୍ଦ୍ରଙ୍କ ହାତରେ ମରି ଧରାଶାୟୀ ହୋଇଯାଅ ।' ଏହି ଅଭିଶାପ ହେତୁ ସେମାନେ ସର୍ବଦା ଇନ୍ଦ୍ରଙ୍କୁ ଭୟ କରନ୍ତି ।

**ତତୋଽଧସ୍ତାତ୍ ପାତାଳେ ନାଗଲୋକପତୟୋ ବାସୁକିପ୍ରମୁଖାଃ ଶଙ୍ଖକୁଳିକ- ମହାଶଙ୍ଖଶ୍ୱେତଧନଞ୍ଜୟ ଧୃତରାଷ୍ଟ୍ର ଶଙ୍ଖଚୂଡ଼କମ୍ବଳାଶ୍ୱତର ଦେବ ଦତ୍ତାଦୟୋ ମହାଭୋଗିନୋ ମହାମର୍ଷା ନିବସନ୍ତି ଯେଷାମୁ ହ ବୈ ପଞ୍ଚସପ୍ତଦଶଶତସହସ୍ରଶୀର୍ଷାଣାଂ ଫଣାସୁ ବିରଚିତା ମହାମଣୟୋ ରୋଚିଷ୍ଣବଃ ପାତାଳବିବରତିମିରନିକରଂ ସ୍ୱରୋଚିଷା ବିଧମନ୍ତି ॥୩୧॥**

(ରସାତଳ ତଳେ ରହିଛି ପାତାଳ । ସେଠାରେ ଶଙ୍ଖ, କୁଳିକ, ମହାଶଙ୍ଖ, ଶ୍ୱେତ, ଧନଞ୍ଜୟ, ଧୃତରାଷ୍ଟ୍ର, ଶଙ୍ଖଚୂଡ଼, କମ୍ବଳ, ଅଶ୍ୱତର ଓ ଦେବଦତ୍ତ ଆଦି ଅତ୍ୟନ୍ତ କ୍ରୋଧୀ ଓ ବଡ଼ ବଡ଼ ଫଣାଧାରୀ ନାଗ ରହିଥାନ୍ତି । ସେମାନଙ୍କ ମଧ୍ୟରେ ବାସୁକି ହେଉଛି ପ୍ରଧାନ । ସେମାନଙ୍କ ମଧ୍ୟରୁ କେତେକଙ୍କର ପାଞ୍ଚ, ସାତ, ଦଶ, ଶହେ ଓ ହଜାରେ ଶିରମାନ ରହିଛି । ସେମାନଙ୍କ ଫଣାରେ ଥିବା ମଣିମାନଙ୍କ ତେଜରେ ପାତାଳ ଲୋକର ସବୁ ଅନ୍ଧକାର ଦୂର ହୋଇଥାଏ ।)

ପୁରାଣ ବର୍ଣ୍ଣନାରୁ ଜଣାଯାଏ ଯେ ନାଗମାନେ ମୁଖ୍ୟତଃ ଗୋଟିଏ ସମ୍ପ୍ରଦାୟର ଓ ସେମାନଙ୍କ ମଧ୍ୟରେ ବିଭିନ୍ନତା ରହିଥିଲା । ତେବେ ସେମାନେ ଅନ୍ୟମାନଙ୍କୁ କାହିଁକି ବିରୋଧ କରୁଥିଲେ ତାହାର ସ୍ପଷ୍ଟତା ଜାଣିହୁଏ ନାହିଁ । ଯଦି ସେମାନେ ଆର୍ଯ୍ୟମାନଙ୍କ ସହିତ ସେତେବେଳେ ମିଶି ନଥାନ୍ତେ ତେବେ ସେମାନଙ୍କ ସହିତ ନିବିଡ଼ତା ଦେଖିବାକୁ ମିଳିନଥିଲା । ଆର୍ଯ୍ୟମାନଙ୍କ ପୂଜାରେ ବହୁ ବରିଷ୍ଠ ନାଗମାନଙ୍କ ଉପସ୍ଥିତି ଦେଖିବାକୁ ମିଳେ । ତେବେ ଖ୍ରୀଷ୍ଟପୂର୍ବରୁ ଅଭ୍ୟୁଦୟ ହୋଇଥିବା ଏପରି ଜାତିମାନଙ୍କ ମଧ୍ୟରେ ବିଭେଦତା ଥିବା ସହଜରେ ଆକଳନ କରିହୁଏନାହିଁ । ମୟ ସଭ୍ୟତା ପୃଥିବୀର ସବୁଠାରୁ ପ୍ରାଚୀନତମ ବୋଲି ଜଣାପଡ଼ିଛି । ଯଦି ସେ ନାଗବଂଶର କୁଶଳୀ ଶିଳ୍ପୀ ହୋଇଥାନ୍ତି ତେବେ ଆଜି ପର୍ଯ୍ୟନ୍ତ ତାଙ୍କ ପ୍ରଚଳିତ ଶିଳ୍ପ କଳା ଆଧାରରେ ବର୍ତ୍ତମାନର ବହୁ ସ୍ଥାପତ୍ୟ ଗଢ଼ି ଉଠିଥିବା ନିଃସନ୍ଦେହରେ କୁହାଯାଇପାରେ । ପୁରାଣରେ ଅବଶ୍ୟ କେତେକ କାଳ୍ପନିକ କଥାକୁ ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି ।

ଫାଉସ୍‌ବୋଲ ନାମରେ ଜଣେ ପାଶ୍ଚାତ୍ୟ ବିଶ୍ଳେଷକଙ୍କ ମତରେ ନାଗମାନେ ବୈଦେଶିକ ଥିଲେ ଓ ଏଠାରେ ରାଜତ୍ୱ କରୁଥିବା ଆର୍ଯ୍ୟଜାତିମାନଙ୍କ ସହିତ ସେମାନଙ୍କର ସର୍ବଦା ଯୁଦ୍ଧ ଲାଗିରହୁଥିଲା । (Fausblls Indian Mythology, Page-29) (ଓଡ଼ିଶା ଇତିହାସ, ପୃଷ୍ଠା-୧୪) । ମାତ୍ର ଫାଉସ୍‌ବୋଲଙ୍କର ଏପରି ମତ ଗ୍ରହଣୀୟ ନୁହେଁ । କାରଣ ଯେଉଁମାନେ ଭାରତବର୍ଷରେ ପ୍ରଥମେ ଆସି ପ୍ରତିଷ୍ଠିତ ହୋଇପାରିଥିଲେ ତାହାର କୌଣସି ସଠିକ୍ ଇତିହାସ ଏପର୍ଯ୍ୟନ୍ତ ମିଳିପାରିନାହିଁ । ପୁଣି ଓଡ଼ିଶା କଥା ଆଲୋଚନାକୁ ଆସିଲେ ଦେଖାଯାଏ ଯେ ନାଗବଂଶୀମାନେ ଏଠାରେ ଖ୍ରୀଷ୍ଟପୂର୍ବ ବେଳରୁ ହିଁ ରାଜତ୍ୱ କରିଆସୁଥିଲେ ।

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ନାଗବଂଶୀମାନେ ରହିଥିବାର ଦେଖାଯାଏ । ଏମାନଙ୍କ ମଧ୍ୟରେ କେତୋଟି ରାଜବଂଶର ସୃଷ୍ଟି ମଧ୍ୟ ହୋଇଥିଲା । ଯାହାର ସଂଖ୍ୟା ଥିଲା ପ୍ରାୟଶଃ ଚଉଦ । ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ କର୍କୋଟକ ନାମରେ ନାଗରାଜାଙ୍କ ଶାସନାଧୀନ ଥିବାବେଳେ ତକ୍ଷକ ବଂଶୀୟ ନାଗମାନେ ପଞ୍ଜାବ, ଉତ୍ତରପ୍ରଦେଶରେ ରାଜ୍ୟ ସ୍ଥାପନ କରିଥିଲେ । ଗଞ୍ଜାମ, କୋରାପୁଟ ଓ ଆନ୍ଧ୍ରର ବିଶାଖାପାଟଣା ଜିଲ୍ଲାର (ହାଡ଼ି, ଡମ, ବୋତାଡ଼, ଗୋଡବା) ପ୍ରଭୃତି ଆଦିମ ଅଧିବାସୀମାନେ ନାଗବଂଶୀ ଭାବରେ ନିଜକୁ ପରିଚୟ ଦେଇଥାନ୍ତି । ଏହି ସମସ୍ତ ଆଦିବାସୀ ଓଡ଼ିଆ ବା ଓଡ଼ିଆ ମିଶା ତେଲୁଗୁ କହିଥାନ୍ତି । ସେହିପରି ଆନ୍ଧ୍ର ଅଞ୍ଚଳର କେକଲୁ ବେଲମା ଓ ଗାଡୁଲକାରୁ ନାମରେ ଗୋଟିଏ କୃଷିଜୀବୀ ଜାତି ଅଛନ୍ତି ଯେଉଁମାନେ କି ନିଜକୁ ନାଗକୁଳସମ୍ଭୂତ ଭାବେ ପରିଚୟ ଦେଇଥାନ୍ତି ।

ଓଡ଼ିଶାର ଯେଉଁ ଆଦିମ ଅଧିବାସୀମାନେ ରହିଆସିଛନ୍ତି ସେମାନେ ନାଗବଂଶୀ ଭାବରେ ପରିଚିତ ବୋଲି ଆଗରୁ କୁହାଯାଇଛି । ସେମାନଙ୍କର ଭାଷା ମଧ୍ୟ ସମାଜରେ ବିଶେଷ ପ୍ରଭାବ ପକାଇଥିଲା ଯାହାକି ଓଡ଼ିଶାର ପ୍ରାଚୀନ ଭାଷା ସହିତ ମିଶିଯାଇଥିବା କହିଲେ ଅତ୍ୟୁକ୍ତି ହେବନାହିଁ ।

ପୂର୍ବେ ନର୍ମଦା ନଦୀ ତଟବର୍ତ୍ତୀ ଅଞ୍ଚଳ ନାଗଲୋକ ଭାବେ ପରିଚିତ ଥିଲା । ସେଠାରେ ରହୁଥିବା ଆଦିମ ଜାତିମାନେ ନିଜକୁ ନାଗବଂଶୀ ଭାବରେ ପରିଚୟ ଦେଉଥିଲେ । ଯେଉଁ ନାଗବଂଶୀମାନେ ତତ୍କାଳୀନ ଓଡ଼ିଶା ଅନ୍ତର୍ଗତ ବିନ୍ଧ୍ୟାଟବୀ ରାଜ୍ୟରେ ରାଜତ୍ୱ କରୁଥିଲେ ଓ କେନ୍ଦୁଝର ଜିଲ୍ଲାରେ ସେମାନଙ୍କର ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ । ସେମାନଙ୍କ ମଧ୍ୟରୁ ଗୋଟିଏ ଶାଖା ଓଡ଼ିଶାର ଆଧୁନିକ କଳାହାଣ୍ଡି, ନବରଙ୍ଗପୁରକୁ ନେଇ ଚକ୍ରକୋଟ ନାମରେ ଏକ ରାଜ୍ୟ ସ୍ଥାପନ କରିଥିଲେ ଏବଂ ତାହାର ରାଜଧାନୀର ନାମ ଥିଲା ଭୋଗପୁର ବା ଭୋଗୀପୁର । ସେହି ଚକ୍ରକୋଟ ରାଜ୍ୟର ନାଗବଂଶୀମାନେ ଛୋଟନାଗପୁର ଅଞ୍ଚଳରୁ ଉଠିଆସି ସେଠାରେ ରାଜତ୍ୱ କରୁଥିଲେ ଏବଂ ସେପରି ବଂଶର ପ୍ରଥମ ରାଜାଙ୍କ ନାମ ଥିଲା ଫଣୀ ମୁକୁଟ ରାଏ । ଖ୍ରୀ.ଅ. ୧୯୫୭ରେ ପ୍ରକାଶିତ ରାଞ୍ଚି ଜିଲ୍ଲା ଗେଜେଟିଏଟ୍‌ରରେ ଲେଖା ଅଛି ଯେ ନାଗବଂଶୀମାନେ ଚୁଟିଆ ନାମକ ରାଜ୍ୟରେ ରାଜତ୍ୱ କରୁଥିଲେ । କ୍ରମଶଃ ଏହି ଚୁଟିଆରୁ ଅପଭ୍ରଂଶ ହୋଇ ଚୁଟିଆ ନାଗପୁର ବା ବର୍ତ୍ତମାନର ଛୋଟନାଗପୁର ନାମରେ ପରିଚିତ ହୋଇପାରିଛି । ଏହି ଚୁଟିଆ ଜାତି ପରେ ସୁବର୍ଣ୍ଣଗିରିକୁ ଉଠିଯାଇଥିଲେ । ସମ୍ରାଟ ଅଶୋକଙ୍କ ଶାସନବେଳେ ତାଙ୍କ ଅନୁଶାସନରେ ସୁବର୍ଣ୍ଣଗିରିର ନାମ ଉଲ୍ଲେଖ ରହିଛି । ଏହି ସବୁର୍ଣ୍ଣଗିରିର ଅବସ୍ଥିତି ଦକ୍ଷିଣ ଓଡ଼ିଶାର ଗଞ୍ଜାମ ମାଳ ଅଞ୍ଚଳରେ ଥିଲା । ସମ୍ଭବତଃ ଏହି ଚୁଟିଆ ଶ୍ରେଣୀର ନାଗବଂଶୀମାନେ ସେଠାରେ ବସବାସ କରୁଥିଲେ । ଭୂୟାଁ ଓ ଚୁଟିଆ ଗଣ୍ଡମାନେ ଥିଲେ ସେ ଜାତିର ଶାଖା ବିଶେଷ । ନାଗବଂଶୀୟ ରାଜାମାନେ ପ୍ରଥମେ ମଣିନାଗଙ୍କର ଆରାଧନା କରୁଥିଲେ ଓ ସେହି ସମୟରେ ଓଡ଼ିଶାର ମଣିନାଗ ପୂଜା ମଧ୍ୟ ବିଶେଷ ଆଦୃତ ହୋଇପାରିଥିଲା । ବର୍ତ୍ତମାନର ଖୁରୁଧା ଜିଲ୍ଲା ଅନ୍ତର୍ଗତ ରଣପୁର ପାହାଡ଼ ଉପରେ ଥିବା ମଣିନାଗ ପୂଜା ବେଶ୍ ଖ୍ୟାତି ଅର୍ଜନ କରିଥିଲା । ସମୟ କ୍ରମେ ଏହି ମଣିନାଗ ପୂଜା ଶୈବ ଓ ଶାକ୍ତ ଧର୍ମଦ୍ୱାରା କବଳିତ ହୋଇଗଲା । ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ଓ ଦକ୍ଷିଣ ଓଡ଼ିଶାର ନାଗାବଳୀ ନଦୀ ମୁହାଣରେ ମଣିନାଗେଶ୍ୱର ନାମରେ ଶିବଲିଙ୍ଗ ପୂଜା ପାଉଛନ୍ତି । ସମ୍ଭବତଃ ଏପରି ନାଗ ପୂଜା ସୋମବଂଶୀମାନଙ୍କ ରାଜତ୍ୱ କାଳରେ ଶୈବପୀଠ ରୂପେ ପରିବର୍ତ୍ତିତ ହୋଇଯାଇଛି । ଓଡ଼ିଶାରେ ଶୈବ ପୂଜାର ପୃଷ୍ଠପୋଷକ ସୋମବଂଶ ସହିତ ନାଗବଂଶର ସର୍ବଦା ଯୁଦ୍ଧ ଲାଗି ରହୁଥିଲା । ଉଭୟଙ୍କ ମଧ୍ୟରେ କୌଣସି ପ୍ରକାରର ବୁଝାମଣା ହେତୁ ସେମାନଙ୍କ କଳହ ପ୍ରଶମିତ ହୋଇପାରିଥିଲା । ଯାହାଫଳରେ ଲିଙ୍ଗ ସହିତ ସର୍ପ ପୂଜା ଆରମ୍ଭ ହେବାର ଏହା ହିଁ ସମ୍ଭବତଃ ହୋଇଥିଲା । ତେଣୁ ପ୍ରତିଟି ଶିବ ମନ୍ଦିରରେ ଥିବା ଲିଙ୍ଗ ଉପରେ ସର୍ପ ବିଦ୍ୟମାନ ରହିଥାନ୍ତି । ଏହା କୌଣସି ତଥ୍ୟଭିତ୍ତିକ ନୁହେଁ । କେବଳ ଏକ ଆଲୋଚନା ।

ଖ୍ରୀଷ୍ଟପୂର୍ବରୁ ଆବିଷ୍କୃତ ମୂର୍ତ୍ତିମାନଙ୍କ ମଧ୍ୟରେ ନାଗ ଏବଂ ଯକ୍ଷ ଥିଲେ ପ୍ରଧାନ । ଆର୍ଯ୍ୟମାନଙ୍କ ଦ୍ୱାରା ନାଗ ସହିତ ଯକ୍ଷମାନଙ୍କର ପୂଜା ମଧ୍ୟ ଏକତ୍ର ହେବାର ଦେଖାଯାଏ । ମନୁଷ୍ୟାକୃତି ନାଗ ପ୍ରତିମାର ମସ୍ତକରେ ବିଭିନ୍ନ ଫଣାର ନାଗ ବିଗ୍ରହମାନ ଖୋଦନ କରାଯାଇ ସେମାନଙ୍କୁ ପୂଜା କରାଯାଉଥିବା ଦେଖାଯାଉଛି । ସେହିପରି ଯକ୍ଷମାନଙ୍କର ବାଙ୍ଗୁର ଉଚ୍ଚତା, ଦୀର୍ଘ ଉଦର, ମସ୍ତକରେ ଜଟା ଏବଂ କଟୀ ଦେଶରେ ଆବଦ୍ଧ ଥିବା କୌପୁନୀ ହିଁ ସେମାନଙ୍କର ପରିଚୟ ଦେଇଥାଏ । ଏଗୁଡ଼ିକ ପ୍ରାୟଶଃ ଖ୍ରୀଷ୍ଟପୂର୍ବର । ଯକ୍ଷ ଓ ନାଗ ପୂଜା ମୁଖ୍ୟତଃ ବୌଦ୍ଧମାନେ କରୁଥିବାର ଇତିହାସରୁ ଜଣାପଡ଼େ । କେତେକ ଐତିହାସିକଙ୍କର ମତ ଯେ ଯକ୍ଷ ଓ ନାଗମୂର୍ତ୍ତିର ଗଠନ ଓଡ଼ିଶାରୁ ହିଁ ଆରମ୍ଭ ହୋଇଥିଲା । ବିହାରର ସାଞ୍ଚି ଓ ଭେରାଘାଟ ବୌଦ୍ଧ ସ୍ତୂପରେ ଯେଉଁ ଧରଣର ଯକ୍ଷ ଓ ନାଗ ମୂର୍ତ୍ତିମାନ ଦେଖାଯାନ୍ତି ସେଥିରୁ ଏହା କହିବାକୁ ହୋଇଥାଏ ବୋଲି ମତ ରହିଛି । ମଣିଷର ଧନ ଓ ଜୀବନର ରକ୍ଷକ ରୂପେ ନାଗ ଓ ଯକ୍ଷମାନେ ସର୍ବଦା ପରିଚିତ । ଅଥର୍ବବେଦ ସହିତ ପରବର୍ତ୍ତୀ ସଂହିତାମାନଙ୍କର ବର୍ଣ୍ଣନା ଅନୁଯାୟୀ ସର୍ପ ଗୋଟିଏ ଅପଦେବତା ରୂପରେ ପୂଜିତ । ଆଗରୁ କୁହାଯାଇଛି ଯେ ଜୈନତୀର୍ଥଙ୍କର ପାର୍ଶ୍ୱନାଥଙ୍କ ମସ୍ତକରେ ନାଗଫଣା ଛତ୍ର ଭାବରେ ପ୍ରସାରିତ ହୋଇଛି । ସେହିପରି ବୁଦ୍ଧଦେବଙ୍କ ସହିତ ମୁଚ୍ଛଳିନ୍ଦ, ହେଲାପାତ୍ର ପ୍ରଭୃତିଙ୍କ ବିଷୟରେ ସବିଶେଷ ଆଲୋଚନା ଅନ୍ୟତ୍ର ହୋଇଛି । ହିନ୍ଦୁ ଦେବତା ଶିବ, ବଳରାମ ଏବଂ ନାରାୟଣଙ୍କ ବିଗ୍ରହ ସହିତ ସର୍ପମାନଙ୍କୁ ମଧ୍ୟ ଯୋଡ଼ି ଦିଆଯାଇଛି । ସ୍ୱୟଂ ବଳରାମ ଶେଷଦେବ (ନାଗ)ଙ୍କ ଅବତାର ଭାବେ ପରିଚିତ । ନାଗୀ ଏବଂ ଯକ୍ଷିଣୀ ମୂର୍ତ୍ତିମାନଙ୍କର ବେଶଭୂଷା ମଧ୍ୟ ସାଧାରଣଙ୍କଠାରୁ ଅଲଗା ଥିବାର ଦେଖାଯାଏ । ସେମାନଙ୍କ ହସ୍ତ ଓ ବାହୁରେ ଯେପରି ବଳୟମାନ ଖୋଦିତ ହୋଇଛି ତାହା ଅନ୍ୟ ମୂର୍ତ୍ତି ସବୁରେ ପ୍ରାୟଶଃ ଦେଖାଯାଇନଥାଏ । ଓଡ଼ିଶାର ସୂର୍ଯ୍ୟୋପାସକ ବ୍ରାହ୍ମଣମାନେ ମଧ୍ୟ ନାଗ ଗୋତ୍ରୀୟ । ସେମାନେ ଶାକ ଦ୍ୱୀପର ବାସିନ୍ଦା । ଓଡ଼ିଶାରେ ସେମାନଙ୍କର ସ୍ୱତନ୍ତ୍ର ଭାବରେ ଗୋଟିଏ ଗୋଷ୍ଠୀ ରହିଛି ଓ ନିଜକୁ ସେମାନେ ନାଗବଂଶସମ୍ଭୂତ ବୋଲି ଦାବୀ କରିଥାନ୍ତି । ଅନ୍ୟ ଏକ ଐତିହାସିକ ମତ ରହିଛି ଯେ ଯେତେବେଳେ ଓଡ଼ିଶାର ଉପକୂଳ ଅଞ୍ଚଳଗୁଡ଼ିକ କୁଶାଣ, ଶକ ଓ ମୁରାଣ୍ଡ ପ୍ରଭୃତି ବୈଦେଶିକ ଶାସକମାନଙ୍କ ଅଧୀନରେ ଥିଲା ସେତେବେଳେ ନାଗବଂଶୀୟ ଗ୍ରହ ପୂଜକମାନେ ଏହି ଭୂଖଣ୍ଡକୁ ଆସି ବସତି ସ୍ଥାପନ କରିବା ସହ ସ୍ଥାୟୀ ବାସିନ୍ଦା ଭାବେ ରହିଯାଇଥିଲେ । ଏହା ପ୍ରଥମ ବା ଦ୍ୱିତୀୟ ଶତାବ୍ଦୀର କଥା । ଏହି ସମୟରେ ଓଡ଼ିଶାର ପୂର୍ବାଞ୍ଚଳରେ ନାଗବଂଶୀୟ ଶାସକମାନେ ଶାସନ କରୁଥିଲେ । ଆଧୁନିକ କେନ୍ଦୁଝରେ ମୟୁରଭଞ୍ଜକୁ ନେଇ ବିନ୍ଧ୍ୟାଟବୀ ରାଜ୍ୟ ଗଠନ କରାଯାଇଥିଲା ଓ ତାହାର ବିସ୍ତୃତି ବିନ୍ଧ୍ୟପର୍ବତ ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଏପରି ରାଜ୍ୟର ଶାସକମାନେ ଭଞ୍ଜ ଉପାଧି ବ୍ୟବହାର କରୁଥିଲେ । ବିହାରର ରାଞ୍ଚି, ମେଦିନପୁର, ମାନଭୂମ, ବାଙ୍କୁଡ଼ା ପ୍ରଭୃତି ବର୍ତ୍ତମାନର ଜିଲ୍ଲାଗୁଡ଼ିକ ସେତେବେଳେ ସେମାନଙ୍କ ଅଧିନରେ ରହିଥିଲା । ଏହି ନାଗବଂଶୀୟ ଶାସକମାନେ ବୌଦ୍ଧଧର୍ମର ପୃଷ୍ଠପୋଷକତା କରୁଥିବାର ଜଣାଯାଏ । ମାତ୍ର କେତେକ ବି ବୈଦିକ ଧର୍ମ ସହିତ ସମ୍ପୃକ୍ତ ଥିଲେ । ସେମାନେ ଶୈବ ଥିଲେ ଓ ନିଜ ରାଜ୍ୟରେ ବହୁ ମଠ ମନ୍ଦିରମାନ ପ୍ରତିଷ୍ଠା କରାଇଥିଲେ । ୧୯୫୭ ମସିହାରେ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଅସନାପାଟରୁ ମିଳିଥିବା ଏକ ଶିଳାଲିପିରୁ ଏପରି ସବୁ ତଥ୍ୟ ମିଳିପାରିଛି । ଶିଳାଲିପିର ଉପର ଭାଗରେ ନଟରାଜ ଶିବଙ୍କର ମୂର୍ତ୍ତି ରହିଛି । ଏଥିରେ ଲେଖାଥିବା ଲିପି ଗୁପ୍ତବଂଶୀୟ ରାଜା ସମୁଦ୍ରଗୁପ୍ତ ଓ କୁମାରଗୁପ୍ତ ପ୍ରଭୃତିଙ୍କ ସମୟର ଅର୍ଥାତ୍ ଖ୍ରୀଷ୍ଟାବ୍ଦ ତୃତୀୟରୁ ଚତୁର୍ଥ ଶତାବ୍ଦୀର ବୋଲି ଯୁକ୍ତି ରହିଛି । ନାଗବଂଶର ଶ୍ରୀମାଣ ଭଞ୍ଜ ବିନ୍ଧ୍ୟାଟବୀର ରାଜା ଥିଲେ । ସେ କୁଶାଣମାନଙ୍କୁ ପରାସ୍ତ କରିଥିବା ତାଙ୍କ ଶିଳାଲିପିରୁ ଜଣାପଡ଼େ । କୁଶାଣମାନଙ୍କୁ ପରାସ୍ତ କରିବା ପରେ ବିନ୍ଧ୍ୟାଟବୀର ଭଞ୍ଜ ଉପାଧିଧାରୀ ନାଗବଂଶର ଶାସକମାନେ ସେମାନଙ୍କର ବିଶାଳ ଅର୍ଥ ଭଣ୍ଡାରକୁ ଦଖଲକୁ ନେଇ ସାଧାରଣ କାର୍ଯ୍ୟରେ ଲଗାଇ ଦେଇଥିଲେ । ନାଗବଂଶୀୟ ରାଜା ମାଣଭଞ୍ଜ, ତାଙ୍କ ପୁତ୍ର ଶତ୍ରୁଭଞ୍ଜ ସେମାନଙ୍କ ରାଜ୍ୟର ଯେଉଁ ଉତ୍କର୍ଷତା କରାଇଥିଲେ ତାହା ଖ୍ରୀଷ୍ଟାବ୍ଦ ସପ୍ତମ ଶତାବ୍ଦୀର ରଚିତ ଶ୍ରୀହର୍ଷ ଚରିତରେ ବର୍ଣ୍ଣିତ ହୋଇଛି । (ଓଡ଼ିଶା ଇତିହାସ, ପୃଷ୍ଠା: ୧୮୮-୧୯୧)

**(କ୍ରମଶଃ)**

# ଶ୍ରୀମନ୍ଦିରରେ ଚିତାଲାଗି



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫

ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ହେଉଥିବା ଅନେକ ଯାତ୍ରା, ଉପଯାତ୍ରା ଓ ବିଭିନ୍ନ ଉତ୍ସବ ମଧ୍ୟରେ 'ଚିତାଲାଗି ଆମାବାସ୍ୟା' ଅନ୍ୟତମ । ଏହିଦିନ ତିନି ଠାକୁରଙ୍କର ଶ୍ରୀମସ୍ତକରେ ତିନିଗୋଟି ବହୁ ମୂଲ୍ୟବାନ ରତ୍ନଖଚିତ 'ଚିତା' ଲାଗି କରାଯାଇଥାଏ । ବାହାରୁ ଦେଖାଗଲେ ଏହା ଏକ ସାଧାରଣ ବିଧିବିଧାନ ବା ନୀତି ହୋଇଥିଲେ ହେଁ, ଚିତାଲାଗି ଉତ୍ସବ ଭଗବାନ ଶ୍ରୀବିଷ୍ଣୁଙ୍କ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଥିବାରୁ ଏହାର ଆଧ୍ୟାତ୍ମିକ ମହତ୍ତ୍ୱ ଅବର୍ଣ୍ଣନୀୟ । ଶ୍ରୀଜିଉମାନଙ୍କ ମସ୍ତକରେ ଥିବା ଏହି ମୂଲ୍ୟବାନ ଚିତା ଗୁଡ଼ିକର ନିରାପତ୍ତା ଲାଗି ପ୍ରତିବର୍ଷ ସ୍ନାନପୂର୍ଣ୍ଣମୀ ଦିନ ଏହାକୁ ଓଲାଗି କରାଯାଇ ଭଣ୍ଡାରଘରେ ସାଇତା ହୋଇ ରଖାଯାଏ ଏବଂ ଏହା ବଦଳରେ ତିନି ଠାକୁରଙ୍କୁ ତିନିଗୋଟି 'ସୋଲ ତିଆରି ଚିତା' ଲାଗି କରାଯାଏ । ରଥଯାତ୍ରା ସାରି ମହାପ୍ରଭୁ ନୀଳାଦ୍ରି ବିଜେ କରିବା ପରେ ଶ୍ରାବଣ ଅମାବାସ୍ୟା ଦିନ ପ୍ରଭୁଙ୍କ ଠାରେ ଏହି ଚିତା ପୁନଃ ଲାଗି କରାଯାଇଥାଏ । କଥିତ ଅଛି - ଆଜିର ଦିନରେ ସମୁଦ୍ର ମନ୍ଥନ ବେଳେ ସେଥିରୁ ବାହାରିଥିବା ମୂଲ୍ୟବାନ ରତ୍ନସବୁ ନିଜେ ଭଗବାନ ବିଷ୍ଣୁ ଧାରଣ କରିଥିଲେ । ସେହି କାରଣରୁ ଏହି ଦିନରେ 'ରତ୍ନଗ୍ରହଣ ବା ପରିଧାନ' କରାଯିବା ସାଧାରଣରେ ମଙ୍ଗଳମୟ ବିବେଚନା କରାଯାଏ । ଉକ୍ତ ଦିନ ପ୍ରତ୍ୟୁଷରୁ ଶ୍ରୀମନ୍ଦିରରେ ଦୈନନ୍ଦିନ ନୀତି କ୍ରମରେ ଶ୍ରୀଜୀଉଙ୍କର ସକାଳଧୂପ ପୂଜା ବସିଥିବା ବେଳେ ଭଣ୍ଡାର ମେକାପ (ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଦାୟିତ୍ୱରେ ଥିବା ମେକାପ ସେବକ) ଭଣ୍ଡାର ଘରେ ଅତି ଯତ୍ନରେ ସାଇତା ହୋଇ ରଖା ଯାଇଥିବା ବଡ଼ବାଡ଼ର (ଶ୍ରୀବଳଭଦ୍ର) ନୀଳଚିତା, ମଝିବାଡ଼ର (ଦେବୀ ସୁଭଦ୍ରା) ନାଲିଚିତା ଓ ମହାପ୍ରଭୁଙ୍କ ବାଡ଼ର ଧଳାଚିତା ବାହାରକୁ ଆଣନ୍ତି । ଏହି ତିନିଗୋଟି ସୁବର୍ଣ୍ଣ ଚିତାରେ ନୀଳା, ମାଣିକ୍ୟ ଓ ହୀରାଖଚିତ ହୋଇଥାଏ । ଶ୍ରୀମନ୍ଦିର ବେହରଣ ଦ୍ୱାର ନିକଟରେ ଶ୍ରୀମନ୍ଦିରର ପଦାଧିକାରୀଙ୍କ ଉପସ୍ଥିତିରେ ଭଣ୍ଡାର ମେକାପ ଏଗୁଡ଼ିକୁ ଦେଉଳ କରଣ ଓ ଚଢ଼ଉ କରଣ ସେବକଙ୍କ ଜିମା ଦେଇଥାନ୍ତି । ଶ୍ରୀମନ୍ଦିର ରୋଷଘରୁ ଆସିଥିବା ନିଆଁରେ ସେହି ସ୍ଥାନରେ ଉପସ୍ଥିତ ଥିବା ବଣିଆ ସେବକ ସର୍ବ ସମ୍ମୁଖରେ ଚିତାଗୁଡ଼ିକୁ ନିଆଁରେ ପୋଡ଼ି, ପୋଛି ଓ ମାଜି ସଫା କରିଥାନ୍ତି । ଏହି ଚିତାଗୁଡ଼ିକ ବର୍ଷରେ ଥରେ ମାତ୍ର ଏହିଦିନ ସଫା କରାଯାଇଥାଏ । ଏହାପରେ ବିଧି ମୁତାବକ ଭଅଣ୍ଡ ଭୋଗ ନୀତି ବଢ଼ିବା (ଶେଷ ହେବା) ପରେ ପୁଷ୍ପାଳକ ସେବକମାନେ ସିଂହାସନ ଉପରକୁ ଉଠି ଝୋବାକର୍ଣ୍ଣି (ତିନି ଠାକୁରଙ୍କର କଟିଦେଶରେ ସ୍ୱର୍ଣ୍ଣଝୁମ୍ପା ଲାଗିଥିବା ଅଳଙ୍କାର) ମଇଲମ (ଓଲାଗି) କରିଥାନ୍ତି । ବିଧି ମୁତାବକ ଦଇତା ସେବକମାନେ ସିଂହାସନ ଉପରକୁ ଉଠିବା ପୂର୍ବରୁ ରତ୍ନସିଂହାସନରେ ବିରାଜିତା ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଘରକୁ ବିଜେ କରି ଯାଇଥାନ୍ତି । ଏହାପରେ ଶ୍ରୀଜୀଉମାନଙ୍କ ଠାରେ ଚିତାଲାଗି କରିବା ନିମନ୍ତେ ଦଇତାପତି ସେବକମାନଙ୍କ ସହିତ ପତିମହାପାତ୍ର ଭିତରକୁ ଯାଇ ଏହି କାର୍ଯ୍ୟ କରନ୍ତି । ପାଟରା ସେବକ ଦେଇଥିବା ପାଟଡ଼ୋର ଓ ସୁଦୁସୁଆର ଯୋଗେଇ ଦେଇଥିବା ଝୁଣା ଓ ରାଶି ତେଲରେ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ଓଷୁଅ (ଅଠା) ସାହାଯ୍ୟରେ ତିନି ଠାକୁରଙ୍କର ମସ୍ତକରେ ଚିତାଗୁଡ଼ିକୁ ଦୃଢ଼ ଭାବରେ ଲାଗି (ବାନ୍ଧିବା କାର୍ଯ୍ୟ)କରାଯାଏ । ଏହା ଏକ ଗୁପ୍ତସେବା (ନୀତି) ହୋଇଥିବାରୁ ପ୍ରାୟ ଦୁଇ ଘଂଟାରୁ ତିନି ଘଂଟା ପର୍ଯ୍ୟନ୍ତ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ସର୍ବସାଧାରଣ ଦର୍ଶନ ହୋଇ ନଥାଏ । ଚିତାଲାଗି ନୀତି ବଢ଼ିବା ପରେ ଶ୍ରୀଜୀଉଙ୍କର ମହାସ୍ନାନ ଓ ଅନ୍ୟାନ୍ୟ ନୀତି ସଂପନ୍ନ ହୋଇଥାଏ । ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଘରୁ ରତ୍ନ ସିଂହାସନକୁ ବିଜେ କରନ୍ତି । ଠାକୁରମାନଙ୍କ ଠାରେ ତ୍ରିମୂର୍ତ୍ତି ଅଳଙ୍କାର ଲାଗି ଓ ଅନ୍ୟାନ୍ୟ ନୀତି ବଢ଼ିବା ପରେ ମହାପ୍ରଭୁଙ୍କ ନିକଟରେ ତିନି ବାଡ଼ରେ ଚିତୋଉ ପିଠାର ତାଡ଼ ଭୋଗ କରାଯାଇଥାଏ । ଦ୍ୱିପ୍ରହର ବା ମଧ୍ୟାହ୍ନ ଧୂପରେ ପିଠାପଣା ଓ ଖେଚୁଡ଼ି ଭୋଗ ହୁଏ । ଧୂପ ବଢ଼ିଲେ, ତିନି ଠାକୁରଙ୍କ ଠାରେ ବନ୍ଦାପନା କରାଯାଏ । ସାଧାରଣରେ ଶ୍ରୀଜଗନ୍ନାଥଙ୍କ ଚିତାକୁ ହୀରା ଚିତା, ଶ୍ରୀବଳଭଦ୍ରଙ୍କ ଚିତାକୁ ନୀଳା ଚିତା ଏବଂ ଦେବୀ ସୁଭଦ୍ରାଙ୍କ ଚିତାକୁ ପାନ୍ନା ଚିତା କୁହାଯାଇଥାଏ । ତିନୋଟି ଯାକ ଚିତା ସୁନାରେ ତିଆରି ଏବଂ ଏହା ଉପରେ ମୂଲ୍ୟବାନ ରତ୍ନ ପଥର ଖଞ୍ଜା ଯାଇଥାଏ । ଶ୍ରୀବଳଭଦ୍ରଙ୍କ ସ୍ୱର୍ଣଚିତା ମଧ୍ୟରେ ଏକ ବଡ଼ ନାୟକ ମର୍କତ ପଥର ରହିଛି । ଏହାର ଚତୁଃପାର୍ଶ୍ୱରେ ପାଞ୍ଚଟି ବେଢ଼ରେ ଛୋଟ ଛୋଟ ମାଣିକ୍ୟ, ହୀରା, ମର୍କତ ବା ପାନ୍ନା ଓ ନୀଳା ପଥର ଖଞ୍ଜା ଯାଇଛି । ଶ୍ରୀଜଗନ୍ନାଥଙ୍କ ଚିତା ମଝିରେ ଗୋଟିଏ ବଡ଼ ନାୟକ ପଥର ରହିଛି । ଏହାର ସାତ ବେଢ଼ରେ ଛୋଟ ଛୋଟ ରତ୍ନ ପଥର ଯଥା - ହୀରା, ମାଣିକ, ପାନ୍ନା ଏବଂ ଓପାଲ (ଗୋଦନ୍ତମଣି ବା ଆଲୋକରେ ବିବିଧବର୍ଣ୍ଣ ଧାରଣ କରୁଥିବା ଶୁକ୍ଳ ରତ୍ନ) ଶେଷ ତଥା ସପ୍ତମ ବେଢ଼ର ଶୀର୍ଷରେ ପାନପତ୍ର ଆକୃତିର ଏକ ହୀରା ପଥର ରହିଛି । ଏହି ହୀରାକୁ 'ବ୍ରହ୍ମଜ୍ୟୋତି ହୀରା' କୁହାଯାଏ । ଦେବୀ ସୁଭଦ୍ରାଙ୍କ ଚିତା ମଝିରେ ଏକ ବଡ଼ ପାନ୍ନା ପଥର ଅଛି । ଚିତାର ତିନୋଟି ବେଢ଼ରେ ଛୋଟ ଛୋଟ ମାଣିକ୍ୟ, ମର୍କତ, ହୀରା, ଓ ମାଣିକ୍ୟ ଚୁନି ରହିଛି । ଇତିହାସରୁ ଜଣାଯାଏ, ଏହି ପର୍ବ ଜଗତଗୁରୁ ଆଦି 'ଶଙ୍କରାଚାର୍ଯ୍ୟ'ଙ୍କ ଅମଳରୁ ଶ୍ରୀମନ୍ଦିରରେ ପାଳନ କରାଯାଉଛି । ସେ ସମୟରେ ରକ୍ତବାହୁ ଆକ୍ରମଣରୁ ତିନି ଠାକୁରଙ୍କୁ ପୁରୀରୁ ନେଇ ସୋନପୁରରେ ପାତାଳି କରାଯାଇଥିବାରୁ ଜଗତଗୁରୁ ଆଚାର୍ଯ୍ୟ ଶଙ୍କରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍କଳର ରାଜା ଯଯାତି କେଶରୀ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସେଠାରୁ ଉଦ୍ଧାର କରି ଏକ ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ ଶ୍ରୀକ୍ଷେତ୍ର ଆଣି "ଶ୍ରାବଣ ଅମାବାସ୍ୟା ଦିନ ପଞ୍ଚାଭିଷେକ କରି ରତ୍ନ ସିଂହାସନରେ ଶ୍ରୀଜଗନ୍ନାଥଙ୍କ ମସ୍ତକରେ 'ହୀରାଚିତା'ଲାଗି କରିଥିଲେ । ଉକ୍ତଦିନ ଶ୍ରୀମନ୍ଦିରରେ ଉପସ୍ଥିତ ଭକ୍ତମଣ୍ଡଳୀ ଓ ମହାରାଜା ଯଯାତି କେଶରୀ ଶ୍ରୀଶଙ୍କରାଚାର୍ଯ୍ୟଙ୍କ ହସ୍ତରୁ ଶ୍ରୀଜଗନ୍ନାଥଙ୍କ ପ୍ରଥମ ଆଳତି ଦର୍ଶନ କରି ନିଜକୁ କୃତାର୍ଥ ମନେ କରିଥିଲେ ।" ସେହିଦିନ ଠାରୁ ଉତ୍କଳରେ ଶ୍ରାବଣ ଅମାବାସ୍ୟା 'ଚିତାଲାଗି ଅମାବାସ୍ୟା' ନାମରେ ପ୍ରସିଦ୍ଧି ଲାଭ କଲା ।

# ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ



ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
ମୋ-୭୦୨୦୬୧୧୩୦୦

ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଅଖିଳବ୍ରହ୍ମାଣ୍ଡ ସ୍ୱାମୀ ସାରା ବିଶ୍ୱବାସୀ ତଥା ଅସଂଖ୍ୟ କୀଟପତଙ୍ଗ, ପଶୁପକ୍ଷୀଙ୍କ ହର୍ତ୍ତାକର୍ତ୍ତା, ଦଇବ ବିଧାତା ମହାପ୍ରଭୁ ଅନାଥର ନାଥ, ଦୀନବନ୍ଧୁ, ଜଗତର ନାଥ ଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରିବା ଆମ ପରି ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ । ମହାପ୍ରଭୁ କାଳିଆ ସାଆନ୍ତ ଲୀଳା ଅବର୍ଣ୍ଣନୀୟ । ସେ ନିଜେ ହିଁ ନିଜର ସ୍ରଷ୍ଟା ନା ତାଙ୍କର ଆଦି ଅଛି ନା ତାଙ୍କର ଅନ୍ତ ଅଛି । ମହାପ୍ରଭୁ କେତେବେଳେ କାହା ମାଧ୍ୟମରେ କେଉଁ ରୂପରେ କାହାକୁ ସାହାଯ୍ୟ କରିବେ ଏହା କେବଳ ତାଙ୍କୁ ହିଁ ଜଣା । ତାଙ୍କର ବିନା ଇଙ୍ଗିତରେ ଗଛର ପତ୍ର ବି ହଲିନଥାଏ । ସେଥିପାଇଁ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ରଥର ସାରଥୀ ସାଜି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମୋହଗ୍ରସ୍ତ ଅର୍ଜୁନ ବୁଝାଇ କହିଛନ୍ତି 'କରି କରାଉ ଥାଏ ମୋହି ମୋ ବିନୁ ଅନ୍ୟ ଗତିନାହିଁ' । ଏହାର ଅର୍ଥ ଏ ବିଶ୍ୱବ୍ରହ୍ମାଣ୍ଡରେ ଆମେ ଯାହାବି କର୍ମ କରିଥାଉ ସେଥିରେ ଭଗବାନଙ୍କ କିଛି ମହତ ଉଦ୍ଦେଶ୍ୟ ରହିଥାଏ । ମନୁଷ୍ୟ ନିଜର କର୍ମ ଅନୁସାରେ ଫଳ ଭୋଗିଥାଏ । ମନୁଷ୍ୟ ନିଜର ଇଚ୍ଛା ଅନୁସାରେ କିଛି ବି କର୍ମ କରିବା ଅସମ୍ଭବ । ମହାପ୍ରଭୁ ଚକାଡୋଳାଙ୍କ କୃପା ବିନା କୌଣସି କାର୍ଯ୍ୟ ସଫଳ ହୋଇନଥାଏ । କିନ୍ତୁ ଏକବିଂଶ ଶତାବ୍ଦୀର କିଛି ମନୁଷ୍ୟ ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତି, ମାନ, ପ୍ରତିଷ୍ଠା ଅର୍ଜନ କରି ଅହଂକାରରେ ବଶବର୍ତ୍ତୀ ହୋଇ ଅନ୍ୟାୟ, ଅନୀତି, ଦୁର୍ନୀତିରେ ଲିପ୍ତ ରହେ ଏବଂ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବାରମ୍ବାର ପ୍ରଶ୍ନ ଚିହ୍ନ ଲଗାଇଥାଏ । ନିଜର ଅହମିକା ତଥା ଅହଂକାର ବଶବର୍ତ୍ତୀ ହୋଇ ମନୁଷ୍ୟ ନିଜକୁ ସର୍ବଶକ୍ତିମାନ, ମହାଜ୍ଞାନୀ ମନେକରୁଛି । ଅର୍ଥକୁ ନିଜର ପ୍ରଧାନ ଅସ୍ତ୍ର ଭାବିନେଇଛି ଏବଂ ଅର୍ଥ ବଳରେ ବଳିୟାନ ହୋଇ ଜୀବନରେ ସବୁକିଛି ପାଇଯିବ ଏହା ମନୁଷ୍ୟ ଭାବି ନେଇଛି । ବସ୍ତୁବାଦୀ କଳିଯୁଗର ମନୁଷ୍ୟ ପକ୍ଷେ ସ୍ନେହ, ପ୍ରେମ, ମମତା, ଆବିଳତା, ନମ୍ରତା, ଉଦାରତା, ସରଳତା ପରି ମହନୀୟ ଗୁଣ ଆଶା କରିବା ଶଇତାନର ବେଦ ପାଠ ସଦୃଶ । ସାମାନ୍ୟ ସମ୍ପତ୍ତି ଆଉ କିଛି ଟଙ୍କା ପାଇଁ ନିଜର ଜନ୍ମଦାତା ତଥା ଜନ୍ମଦାତ୍ରୀଙ୍କୁ ହତ୍ୟା କରିବାକୁ ମଧ୍ୟ ପଛାଏ ନାହିଁ ଆଜିର ସ୍ୱାର୍ଥପର ମନୁଷ୍ୟ । ବସ୍ତୁବାଦୀ ମନୁଷ୍ୟ ରଙ୍ଗୀନ ଦୁନିଆର ମାୟାଜାଲରେ ଛନ୍ଦି ହୋଇ ନିଜର ତଥା ନିଜ ପରିବାର, ପତ୍ନୀ, ସନ୍ତାନ, ବନ୍ଧୁ, ପରିଜନକୁ ନିଜର ମନେକରୁଛି ଏବଂ ଈଶ୍ୱରଙ୍କ ଠାରୁ ଦୂରେଇଯାଉଛି । ଈଶ୍ୱରଙ୍କ ଆରାଧନା କରିବା, ପ୍ରାର୍ଥନା କରିବା, ଆଜିର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ପାଖରେ ସମୟ ନାହିଁ । କିନ୍ତୁ ମାଦକଦ୍ରବ୍ୟ, ନିଶା ସେବନ କରିବା ପାଇଁ ତା ପାଖରେ ଯଥେଷ୍ଟ ସମୟ ଅଛି । ଆଜିର ସ୍ୱାର୍ଥପର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ନିଜର ବନ୍ଧୁ, ପରିଜନ, ପତ୍ନୀ, ସନ୍ତାନ, ଆତ୍ମୀୟସ୍ୱଜନଙ୍କୁ ନିଜର ପ୍ରାଣଠାରୁ ଅଧିକ ଭଲପାଏ ଏବଂ ସେମାନଙ୍କୁ ଅତି ନିଜର ମନେକରେ । ସେଇମାନେ ବିପଦ ସମୟରେ ହାତଛାଡ଼ି ଦିଅନ୍ତି ଯେତେବେଳେ ସେମାନଙ୍କ ସ୍ୱାର୍ଥରେ ବାଧା ଆସେ । ସେମାନେ ହତ୍ୟା କରିବାକୁ ମଧ୍ୟ ପଛାନ୍ତି ନାହିଁ । ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି 'ସମ୍ପଦ ବେଳେ ସର୍ବେ ସଖା ବିପଦେ ନଦିଅନ୍ତି ଦେଖା'. 'ମିଛ ମାୟା ସଂସାର ଏଠି କେହି ନୁହେଁ କାହାର ଏକା ଚକାଆଖି ନିଜର' । ଦ୍ୱାପର ଯୁଗ ସମୟରେ ପାଣ୍ଡବମାନେ କୌରବଙ୍କ ଠାରୁ ଜୁଆ ଖେଳରେ ହାରିବା ପରେ କୁରୁସଭା ସ୍ଥଳରେ କୌରବମାନେ ଯେପରି ଦ୍ରୌପଦୀଙ୍କ ବସ୍ତ୍ରହରଣ କଲେ ସେତେବେଳେ ଦ୍ରୌପଦୀ ସମସ୍ତଙ୍କୁ ସହାୟତା ପାଇଁ ଆକୁଳ ନିବେଦନ କଲେ ହେଲେ ଗଙ୍ଗା ପୁତ୍ର ପିତାମହ ଭୀଷ୍ମଙ୍କ ଠାରୁ ଆରମ୍ଭ କରି ଗୁରୁ ଦ୍ରୋଣାଚାର୍ଯ୍ୟ, ପଞ୍ଚୁପାଣ୍ଡବ, ଧୃତରାଷ୍ଟ୍ର ପର୍ଯ୍ୟନ୍ତ ସମସ୍ତେ ନିରବ ରହିଲେ କେହି ଜଣେ ହେଲେ ବି ଏ ଅନ୍ୟାୟର ପ୍ରତିବାଦ କଲେନାହିଁ । ସେତେବେଳେ ନିରୁପାୟ ହୋଇ ଦ୍ରୌପଦୀ ସମ୍ପୂର୍ଣ୍ଣ ସମର୍ପିତ ଭାବରେ ବାସୁଦେବ ଶ୍ରୀକୃଷ୍ଣ ମୋର ଲଜ୍ୟା ନିବାରଣ କରନ୍ତୁ ବୋଲି ଆକୁଳ ନିବେଦନ କଲେ ସେତେବେଳେ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ଲଜ୍ୟା ନିବାରଣ କଲେ । ଚାରିଯୁଗରେ ମହାପ୍ରଭୁ କାଳିଆ ସାଆନ୍ତ ମାନବ ସମାଜକୁ ଈଶ୍ୱରୀୟ ବାର୍ତ୍ତା ପ୍ରଦାନ କରିଛନ୍ତି । ଭକ୍ତର ମାନକୁ ସର୍ବାଗ୍ରେ ରଖିବା ପାଇଁ କେତେ ନିନ୍ଦା, ଅପମାନ, ତିରସ୍କାର, ମାଡ଼ ଭି ସହିଛନ୍ତି ପୁଣି କେତେବେଳେ ଅର୍ଜୁନଙ୍କ ରଥରେ ସାରଥୀ ସାଜିଛନ୍ତି, ଶୁଦ୍ର ଜାତିରେ ଜନ୍ମ ହେଇଥିବା ଶବରୀର ଅଇଁଠା ଖାଇବାରେ କୌଣସି ସଂକୋଚ ପ୍ରକାଶ କରିନାହାନ୍ତି ଏବଂ ବାଲ୍ୟସଖା ସୁଦାମାକୁ ଭେଟ କରିବା ପାଇଁ ରାଜସିଂହାସନ ଛାଡ଼ି ନିଜେ ରାଜା ହୋଇ ଖାଲି ପାଦରେ ବିନା ସୈନ୍ୟସାମନ୍ତରେ ଦିନହୀନ ସୁଦାମାଙ୍କ କାଳବିଳମ୍ବ ନକରି ପହଞ୍ଚିଯାଇଥିଲେ ଏବଂ ସେ ଆଣିଥିବା ଖୁଦଭଜା ଅତି ଆନନ୍ଦରେ ସେବନ କରିଥିଲେ । ସେଥିପାଇଁ ଭଗବାନ ସଦାସର୍ବଦା ନିଜର ଭକ୍ତକୁ ଖୁସି କରେଇବା ପାଇଁ ସବୁକିଛି କରନ୍ତି ସେଥିପାଇଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ଅନ୍ୟନାମ କୃପାସିନ୍ଧୁ । ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ତିରସ୍କାର, ନିନ୍ଦା, ଅପମାନ ସହ୍ୟ କରନ୍ତି କିନ୍ତୁ କାହାରି ଅହମିକା, ଅହଂକାର ସହ୍ୟ କରିପାରନ୍ତି ନାହିଁ । ସେଥିପାଇଁ କୁହାଯାଏ 'ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନ ସହନ୍ତି କାହାରି' । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାରେ ଅନେକ ସାଧାରଣ ମନୁଷ୍ୟଙ୍କୁ ଆଚମ୍ବିତ କଲା ପରି ଘଟଣାମାନ ଘଟିବାରେ ଅନେକ ପ୍ରମାଣ ମିଳେ । ଭକ୍ତର ମାନ ରକ୍ଷା ପାଇଁ କେତେବେଳେ ଭଗବାନ ବଳରାମ ଦାସଙ୍କ ବାଲି ରଥରେ ବିଜେ କରିଛନ୍ତି ତ କେତେବେଳେ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ଭକ୍ତ ଜଗନ୍ନାଥ ଦାସଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିଛନ୍ତି ତ ଆଉ କେତେବେଳେ ଭକ୍ତର ଭୋକ ଦୂରପାଇଁ ନିଜକୁ ଅର୍ପିତ ସୁନାଥାଳିର ଦିବ୍ୟଅନ୍ନ ପ୍ରଦାନ କରିଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କ ହାତରୁ ଦୂରରେ ଥାଇ ଏବଂ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ଶ୍ରଦ୍ଧା ପୂର୍ବକ ଗ୍ରହଣ କରିଛନ୍ତି ବଡ଼ଠାକୁର କାଳିଆ ସାଆନ୍ତ ନିଜର ମହାବାହୁ ବଢ଼ାଇ । ଗୀତଗୋବିନ୍ଦ ଶୁଣିବା ପାଇଁ ସୁଦୂର ପଲ୍ଲୀରେ ବାଇଗଣ ତୋଳୁଥିବା ଅବସ୍ଥାରେ ଗୀତଗୋବିନ୍ଦ ବୋଲୁଥିବା ବୁଢ଼ୀର ବାଇଗଣ କିଆରୀରେ ହାଜର ହୋଇଛନ୍ତି । ଇନ୍ଦ୍ରଙ୍କ ପରି ଦେବତାଙ୍କ ଠାରୁ ଆରମ୍ଭ କରି ମହାମୁନି ନାରଦ ପର୍ଯ୍ୟନ୍ତ ଅନେକଙ୍କ ଅହଂକାରକୁ ଭଙ୍ଗ କରିଛନ୍ତି ମହାପ୍ରଭୁ କାଳିଆ ଠାକୁର । ଗର୍ବୀର ଗର୍ବ ଚୂର୍ଣ୍ଣ ପାଇଁ କେତେବେଳେ ଅଟକି ରହନ୍ତି ସେ ମହାପ୍ରଭୁଙ୍କ ରଥ ଉପରେ । କେତେବେଳେ ଭକ୍ତ ହାତରେ ସ୍ୱର୍ଣ୍ଣ ପାଇଁ ମାନ ଭାଙ୍ଗନ୍ତି 'ମାନଗୋବିନ୍ଦ' । ମହାପ୍ରଭୁ କାଳିଆ ସାଆନ୍ତଙ୍କ ଲୀଳା ବୁଝିବା ଆମ ପରି ସାଧାରଣ ଅଜ୍ଞାନୀ ମନୁଷ୍ୟ ପାଖେ ଅସମ୍ଭବ । ସେ ଭାବର ନିକଟ, ଅଭାବକୁ ଦୂର । ଯିଏ ତାଙ୍କୁ ଯେପରି ଭାବରେ ଆରାଧନା, ଶ୍ରଦ୍ଧା କରିଛି ସେପରି ତାଙ୍କୁ ପାଇଛି । ଯିଏ ତାଙ୍କୁ ଯେଉଁ ରୂପରେ (ନିଜର ଇଷ୍ଟ ଭାବରେ ଦେଖିବାକୁ ଚାହିଁଛି ସେ ସେହି ରୂପରେ ଦେଖିବାକୁ ପାଇଛି । ସିଏ ପରା ଭାବଗ୍ରାହୀ, କରୁଣାସିନ୍ଧୁ, ଅନାଥର ନାଥ ଦୀନବନ୍ଧୁ କାଳିଆ ଠାକୁର ଜଗତର ନାଥ ଜଗନ୍ନାଥ । ସାଲବେଗ ଯୁବକ ଅବସ୍ଥାରେ ଏକଦା ଭୀଷଣ ଭାବରେ କ୍ଷତାକ୍ତ ଓ ପୀଡ଼ିତ ହୋଇଥିଲେ । ଯେତେ ମେଡ଼ିସିନ ଲଗାଇଲେ ମଧ୍ୟ କ୍ଷତର ଉପଶମ ହେଲାନାହିଁ । ନିଜ ମା'ଙ୍କ ପରାମର୍ଶ କ୍ରମେ ବୃନ୍ଦାବନ ବିହାରୀ ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା କରି ବ୍ୟାଧିମୁକ୍ତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ କରୁଣାରୁ ମୃତ୍ୟୁମୁଖରୁ ରକ୍ଷା ପାଇଥିବାରୁ ନିଜର ସମଗ୍ର ଜୀବନ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ସମର୍ପଣ ପୂର୍ବକ ସନ୍ୟାସୀ ଜୀବନଯାପନ କରିବାକୁ ପ୍ରତିଜ୍ଞା କରିଥିଲେ । ତେଣୁ ସେ ଗାଇ ଉଠିଥିଲେ 'ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ ଦର୍ଶନ କରିବି ଯାଇ ଶ୍ରୀ ମଧୁସୂଦନ' । ଏ କଳିଯୁଗରେ ବିଶ୍ୱର ସର୍ବଶେଷ୍ଠ ଜୀବନ୍ତ ଦେବତା ଦାରୁବ୍ରହ୍ମ ଜଗତର ନାଥ ପରମବ୍ରହ୍ମ ବଡ଼ ଠାକୁର ଜଗନ୍ନାଥ । ତାଙ୍କ ଲୀଳା ଅତ୍ୟନ୍ତ ଚମତ୍କାର ଏବଂ ରହସ୍ୟମୟ । ଆମ ପରି ସାଧାରଣ ମନୁଷ୍ୟ ତାଙ୍କ ଲୀଳାକୁ ବୁଝିବା ଅସମ୍ଭବ । ସେ ସୃଷ୍ଟିକର୍ତ୍ତା, ପ୍ରାଣଦାତା, ଏ ଅଖିଳବ୍ରହ୍ମାଣ୍ଡର ରକ୍ଷାକର୍ତ୍ତା, ହର୍ତ୍ତାକର୍ତ୍ତା, ଜଗତର ଜମିଦାର ଆମେ ତାଙ୍କର ପ୍ରଜା । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା । ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର । ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ । ସେ ଅନାଦି ସେ ଅଶେଷ । ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ । ଦୁଇ ସମାନ୍ତରାଳ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ । ଜଗନ୍ନାଥଙ୍କ ପରମ ଓ ଚରମ ସତ୍ୟ ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ । ସେ ଅରୂପ ପୁଣି ସ୍ୱରୂପ । ସେ ନିର୍ଗୁଣ ପୁଣି ସଗୁଣ । ବହୁ ରୂପରେ ତାଙ୍କର ପରିକଳ୍ପନା । ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ । ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ । ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ । ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେ । ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ । ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ । ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି । ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ । ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର, ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ, ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ । ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ । ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର, ଶିବ ବା ଶୁଭର ସୂଚନା । ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ । କାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି । ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ । ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ । ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଈଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚର ଭେଦଭାବ ନଥାଏ । ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ । ସମସ୍ତଙ୍କ ଦୁଃଖ ବୁଝନ୍ତି ସେ । ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ, ନିରାଶୟ, ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ । ଜାତିବର୍ଣ୍ଣ, ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ । ସ୍ନେହ, ପ୍ରେମ, ଭାତୃତ୍ୱ, ବଳିଦାନ, ଭଲପାଇବା, ମାନବିକତା, ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ । ଯେଉଁଠି ସ୍ୱାର୍ଥପର ଅହଂକାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା, ଜନ୍ମଦାତ୍ରୀ ମାତା, ବନ୍ଧୁ, ପରିଜନଙ୍କୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ । ନିଜର ମାନ, ଅଭିମାନ, ରାଗ, ହିଂସା, କ୍ରୋଧ, ଘୃଣା ଭାବକୁ ପରିତ୍ୟାଗ କରି 'ମଣିଷପଣିଆ' ହିଁ ସର୍ବଶ୍ରେଷ୍ଠ ଏହାକୁ ସମଗ୍ର ମାନବଜାତି ଅନୁଭବ କରିବାର ସମୟ ଆସିଛି । ଏହାକୁ ବୁଝିବାକୁ ହେବ ଯେ ନିୟତିର ନିଷ୍ପତ୍ତି ନିକଟରେ ସମଗ୍ର ମାନବଜାତି ଦୁର୍ବଳ ଏବଂ ଅସହାୟ । ଆମକୁ ନିଜର ଅହଂକାର ପରିତ୍ୟାଗ କରିବାକୁ ପଡିବ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ଚରଣଆଶ୍ରିତ ଏବଂ ନତମସ୍ତକ ହେବାକୁ ପଡିବ । ମହାପ୍ରଭୁ ଅନାଥର ନାଥ କାଳିଆ ସାଆନ୍ତଙ୍କ ବିନା ସମଗ୍ର ମାନବଜାତିର ପରିକଳ୍ପନା କରିବା ଅସମ୍ଭବ ଏହାକୁ ବିଶ୍ୱବ୍ରହ୍ମାଣ୍ଡରେ କେହି ବି ଅସ୍ୱୀକାର କରିପାରିବେ ନାହିଁ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଅଗଷ୍ଟ ୨୦୨୬ ବୁଧବାର

# ଆଭା

## ଦୂର ହେଲା ଭ୍ରାନ୍ତି, ଅଳ୍ପ ମଦ୍ୟପାନ ବି ହାନିକାରକ !

ଦଶନ୍ଧି ଦଶନ୍ଧି ଧରି ଏକ ଧାରଣା ରହି ଆସିଥିଲା ଯେ ମଧ୍ୟମ ଧରଣର ମଦ୍ୟପାନ ଲୋକଙ୍କୁ ସୁସ୍ଥ ତଥା ଦୀର୍ଘଜୀବୀ କରିଥାଏ । ଏପରିକି ଫ୍ରାନ୍ସରେ 'ଫ୍ରେଞ୍ଚ ପାରାଡକ୍ସ' ନାମକ ଏକ ଦୃଢ଼ ଧାରଣା ରହିଛି କି, ରେଡ୍ ବାଇନ୍ ସେବନ କରୁଥିବା ଲୋକଙ୍କର ହୃଦ୍‌ରୋଗ ହାର କମ୍ ରହିଥାଏ । ମାତ୍ର ଏକ ସଦ୍ୟ ଅନୁଧ୍ୟାନ ଅନୁଯାୟୀ, ଯେକୌଣସି ପରିମାଣର ହେଉ ପଛେ, ମଦ୍ୟପାନ ଆଦୌ ସ୍ୱାସ୍ଥ୍ୟପ୍ରଦ ନୁହେଁ । ଏପରିକି ଅଳ୍ପରୁ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କର ବହୁବିଧ କର୍କଟ ହେବାର ଆଶଙ୍କା ରହିଛି । ସେଥିପାଇଁ ମଦ୍ୟପାନ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ କଦାପି ନିରାପଦ ନୁହେଁ ବୋଲି ଗତବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଘୋଷଣା କରାଯାଇଛି । ମଧ୍ୟମ ଧରଣର ମଦ୍ୟପାନ ସ୍ୱାସ୍ଥ୍ୟପ୍ରଦ ବୋଲି ରହିଥିବା ଭ୍ରାନ୍ତ ଧାରଣାର ଆଧାର ହେଉଛି ଅତୀତରେ ହୋଇଥିବା କେତେକ ବୈଜ୍ଞାନିକ ଅଧ୍ୟୟନ । କିନ୍ତୁ ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ 'କାଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ସବ୍‌ଷ୍ଟାନ୍ସ ୟୁଜ୍ ରିସର୍ଚ'ର ଗବେଷକମାନେ ପୂର୍ବରୁ ପ୍ରକାଶିତ ୧୦୭ ପ୍ରକାର ତଥ୍ୟଭିତ୍ତିକ ଅନୁସନ୍ଧାନକୁ ତର୍ଜମା କରି ଉକ୍ତ ଗବେଷଣାଗୁଡ଼ିକ ତ୍ରୁଟିକୁ ଠାବ କରି ସେଗୁଡ଼ିକର ନିଷ୍କର୍ଷ ଭ୍ରମାତ୍ମକ ବୋଲି ପ୍ରମାଣିତ କରିଛନ୍ତି । ମଦ୍ୟପାନଠାରୁ ସଂପୂର୍ଣ୍ଣ ଦୂରେଇ ରହିଥିବା ଲୋକଙ୍କ ତୁଳନାରେ ଦିନକୁ ଦୁଇଥର ଅଥବା ସପ୍ତାହକୁ ଥରେ ମଦ୍ୟପାନ କରୁଥିବା ଲୋକଙ୍କର ମୃତ୍ୟୁ ଆଶଙ୍କା ୧୪ ପ୍ରତିଶତ କମ୍ ବୋଲି ପୂର୍ବ ଗବେଷଣାରୁ ନିଷ୍କର୍ଷ ମିଳିଥିଲା । ମାତ୍ର ସେସବୁ ତଥ୍ୟଭିତ୍ତିକ ଅନୁଧ୍ୟାନ କେବଳ ବୟସ୍କ ଲୋକଙ୍କ ମଧ୍ୟରେ ସୀମିତ ରହିଥିଲା । ସେଥିରେ ଜୀବନ ତମାମ ମଦ



ପିଉଥିବା ଲୋକଙ୍କୁ ସାମିଲ କରାଯାଇ ନଥିଲା । ଅର୍ଥାତ୍ ସେଥିରେ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କ ସହିତ ମଦଠାରୁ ସଂପୂର୍ଣ୍ଣ ଦୂରେଇ ରହିଥିବା ଓ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପରେ ମଦ୍ୟପାନ କମାଇ ଦେଇଥିବା ଅଥବା ତ୍ୟାଗ କରିଥିବା ଲୋକଙ୍କ ସହ ତୁଳନା କରାଯାଇଥିଲା । ସୁତରାଂ ତୁଳନାତ୍ମକ ଭାବେ ମଦ୍ୟପାନ ଜାରି ରଖିଥିବା ଲୋକେ ଅଧିକ ସୁସ୍ଥ ବୋଲି ସେଥିରୁ ନିଷ୍କର୍ଷ ବାହାରିଥିଲା । ମାତ୍ର ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟର ଏହି ଗବେଷକମାନଙ୍କ ସଦ୍ୟତମ ଅନୁଧ୍ୟାନରେ ୫୫ ବର୍ଷରୁ କମ୍ ବୟସ୍କ ଲୋକଙ୍କୁ ସାମିଲ କରାଯାଇଥିଲା । ଏଥି ସହିତ ପୂର୍ବରୁ ମଦ ପିଇ ଏବେ ଛାଡ଼ିଦେଇଥିବା ଏବଂ ବେଳେ ବେଳେ ମଦ ପିଉଥିବା ଲୋକଙ୍କୁ ମଦ୍ୟନିବୃତ୍ତ ଶ୍ରେଣୀରେ ରଖାଯାଇନଥିଲା । ଏଥିରୁ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କର ଜୀବନଧାରଣ କ୍ଷମତା ଉନ୍ନତ ଥିବା କଥା ଆଦୌ ନିରୂପିତ ହୋଇନଥିଲା । ସେହିପରି ରେଡ୍‌ବାଇନ୍‌ରେ 'ରେସଭେରାଟ୍ରଲ୍' ନାମକ ଏକ ପ୍ରକାର ଆଣ୍ଟିଅକ୍ସିଡାଣ୍ଟ ରହିଛି ଯାହା ରକ୍ତରେ କୋଲେଷ୍ଟ୍ରୋଲ୍ ସ୍ତର ଓ ରକ୍ତଚାପ କମାଇବାରେ ସହାୟକ ହୋଇଥାଏ । ତେଣୁ ରେଡ୍‌ବାଇନ୍ ହୃଦ୍‌ରୋଗ କମାଇଥାଏ ବୋଲି ବିଶ୍ୱାସ ରହିଛି । ମାତ୍ର କେତେ ପରିମାଣର 'ରେସଭେରାଟ୍ରଲ୍' ଆମ ପାଇଁ ନିରାପଦ, ସେ ସମ୍ପର୍କରେ କିଛି ସୂଚନା ମିଳିପାରିନାହିଁ । ଅପରପକ୍ଷେ, ମଦ ପିଉଥିବା ଲୋକଙ୍କ କ୍ଷେତ୍ରରେ ମୁଖଗହ୍ୱର କର୍କଟ, ଗଳା କର୍କଟ, ସ୍ତନ କର୍କଟ ଓ ଅନ୍ତ୍ରାଶୟ କର୍କଟ ପରି ସାତ ପ୍ରକାରର କର୍କଟ ରୋଗର ଆଶଙ୍କା ଅଧିକ ବୋଲି ଜଣାଯାଇଛି ।

## ବାରମ୍ବାର ୟୁଟିଆଇ ହୋଇପାରେ କର୍କଟ ରୋଗର ସଙ୍କେତ

୫ଜି ଇଣ୍ଟରନେଟ ଯୁଗରେ ରୋଗ ମଧ୍ୟ ଖୁବ୍ ଶୀଘ୍ର ବଢ଼ିବାରେ ଲାଗିଛି । ଏହାରି ଭିତରେ ୟୁଟିଆଇ ବା ୟୁରିନାରି ଟ୍ରାକ୍ ଇଂଫେକ୍ସନ ଏବେ ବହୁ ମାତ୍ରାରେ ବଢିବାରେ ଲାଗିଛି । ପ୍ରତ୍ୟେକ ମହିଳା ନିଜ ଜୀବନରେ ଥରେ ବା ତାଠାରୁ ଅଧିକ ଥର ଏହି ରୋଗର ଶିକାର ହୋଇଥାନ୍ତି । ୟୁଟିଆଇ ମହିଳାମାନଙ୍କଠାରେ ବାରମ୍ବାର ଦେଖାଯାଏ । ଏହା ଏକ ସାଧାରଣ ସଂକ୍ରମଣ ଯାହା ଖାଦ୍ୟ ଏବଂ ଔଷଧ ମାଧ୍ୟମରେ ଆରୋଗ୍ୟ ହୋଇପାରିବ । କିନ୍ତୁ ଏହା ମହିଳାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅତ୍ୟନ୍ତ ଦୁର୍ବଳ କରିଦେଇଥାଏ । ପରିଷ୍କାର ପରିଚ୍ଛନ୍ନତା ଅଭାବରେ ୟୁଟିଆଇ ହୋବାର ସମ୍ଭାବନା ବଢିଥାଏ । ଏହି ରୋଗରେ ଏକାଧିକ ଥର ସଂକ୍ରମିତ ହେବା କୌଣସି ସାଧାରଣ କଥା ନୁହେଁ । ଏହା ଦ୍ୱାରା କର୍କଟ ଭଳି ଗମ୍ଭୀର ରୋଗ ହେବାର ଆଶଙ୍କା ରହିଥାଏ ।

## ଦୀର୍ଘଜୀବୀ ହେବାକୁ ବଢ଼ାନ୍ତୁ ସାଙ୍ଗସାଥୀ



ସାଧାରଣତଃ ଦୀର୍ଘଜୀବୀ ହେବା ପଛରେ ସୁଷମ ଖାଦ୍ୟ, ବ୍ୟାୟାମ ଓ ସୁସ୍ଥ ଜୀବନଶୈଳୀ ଗୁରୁତ୍ୱପୂର୍ଣ୍ଣ ବୋଲି ସମସ୍ତଙ୍କର ଏକ ବଦ୍ଧମୂଳ ଧାରଣା ରହିଆସିଛି । ମାତ୍ର ଏକ ନୂତନ ଅନୁଧ୍ୟାନ ଅନୁଯାୟୀ, ଏଥିପାଇଁ ଜଣଙ୍କର ସାମାଜିକ ସମ୍ପର୍କର ମଧ୍ୟ ପ୍ରମୁଖ ଭୂମିକା ରହିଛି । ନିୟମିତ ବ୍ୟାୟାମ ଜଣକୁ ଯେତିକି ସୁସ୍ଥ ରଖିପାରିବ, ସାଙ୍ଗସାଥୀ ବା ବନ୍ଧୁବାନ୍ଧବମାନଙ୍କ ଗହଣରେ ଅଧିକ ସମୟ ବିତାଉଥିବା ବ୍ୟକ୍ତି ମଧ୍ୟ ସେତିକି ସୁସ୍ଥ, ନିରାମୟ ଓ ଦୀର୍ଘଜୀବୀ ହୋଇପାରିବେ ।
ଲେଖକ ତଥା ବିବିସି ସାମ୍ବାଦିକ ଡେଭିଡ୍ ରବ୍‌ସନ୍ ତାଙ୍କର ନୂତନ ପୁସ୍ତକ ''ଦି ଲ'ଜ୍ ଅଫ୍ କନେକ୍ସନ୍''ରେ ଏ ବାବଦରେ ପ୍ରମାଣ ସହ ଦର୍ଶାଇଛନ୍ତି ଯେ, ନିଜକୁ ନିଃସଙ୍ଗ ମନେ କରୁଥିବା ଲୋକଙ୍କ ତୁଳନାରେ ସାମାଜିକ ସମ୍ପର୍କରେ ରହୁଥିବା ବ୍ୟକ୍ତି ଅଧିକ ସୁସ୍ଥ ଓ ଦୀର୍ଘ ଜୀବନଯାପନ କରିଥା'ନ୍ତି । ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଏପରି ଜୈବ-ମନସ୍ତାତ୍ତ୍ୱିକ-ସାମାଜିକ ପ୍ରଭାବ ସଂପର୍କରେ ତର୍ଜମା କରି ରବ୍‌ସନ୍ ସ୍ପଷ୍ଟ କରିଛନ୍ତି ଯେ, ବନ୍ଧୁତା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ଠାରୁ ଆରମ୍ଭ କରି ହୃଦ୍‌ରୋଗରେ ମୃତ୍ୟୁ ହେବା ଆଶଙ୍କାକୁ ମଧ୍ୟ ଦୂର କରିଥାଏ । ତେଣୁ ଦୀର୍ଘଦିନ ବଞ୍ଚିବାର ଅଭିଳାଷ ଥିଲେ, ଲୋକଙ୍କ ସହ ସମ୍ପର୍କକୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଦୀର୍ଘଜୀବୀ ହେବା ପଛର କାରଣ ଖୋଜିବାକୁ ଯାଇ ୧୯୬୦ ଦଶକରେ ଆମେରିକାର ପ୍ରସିଦ୍ଧ ଚିକିତ୍ସକ ଲେଷ୍ଟର ବ୍ରିସ୍ଲୋ 'ଆଲମେଡା ୭' ନାମରେ ଏକ ସୂତ୍ର ବାହାର କରିଥିଲେ । ସେହି ସାତଟି ଉପାଦାନ ହେଲା: ଧୂମପାନ ବର୍ଜନ, ମଦ୍ୟପାନ ତ୍ୟାଗ, ରାତିରେ ୭ରୁ ୮ ଘଣ୍ଟା ଶୟନ, ନିୟମିତ ବ୍ୟାୟାମ, କାମଚଳା ଆହାର ବାରଣ, ମଧ୍ୟମ ଧରଣର ଓଜନ ଓ ନିଶ୍ଚିତ ପ୍ରାତଃଭୋଜନ । ତେବେ ୧୯୭୯ ମସିହାରେ ଲେଷ୍ଟରଙ୍କ ସହଯୋଗୀମାନେ ଏଥିରେ ଅଷ୍ଟମ ଉପାଦାନଟି ଯୋଡ଼ିଥିଲେ, ତାହା ହେଲା ସାମାଜିକ ସଂଯୋଗ । ବିଭିନ୍ନ ଅଧ୍ୟୟନରୁ ଏକଥା ପ୍ରମାଣିତ ଯେ ଖୁବ୍ କମ୍ ସାମାଜିକ ସମ୍ପର୍କ ରଖୁଥିବା ଲୋକଙ୍କ ତୁଳନାରେ ଅଧିକ ଯୋଗାଯୋଗରେ ଥିବା ଲୋକଙ୍କର ମୃତ୍ୟୁ ହାର ପ୍ରାୟ ଅଧା । ସୁତରାଂ ଘନିଷ୍ଠ ବନ୍ଧୁତା ପରି ସାମାଜିକ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିବା ଦୀର୍ଘଜୀବୀ ହେବାର ଏକ ସରଳ କିନ୍ତୁ ପ୍ରଭାବଶାଳୀ ଉପାୟ କହିବା ଭୁଲ୍ ହେବ ନାହିଁ ।

## ୫ ଦେଶକୁ ଗୁପ୍ତ ତଥ୍ୟ ଦେଇଥିବା ଭାରତର ଧୁରନ୍ଧର

ତାଙ୍କ କାମରେ ହୋ-ହଲ୍ଲା ନ ଥିଲା । ହିଂସାତ୍ମକ କାର୍ଯ୍ୟ ବି ନ ଥିଲା । କିନ୍ତୁ ଗୁପ୍ତଚରମାନଙ୍କର ସେ ଥିଲେ ଗୁରୁ । ତାଙ୍କ ପରିଚୟ ମିଳିବା ମୁସ୍କିଲ ନୁହେଁ, ଅସମ୍ଭବ ଥିଲା । ତାଙ୍କର ଏକାଧିକ ନାଁ ଥିଲା । ଗୋଟିଏ କି ଦୁଇଟି ନୁହେଁ, ୫ ଦେଶ ପାଇଁ ସେ ଗୁଇନ୍ଦାଗିରି କରୁଥିଲେ । କିନ୍ତୁ କେବଳ ଭାରତ ଥିଲା ତାଙ୍କର ହୃତ୍‌ସ୍ପନ୍ଦନ । ତାଙ୍କର ପ୍ରତିଟି ନିଃଶ୍ୱାସରେ ଥିଲା ଦେଶପ୍ରେମ । ସେ ଏତେ ଧୁରନ୍ଧର ଥିଲେ ଯେ ଗୋଟିଏ ହାତ ବି ଅନ୍ୟ ହାତ ବିଷୟରେ ଜାଣିବା ମୁସ୍କିଲ ଥିଲା । ୨ୟ ବିଶ୍ୱଯୁଦ୍ଧ ସମୟରେ ରାଷ୍ଟ୍ରମାନେ ପରସ୍ପରର ଗୁଇନ୍ଦା ତଥ୍ୟ ପାଇଁ ଗୁପ୍ତଚର ନିଯୁକ୍ତ କରିଥିଲେ । ବ୍ରିଟେନ ଏମିତି ଜଣେ ଗୁପ୍ତଚର ରଖିଥିଲା, ଯାହାଙ୍କ କୋଡ୍‌ନେମ୍ ଥିଲା 'ସିଲଭର' । ସେ ହିଟଲରଙ୍କୁ ବି ମୂର୍ଖ ପ୍ରମାଣିତ କରିଥିଲେ । ଏହି ଧୁରନ୍ଧର ଗୁପ୍ତଚରଙ୍କ ପ୍ରକୃତ ନାଁ ଭଗତ କୁମାର ତଲୱାର । ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସ ଓ ୨ୟ ବିଶ୍ୱଯୁଦ୍ଧର ଗୁପ୍ତ ଇତିହାସରେ ଅନନ୍ୟ ସ୍ଥାନ ଅଧିକାର କରିଛନ୍ତି ଭଗତ । ୧୯୪୧ରେ ସୁଭାଷ ଚନ୍ଦ୍ର ବୋସଙ୍କୁ ବ୍ରିଟିଶ ଭାରତରୁ ପଳାୟନ ଲାଗି ସେ ସାହାଯ୍ୟ କରିଥିଲେ ଏବଂ ସୀମାବର୍ତ୍ତୀ କ୍ଷେତ୍ର ଦେଇ ଆଫଗାନିସ୍ତାନ ପହଞ୍ଚିବାରେ ତାଙ୍କର ମାର୍ଗଦର୍ଶନ କରିଥିଲେ । କିଛି ବର୍ଷ ମଧ୍ୟରେ ସେ ଗୁଇନ୍ଦାଗିରିର ଏଭଳି ଅଭିଯାନ ଚଳାଇଥିଲେ ଯେଉଁଥିରେ ଜର୍ମାନ, ଇଟାଲୀ, ସୋଭିଏତ, ବ୍ରିଟିଶ ଓ ଜାପାନୀ ସାମିଲ ଥିଲେ । ତାଙ୍କର ବ୍ରିଟିଶ ହ୍ୟାଣ୍ଡଲର ଥିଲେ ପିଟର ଫ୍ଲେମିଂ, ଯିଏକି ଯୁଦ୍ଧ ସମୟର ଗୁଇନ୍ଦା ଅଧିକାରୀ । ପ୍ରଖ୍ୟାତ ବ୍ରିଟିଶ ସାମ୍ବାଦିକ ତଥା ଲେଖକ ମିହିର ବୋସ ଭଗତଙ୍କ ଅସାଧାରଣ ଗୁଇନ୍ଦାଗିରିକୁ ଲୋକଲୋଚନକୁ ଆଣିଛନ୍ତି । ସେ ଯଦି ତାଙ୍କର ଅନନ୍ୟ ଗୁଇନ୍ଦା ରେକର୍ଡକୁ ସଂଗ୍ରହ କରିନଥାନ୍ତେ, ଭଗତ ବୋଧହୁଏ ଭାରତରୁ ସୁଭାଷ ଚନ୍ଦ୍ର ବୋସଙ୍କ ପଳାୟନର କାହାଣୀ ଭିତରେ ଲୁଚି ରହିଯାଇଥାନ୍ତେ । ମିହିରଙ୍କର



୨୦୧୭ ମସିହାର 'ଦ ଇଣ୍ଡିଆନ୍ ସ୍ପାଇ: ଦ ଟ୍ରୁ ଷ୍ଟୋରୀ ଅଫ୍ ମୋଷ୍ଟ ରିମାର୍କେବଲ ସିକ୍ରେଟ୍ ଏଜେଣ୍ଟ ଅଫ୍ ୱର୍ଲଡ ୱାର-୨' ଶୀର୍ଷକ ପୁସ୍ତକ ଲଣ୍ଡନରେ 'ସିଲଭର: ଦ ସ୍ପାଇ ହୁ ଫୁଲ୍‌ଡ ନାଜିସ୍' ନାମରେ ପ୍ରକାଶ ପାଇଥିଲା । ଏହି ପୁସ୍ତକ ୫ ଦେଶର ଗୁଇନ୍ଦା ନେଟ୍‌ୱର୍କ ଜରିଆରେ ଭଗତଙ୍କ ଅସାଧାରଣ କ୍ୟାରିଅରକୁ ପୁଣିଥରେ ବୁଝିବାରେ ସାହାଯ୍ୟ କଲା । ୨ୟ ବିଶ୍ୱଯୁଦ୍ଧ ସମୟରେ ଭଗତଙ୍କୁ 'କ୍ୱିଣ୍ଟୁପ୍ଲେଟ୍ ସ୍ପାଇ' ନାମ ମିଳିଥିଲା, ଯାହାର ଅର୍ଥ ପାଞ୍ଚ ପ୍ରକାର ଭୂମିକା ନିର୍ବାହ କରୁଥିବା ଗୁପ୍ତଚର । ନେତାଜୀଙ୍କ ସହ ଭଗତଙ୍କ ସମ୍ପର୍କ ଯୋଗୁ ଯୁଦ୍ଧ ସମୟରେ ତାଙ୍କ ଗତିବିଧି ଆଜି ବି ଯାଞ୍ଚର ପରିସରରେ ରହିଛି । କୋଲକାତାରେ ନେତାଜୀଙ୍କୁ ଗୃହବନ୍ଦୀରୁ ମୁକ୍ତ କରି ଉତ୍ତର-ପୂର୍ବ ସୀମା ଦେଇ ଆଫଗାନିସ୍ତାନ ପହଞ୍ଚାଇବାରେ ସାହାଯ୍ୟ କରିବାରେ ଭଗତଙ୍କ ଭୂମିକା ବେଶ ବିତର୍କପୂର୍ଣ୍ଣ । ଭଗତଙ୍କର ଏହି ସାହାଯ୍ୟ ଶେଷରେ ଏକ ବଡ଼ ପ୍ରତିବାଦମୂଳକ ଆନ୍ଦୋଳନର ନେତୃତ୍ୱ ନେଇଥିଲା, ଯାହାର ଫଳସ୍ୱରୂପ ଭାରତୀୟ ଜାତୀୟ ଆର୍ମି (ଆଇଏନ୍‌ଏ) ଗଠନ ହୋଇଥିଲା । ବିବାଦ ପ୍ରକୃତରେ ଏହା ପରର ଘଟଣାକୁ ନେଇ । ମିହିରଙ୍କ ଅନୁସାରେ, ଯୁଦ୍ଧ ବଢ଼ିବା ସହିତ ଭଗତଙ୍କ ବିଶ୍ୱସ୍ତତା ବଦଳିଲା । ପ୍ରାରମ୍ଭିକ ସମୟରେ କମ୍ୟୁନିଷ୍ଟ ବିଚାରଧାରା ପ୍ରତି ନିଜର ସହାନୁଭୂତି ସତ୍ତ୍ୱେ ଇଟାଲୀ ଓ ଜର୍ମାନ ଗୁଇନ୍ଦା ନେଟ୍‌ୱର୍କ ପର୍ଯ୍ୟନ୍ତ ନିଜ ପହଞ୍ଚର ସେ ଉପଯୋଗ କରିଥିଲେ । ଜର୍ମାନୀ ଯେତେବେଳେ ସୋଭିଏତ ସଂଘ ଉପରେ ଆକ୍ରମଣ କଲା, ଭଗତ ସୋଭିଏତ ଗୁଇନ୍ଦା ସହ କାମ ଆରମ୍ଭ କଲେ । ୧୯୪୨ରେ ପିଟର ଫ୍ଲେମିଂଙ୍କ ଜରିଆରେ ସେ ବ୍ରିଟିଶ ସେନାରେ ମଧ୍ୟ ସାମିଲ ହେଲେ । ସେବେଠୁ ଭଗତ ଏକସଙ୍ଗେ ଏକାଧିକ ଗୁଇନ୍ଦା ସଂସ୍ଥାକୁ ସୂଚନା ପ୍ରଦାନ କରୁଥିଲେ । ଦିଲ୍ଲୀରେ ବ୍ରିଟିଶ ଗୁଇନ୍ଦା ମୁଖ୍ୟାଳୟରୁ କାମ କରୁଥିବା ପିଟର ଫ୍ଲେମିଂ ଭଗତଙ୍କୁ ବ୍ରିଟେନର ସବୁଠୁ ମୂଲ୍ୟବାନ ଯୁଦ୍ଧକାଳୀନ ସମ୍ପତ୍ତିରେ ରୂପାନ୍ତରିତ କରିଥିଲେ । ଫ୍ଲେମିଂ ହିଁ ଭଗତଙ୍କୁ କୋଡ୍‌ନେମ୍ ଦେଇଥିଲେ 'ସିଲଭର' । ସେତେବେଳକୁ ଭଗତ ଜର୍ମାନୀ ଗୁଇନ୍ଦା ବିଭାଗ ସହ ବିଶ୍ୱସନୀୟତା ପ୍ରତିଷ୍ଠା କରିସାରିଥିଲେ । ଜର୍ମାନ ଅଧିକାରୀ ତାଙ୍କୁ ଏତେ ବିଶ୍ୱାସ କରୁଥିଲେ ଯେ ବର୍ଲିନ ସ୍ଥିତ ଅବୱେର ମୁଖ୍ୟାଳୟ ସହ ସିଧାସଳଖ ସମ୍ପର୍କ ଲାଗି ତାଙ୍କୁ ରେଡିଓ ଟ୍ରାନ୍ସମିଟର ବ୍ୟବହାର ଅନୁମତି ଦେଇଥିଲେ । ଭଗତ ଏମିତି ରିପୋର୍ଟ ପଠାଉଥିଲେ, ଯାହା ପ୍ରାୟତଃ ବ୍ରିଟିଶରଙ୍କ ଜାଣତରେ ପ୍ରସ୍ତୁତ ହେଉଥିଲା । ଜର୍ମାନ ଅଧିକାରୀ ଏହାକୁ ଭରସାଯୋଗ୍ୟ ଗୁଇନ୍ଦା ତଥ୍ୟ ରୂପେ ବିଶ୍ୱାସ କରୁଥିଲେ । କିନ୍ତୁ ପ୍ରକୃତରେ ସାମରିକ ଓ ରାଜନୈତିକ ତଥ୍ୟକୁ ନେଇ ଜର୍ମାନୀକୁ ଭ୍ରମିତ କରାଯାଉଥିଲା ।
ସୂଚନା, ବିପୁଳ ଅର୍ଥ ଓ ନିର୍ଦ୍ଦେଶ ସହିତ ଭଗତ ବାରମ୍ବାର ପେଶାୱର ଓ କାବୁଲ ଯାତ୍ରା କରୁଥିଲେ । ୨ୟ ବିଶ୍ୱଯୁଦ୍ଧ ସମୟରେ ଅନେକ ବିପଦପୂର୍ଣ୍ଣ ପଥ ଅତିକ୍ରମ କରୁଥିଲେ । ଜର୍ମାନୀ ତାଙ୍କ ଉପରେ ଭରସା କରିସାରିଥିଲା ଯେ ତାଙ୍କୁ ଆଇରନ୍ କ୍ରସ୍ ସମ୍ମାନ ପ୍ରଦାନ କରିଥିଲା ଏବଂ ଗୁଇନ୍ଦା ଅପରେସନ୍ ପାଇଁ ତାଙ୍କୁ ପାଣ୍ଠି ମଧ୍ୟ ପ୍ରଦାନ କରୁଥିଲା । କିନ୍ତୁ ଜାଣିନଥିଲା ଯେ ଯାହାକୁ ନିଜର ସମ୍ପତ୍ତି ରୂପେ ବିବେଚନା କରୁଛି, ସେ ତା'ର ବିରୋଧରେ କାର୍ଯ୍ୟ କରୁଛି । ଭଗତ ଜଣେ ଅତ୍ୟନ୍ତ ଜଟିଳ ଚରିତ୍ର, କିନ୍ତୁ ତାଙ୍କ ଦେଶଭକ୍ତିକୁ ନେଇ ସନ୍ଦେହର କୌଣସି ଅବକାଶ ନାହିଁ । ୧୯୦୮ ମସିହାରେ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶର ଘଲ୍ଲା ଧେରଠାରେ ହିନ୍ଦୁ ପଠାନ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ବ୍ରିଟିଶ ଶାସନ ବିରୋଧରେ ତାଙ୍କ ପରିବାର ବଡ଼ ମୂଲ୍ୟ ଦେଇଥିଲେ । ବଡ଼ ଭାଇ କିଶନ ତଲୱାରଙ୍କ ଫାଶି ଯୁବକ ଭଗତଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା । ତାଙ୍କ ଭିତରେ ବିପ୍ଳବୀ ମଣିଷଟିଏ ଜନ୍ମ ନେଇଥିଲା ।

## ଇସ୍ରୋକୁ ନାସାର ବଡ଼ ଅଫର: ଆର୍ଟେମିସ୍ ମିଶନର 'ମୁନ୍ ବେସ୍' ପ୍ରୋଗ୍ରାମରେ ସାମିଲ ହେବ ଭାରତ

ଆମେରିକୀୟ ମହାକାଶ ଏଜେନ୍ସି ନ୍ୟାସନାଲ ଏୟରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେସନ ଭାରତୀୟ ମହାକାଶ ଏଜେନ୍ସି ଭାରତୀୟ ମହାକାଶ ଅନୁସନ୍ଧାନ ସଙ୍ଗଠନକୁ ବଡ଼ା ଅଫର ଦେଇଛି । ପ୍ରକୃତ କଥା ହେଲା , ନାସା ଇସ୍ରୋକୁ ଆର୍ଟେମିସ୍ ମିଶନ ଅନୁସାରେ ମୁନ ବେସ୍ ପ୍ରୋଗ୍ରାମ ସାମିଲ ହେବାକୁ ନିମନ୍ତ୍ରଣ କରିଛି । ଆମେରିକୀୟ ଦୂତାବାସ କହିଛନ୍ତି ଯେ, ନାସା ଆର୍ଟେମିସ୍ ଚୁକ୍ତି ଅନୁସାରେ ଭାରତ-ଆମେରିକା ଚୁକ୍ତିକୁ ଆହୁରି ମଜବୁତ କରିବା ପାଇଁ ଇସ୍ରୋକୁ ନିଜର ମୁନ୍ ସ୍ତରୀୟ ପ୍ରୋଗ୍ରାମରେ ଅନ୍ତର୍ଭୁକ୍ତ ହେବା ପାଇଁ ନିମନ୍ତ୍ରଣ କରିଛି । ଉଭୟ ପକ୍ଷ ଚୁକ୍ତି ଅନୁସାରେ, ଓପେନ ସାଇଣ୍ଟିଫିକ୍ ଡାଟା ସେୟାରିଂ ଉପରେ ସହଯୋଗ ପାଇଁ କଥାବାର୍ତ୍ତାକୁ ଆଗକୁ ବଢାଇବା ଉପରେ ମଧ୍ୟ ସହମତି ପ୍ରକାଶ କରିଛନ୍ତି । ଏହି ଚୁକ୍ତିର ଉଦ୍ଦେଶ୍ୟ ବାହ୍ୟ ମହାକାଶର ନାଗରିକ ଅନ୍ୱେଷଣ ଓ ଏହାର ଉପଯୋଗର ଗଭର୍ଣ୍ଣାସକୁ ଉତ୍ତମ କରିବାର ଅଛି । ନାସା ମହାକାଶରେ ଆମେରିକାର ଲିଡରଶିପକୁ ମଜବୁତ କରିବା, ବୈଜ୍ଞାନିକ ଆବିଷ୍କାରକୁ ପ୍ରୋତ୍ସାହିକ କରିବା ,ଇଣ୍ଡଷ୍ଟ୍ରୀ ଓ ଅନ୍ତର୍ଜାତୀୟ ସହଯୋଗୀଙ୍କ ସହ ଇନୋଭେସନକୁ ଆଗକୁ ବଢାଇବା ଓ ମଙ୍ଗଳଗ୍ରହର ମିଶନ ପାଇଁ ମାନବତାକୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଚନ୍ଦ୍ରର ଦକ୍ଷିଣ ଧ୍ରୁବ ନିକଟରେ ଏକ ମୁନ ବେସ୍ ନିର୍ମାଣ କରୁଛି । ୨୧ ଜୁନ ୨୦୨୩ରେ ଭାରତ ଆର୍ଟେମିସ ଚୁକ୍ତିରେ ହସ୍ତାକ୍ଷର କରିବାର ୨୭ ତମ ଦେଶ ହୋଇଥିଲା । ଏହି ଚୁକ୍ତି ଦେଶ ଦେଶ ମଧ୍ୟରେ ମହାକାଶ ଅନ୍ୱେଷଣରେ ସହଯୋଗ ପାଇଁ ନୀତି –ନିର୍ଦ୍ଦେଶ ସ୍ଥିର କରିଥାଏ । ବିବୃତ୍ତିରେ କୁହାଯାଇଛି ଯେ, ଭାରତ ଓ ଆମେରିକା ସିଭିଲ ଓ କମର୍ସିଆଲ ମହାକାଶ ସହଯୋଗ ଉପରେ ନିଜର କଥାବାର୍ତ୍ତାକୁ ଆଗକୁ ବଢାଇଛି ଏବଂ ଭବିଷ୍ୟତରେ ବିଜ୍ଞାନ ଓ ମାନବ ମହାକାଶ, ଉଡାଣ ପ୍ରଯୁକ୍ତିବିଦ୍ୟାରେ ଭାଗିଦାରୀ ଉପରେ ମଧ୍ୟ ଧ୍ୟାନ କେନ୍ଦ୍ରିତ କରିଛି । ବିବୃତ୍ତି ଅନୁସାରେ, ଏହି କଥାବାର୍ତ୍ତା ଭାରତ-ଆମେରିକା ସିଭିଲ ସ୍ପେସ୍ ଜଏଣ୍ଟ ୱାକିଙ୍ଗ ଗ୍ରୁପ୍‌ର ୯ମ ବୈଠକ ବେଳେ ହୋଇଛି । ଏହି ବୈଠକର ଆୟୋଜନ ଭାରତ ୫ ଓ ୬ ଅଗଷ୍ଟରେ ବେଙ୍ଗାଲୁରୁରେ ଇସ୍ରୋ ମୁଖ୍ୟାଳୟରେ କରିଥିଲା ।
ଆର୍ଟେମିସ ମିଶନ ନାସାର ଏକ ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ , ଯାହାର ଉଦ୍ଦେଶ୍ୟ ମଣିଷମାନଙ୍କୁ ୫୦ ବର୍ଷ ପରେ ପୁନର୍ବାର ଚନ୍ଦ୍ରପୃଷ୍ଠକୁ ପଠାଇବା, ଚନ୍ଦ୍ରପୃଷ୍ଠରେ ସ୍ଥାୟୀ ବସତି ସ୍ଥାପନ କରିବା ଓ ଭବିଷ୍ୟତରେ ମଙ୍ଗଳ ଗ୍ରହରେ ମାନବ ମିଶନର ପ୍ରସ୍ତୁତି କରିବା । ଆର୍ଟିମିସ-୧ ପ୍ରଥମ ପର୍ଯ୍ୟାୟ ଥିଲା , ଯାହା ନଭେମ୍ବର ୨୦୨୨ରେ ଲଞ୍ଚ କରାଯାଇ ଥିବା ଏକ ମାନବ-ରହିତ ପରୀକ୍ଷଣ ଉଡ଼ାଣ ଥିଲା । ଏଥିରେ ଓରିଅନ୍ ମହାକାଶ ଯାନ ସଫଳତାର ସହ ଚନ୍ଦ୍ରମା ପାଖରେ ଉଡ଼ାଣ ଭରି ଥିଲା । ଆର୍ଟେମିସ୍ -୨ ପ୍ରଥମ ମାନବଯୁକ୍ତ ମିଶନ, ଯାହା ୧ ଏପ୍ରିଲ, ୨୦୨୬ରେ ଆରମ୍ଭ ହୋଇ ଥିଲା, ଚନ୍ଦ୍ରକୁ ପରିକ୍ରମା କରିବା ପାଇଁ ଚାରି ଜଣ ମହାକାଶଚାରୀ (ରିଡ୍ ୱିଜମ୍ୟାନ୍, ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ୍ ଏବଂ ଜେରେମି ହାନସେନ୍) ଯାଇଥିଲେ ଏବଂ ୧୦ ଦିନ ପରେ ଏପ୍ରିଲ ୨୦୨୬ ରେ ସୁରକ୍ଷିତ ଭାବରେ ପୃଥିବୀକୁ ଫେରି ଆସିଥିଲା । ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକ ହେଉଛି ଆର୍ଟେମିସ୍ -୩ ଏବଂ ୪ , ଯେଉଁଥିରେ ଚନ୍ଦ୍ର କକ୍ଷ ପଥରେ ଏକ ଡକିଂ ପରୀକ୍ଷା ଏବଂ ଚନ୍ଦ୍ରର ଦକ୍ଷିଣ ମେରୁରେ ମହାକାଶଚାରୀଙ୍କ ଅବତରଣ ଅନ୍ତର୍ଭୁକ୍ତ ।




## ୫ ବର୍ଷ ହେଲା ପୋଖରୀ ଭିତରେ ବାଳକ : ପବନ ବାଜିଲେ ଜଳୁଛି ଦେହ

**ପଶ୍ଚିମବଙ୍ଗ,**
ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାର ଛୋଟ ଗାଁ ବେଲଡାଙ୍ଗ ବାସିନ୍ଦା ଜଣେ ୧୬ ବର୍ଷୀୟ ବାଳକକୁ ନେଇ ସବୁଠି ଚର୍ଚ୍ଚା । ଇକବାଲ ଶେଖ ନାମକ ଏହି ବାଳକ ଦିନ-ରାତି ପୋଖରି ଭିତରେ ରହୁଛନ୍ତି । ଜାଣି ଆଶ୍ଚର୍ଯ୍ୟ ହେବେ, ଦୀର୍ଘ ୫ ବର୍ଷ ହେଲା ପୋଖରି ପାଣିରେ ତାଙ୍କର ସମୟ ବିତୁଛି । ଏ ନେଇ ଇକବାଲ କହନ୍ତି, ଜିନ୍ ବା ଏକ ଅଲୌକିକ ଶକ୍ତି ତାଙ୍କୁ ଏପରି କରାଉଛି । ବେଳେବେଳେ ଲଗାତାର ୪-୫ ଦିନ ଧରି ସେ ପାଣିରେ ରହୁଛନ୍ତି ।
ଏ ନେଇ ଇକବାଲ କହନ୍ତି, ଦୀର୍ଘ ସମୟ ଧରି ପାଣିରେ ରହିବା ପରେ ତାଙ୍କ ତ୍ୱଚା ଯେତେବେଳେ ବାୟୁ ସଂସ୍ପର୍ଶରେ ଆସେ, ଶରୀରରେ ଭୀଷଣ ଜଳାପୋଡ଼ା ଆରମ୍ଭ ହୋଇଯାଏ । ସେ ପୁଣି ପାଣିକୁ ଚାଲିଯାଆନ୍ତି । ତା'ପରେ ତାଙ୍କୁ ଆରାମ ମିଳେ । ସର୍ବଦା ପାଣିରେ ବୁଡ଼ି ରହୁଥିବାରୁ ଗାଁ ଲୋକେ ଦେଉଥିବା ଚୁଡ଼ା ଓ ବିସ୍କୁଟ ଖାଇ ସେ ବଞ୍ଚୁଛନ୍ତି । ନିରନ୍ତର ପାଣିରେ ବୁଡ଼ି ରହିବା ଦ୍ୱାରା ତାଙ୍କ ଶରୀର ଧଳା ପଡ଼ିଗଲାଣି ଏବଂ ଚର୍ମ ଫୁଲିଗଲାଣି । ସେ ଭୀଷଣ ଥଣ୍ଡା ଓ କଫର ଶିକାର ହୋଇଛନ୍ତି । ଏଥିସହ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାର ମଧ୍ୟ ସମ୍ମୁଖୀନ ହେଉଛନ୍ତି । ପରିବାର ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ହେଁ ସେଠାରେ ତାଙ୍କର ଚିକିତ୍ସା ପ୍ରତି ଧ୍ୟାନ ଦିଆଗଲା ନାହିଁ । ଆର୍ଥିକ ସମସ୍ୟା ଯୋଗୁ ଘରୋଇ ମେଡିକାଲରେ ତାଙ୍କ ଚିକିତ୍ସା ସମ୍ଭବ ହୋଇପାରୁନି । ଇକବାଲଙ୍କର ଏଭଳି ଅବସ୍ଥା ଦେଖି ସ୍ଥାନୀୟ ଲୋକେ ଚିକିତ୍ସା ନିମନ୍ତେ ତାଙ୍କର ସାହାଯ୍ୟ ଲାଗି ଆଗେଇ ଆସିଛନ୍ତି । ଇକବାଲଙ୍କୁ ଦେଖିବାକୁ ପୋଖରି ପାଖରେ ଲୋକଙ୍କ ଭିଡ଼ ଜମୁଛି ।

## ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶାରୀରିକ ପରିଶ୍ରମ କରିବା ଆବଶ୍ୟକ

ଆଜିକାଲି ମୋଟାପଣ ମୁଖ୍ୟ ସମସ୍ୟା ପାଲଟିଛି । ସୁସ୍ଥ ଶରୀର ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ପୋଷଣ ଯୁକ୍ତ ଖାଦ୍ୟ ଖାଇବା ସହ ଶାରିରୀକ ପରିଶ୍ରମ, ବ୍ୟାୟାମ, ଯୋଗ କରିବା ଆବଶ୍ୟକ । ମାତ୍ର ସମୟ ଅଭାବରୁ ଲୋକମାନେ ଯଥେଷ୍ଟ ଶାରିରୀକ ପରିଶ୍ରମ କରୁନଥିବା ବେଳେ ଜଙ୍କଫୁଡ୍ ଭଳି ଅସନ୍ତୁଳିତ ଖାଦ୍ୟ ଗ୍ରହଣ କରୁଛନ୍ତି । ଯେଉଁଥିପାଇଁ ପିଲାଠୁ ବୁଢା ସମସ୍ତେ ମୋଟାପଣର ଶିକାର ହୁଅନ୍ତି । ଯଦି ଆପଣ ସୁସ୍ଥ ଶରୀର ଚାହୁଁଛନ୍ତି, ତାହେଲେ କିଛି ଟିପ୍ସ ଆପଣାଇ ସହଜରେ ଏହା କରିପାରିବେ । ପୋଷଣ ଯୁକ୍ତ ଖାଦ୍ୟ ଖାଆନ୍ତୁ: ଫିଟ୍ ରହିବା ପାଇଁ ଶରୀରକୁ ଉପଯୁକ୍ତ ପୋଷଣ ମିଳିବା ଆବଶ୍ୟକ । ତେଣୁ ନିଜର ଖାଦ୍ୟ ଥାଳିରେ ପାଳଙ୍ଗ, ଟମାଟୋ, କନ୍ଦମୂଳ, ଲିଫ୍ କ୍ୟାବେଜ ଭଳି ବିଭିନ୍ନ ରଙ୍ଗୀନ ପରିବା ସହ ଅଣ୍ଡା, ମାଛ ଓ ଶସ୍ୟ ଜାତୀୟ ଖାଦ୍ୟ ସାମିଲ କରନ୍ତୁ । ଅଧା ପେଟ ଖାଆନ୍ତୁ: ଯଦି ବାହାର ଭୋଜନ କରୁଛନ୍ତି, ତାହେଲେ ପେଟ ଫୁଲ୍ ହେବା ଯାଏ ଖାଆନ୍ତୁ ନାହିଁ । ସବୁବେଳେ ଅଧା ପେଟ ଭୋଜନ କରନ୍ତୁ । ସେହିପରି ଯଥେଷ୍ଟ ନିଦ ଶୋଇବାକୁ ଚେଷ୍ଟା କରନ୍ତୁ । ଶାରିରୀକ ପରିଶ୍ରମ କରନ୍ତୁ: ସପ୍ତାହରେ ଅତି କମରେ ୧୫୦ ମିନିଟ୍ ବିଭିନ୍ନ ଶାରିରୀକ ଗତିବିଧି ଯେମିତିକି, ସାଇକେଲ ଚଳାଇବା, ଦୌଡିବା ପାଇଁ ଚେଷ୍ଟା କରନ୍ତୁ । ବାହାରେ ବୁଲାବୁଲି କରନ୍ତୁ: ସବୁବେଳେ ନିଜ ଶରୀରକୁ ସକ୍ରିୟ ରଖିବା ଉଚିତ୍ । ଏଥିପାଇଁ ଆପଣ ପ୍ରତିଦିନ ପାର୍କରେ ଚଲାବୁଲା କରିପାରିବେ । ଅଥବା ନିଜ ପରିବାର, ପଡୋଶୀ ଓ ସାଙ୍ଗମାନଙ୍କ ବାହାରେ ବୁଲାବୁଲି କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ କମ୍ ଥାଏ, ତାହେଲେ ଦିନକୁ ଦୁଇ ଥର ଅଳ୍ପ ସମୟ ବାହାର କରି ବ୍ୟାୟାମ କରନ୍ତୁ ।ଏହିସବୁ ଅଭ୍ୟାସକୁ ଆପଣାଇ ଆପଣ ନିଜର ଓଜନ ନିୟନ୍ତ୍ରଣ କରିପାରିବେ ଓ ଫିଟ୍ ରହିପାରିବେ ।

## ଶିଶୁ କିଡ୍‌ନି ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯିବ

ଏକ ସର୍ଭେ ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରାୟ ୪.୯% ଶିଶୁ ଓ କିଶୋର କିଡ୍‌ନି ସମସ୍ୟାରେ ପୀଡ଼ିତ । ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ- ଭଟିଣ୍ଡା ଓ ବିଜୟପୁର ଏବଂ ଜର୍ଜ ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ହେଲ୍ଥ ଇଣ୍ଡିଆର ଗବେଷକଙ୍କ ଦ୍ୱାରା ୨୦୧୬ରୁ ୨୦୧୮ ମଧ୍ୟରେ ୫ରୁ ୧୯ ବର୍ଷ ବୟସର ୨୪,୬୯୦ ଶିଶୁ ଓ କିଶୋରଙ୍କୁ ନେଇ ଏହି ନୂତନ ଅଧ୍ୟୟନ କରାଯାଇଥିଲା, ଯାହା ବ୍ୟାପକ ଜାତୀୟ ପୋଷଣ ସର୍ବେକ୍ଷଣ (ସିଏନ୍‌ଏନ୍‌ଏସ୍) ଉପରେ ଆଧାରିତ ଥିଲା । ଫଳାଫଳରୁ ଜଣାପଡିଛି ଯେ ୪.୯% (ପ୍ରତି ୧୦୦ରେ ପ୍ରାୟ ୫ ଜଣ ବା ପ୍ରତି ହଜାରରେ ୪୯ ଜଣ) ଶିଶୁ ଓ କିଶୋର ଦୁରାରୋଗ୍ୟ କିଡ୍‌ନି ସମସ୍ୟାରେ ପୀଡ଼ିତ । ବୟସ, ଗ୍ରାମୀଣ ବାସସ୍ଥାନ, ମାତାଙ୍କ ଶିକ୍ଷାର ଅଭାବ ଓ ପୁଷ୍ଟିହୀନତା ଏହାର ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ । ଶିଶୁ ସ୍ୱାସ୍ଥ୍ୟ ଫଳାଫଳରେ ଉନ୍ନତି ଆଣିବା ପାଇଁ ଏସବୁ ବିଷୟର ସମାଧାନ କରିବା ଜରୁରୀ ବୋଲି ଜର୍ଜ ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ହେଲ୍ଥ, ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ବିବେକାନନ୍ଦ ଝା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି ।



ଏହି କିଡ୍‌ନି ସମସ୍ୟା ବିଶେଷ କରି ପୁଅପିଲାଙ୍କଠାରେ ଓ ଗ୍ରାମାଞ୍ଚଳରେ ଅଧିକ ଦେଖିବାକୁ ମିଳିଥିଲା । ସେହିପରି ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ତାମିଲନାଡୁ, ଛତିଶଗଡ଼, ରାଜସ୍ଥାନ ଓ କେରଳରେ ଏହା ସର୍ବନିମ୍ନ ରହିଛି । ବିବେକାନନ୍ଦ ଝା ଉଲ୍ଲେଖ କରିଛନ୍ତି ଯେ ଏହି ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ନୀତି ଆବଶ୍ୟକ । ଜାତୀୟ ସ୍ୱାସ୍ଥ୍ୟରେ ଶିଶୁ କିଡ୍‌ନି ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାର ସମୟ ଆସିଛି ବୋଲି ଝା କହିଛନ୍ତି ।

# ସୌରଭ ଗାଙ୍ଗୁଲିଙ୍କୁ ଜୀବନରୁ ମାରିଦେବାକୁ ଧମକ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତଥା ବିସିସିଆଇର ପୂର୍ବତନ ଅଧ୍ୟକ୍ଷ ସୌରଭ ଗାଙ୍ଗୁଲି ଏବଂ ତାଙ୍କ ପତ୍ନୀ ଡୋନା ଗାଙ୍ଗୁଲିଙ୍କୁ ଜୀବନରୁ ମାରିଦେବାକୁ ଧମକ ମିଳିଥିବା ଖବର ସାମ୍ନାକୁ ଆସିଛି। ଏହି ସମ୍ପର୍କରେ କୋଲକାତା ପୋଲିସ ନିକଟରେ ଆନୁଷ୍ଠାନିକ ଭାବେ ଏକ ଅଭିଯୋଗ ଦାୟର କରାଯାଇଛି। ସୌରଭ ଗାଙ୍ଗୁଲିଙ୍କ କାର୍ଯ୍ୟାଳୟରେ ନିକଟରେ ଏଭଳି ଦୁଇଟି ଚିଠି ପହଞ୍ଚିଛି। ଯେଉଁଥିରେ ଏହି ଦମ୍ପତିଙ୍କ ବ୍ୟତୀତ ତାଙ୍କର ନିକଟତର ଲୋକଙ୍କୁ ମଧ୍ୟ କ୍ଷତି ପହଞ୍ଚାଇବା ପାଇଁ ସିଧାସଳଖ ଧମକ ଦିଆଯାଇଛି।

ସୂଚନା ଅନୁଯାୟୀ, 'ଦାଦା'ଙ୍କୁ ଗତ କିଛି ମାସ ହେବ ଆପତ୍ତିଜନକ ଲେଖା ଥିବା ଚିଠି ସବୁ ମିଳୁଥିଲା। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଚିଠିଗୁଡ଼ିକୁ ଅଧିକ ଗମ୍ଭୀରତାର ସହ ନିଆଯାଇ ନଥିଲା। ଗାଙ୍ଗୁଲିଙ୍କ ସଚିବଙ୍କ କହିବା ଅନୁଯାୟୀ, ପ୍ରଥମେ ଏହା ମନେକରାଯାଉଥିଲା ଯେ କୌଣସି ବ୍ୟକ୍ତିଙ୍କ ବ୍ୟକ୍ତିଗତ ଅସନ୍ତୋଷ ଯୋଗୁଁ ଏହା ଘଟୁଛି, ଯିଏ ଗାଙ୍ଗୁଲିଙ୍କୁ ପସନ୍ଦ କରନ୍ତି ନାହିଁ ଏବଂ ନିଜର ରାଗ ସୁଝାଉଛନ୍ତି। କିନ୍ତୁ ସୋମବାର ଆସିଥିବା ଦୁଇଟି ନୂଆ ଚିଠିରେ ହତ୍ୟାର ସ୍ପଷ୍ଟ ଧମକ ମିଳିବା ପରେ ସ୍ଥିତି ଗମ୍ଭୀର ରୂପ ଧାରଣ କରିଛି।

ଧମକର ପରିସର ବଢୁଥିବା ଦେଖି ସୌରଭ ଗାଙ୍ଗୁଲିଙ୍କ କାର୍ଯ୍ୟାଳୟ ପକ୍ଷରୁ ଦକ୍ଷିଣ କୋଲକାତାର ଠାକୁରପୁକୁର ଥାନାରେ ମଙ୍ଗଳବାର ଏକ ଲିଖିତ ଅଭିଯୋଗ ଦାୟର କରାଯାଇଛି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ ଏହି ଚିଠିଗୁଡ଼ିକ ପଠାଇଥିବା ବ୍ୟକ୍ତିଙ୍କ ପରିଚୟ ଅରୁଣ ବୋଲି ଜଣାପଡ଼ିଛି। ପ୍ରାଥମିକ ସୂଚନା ଆଧାରରେ ଆଶଙ୍କା କରାଯାଉଛି ଯେ ଏହି ଚିଠିଗୁଡ଼ିକୁ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବେଲଘରିଆ ଅଞ୍ଚଳରୁ କୁରିୟର ମାଧ୍ୟମରେ ପଠାଯାଇଛି।

ପୋଲିସ ଏହି ମାମଲାକୁ ଅତ୍ୟନ୍ତ ସମ୍ବେଦନଶୀଳ ମନେକରି ତୁରନ୍ତ ତଦନ୍ତ ଆରମ୍ଭ କରିଦେଇଛି। ଡେଲିଭରି ଟ୍ରେଲ୍ (ପଠାଯାଇଥିବା ମାର୍ଗ)ର ସଠିକ୍ ସୂଚନା ପାଇବା ପାଇଁ ଅଧିକାରୀଙ୍କ ଏକ ସ୍ୱତନ୍ତ୍ର ଟିମ୍ କୁରିୟର ଏଜେନ୍ସିର ନେଟୱର୍କକୁ ଯାଞ୍ଚ କରୁଛନ୍ତି। ଏହା ସହିତ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସହ ଜଡ଼ିତ ଏକ ମୋବାଇଲ୍ ନମ୍ବର ଏବଂ ସିମ୍ କାର୍ଡର ଲୋକେସନକୁ ମଧ୍ୟ ଟ୍ରେସ୍ କରାଯାଉଛି। ତଦନ୍ତକାରୀ ଅଧିକାରୀମାନେ ଏହା ମଧ୍ୟ ଜାଣିବାକୁ ଚେଷ୍ଟା କରୁଛନ୍ତି ଯେ ବିଗତ ମାସଗୁଡ଼ିକରେ ଆସିଥିବା ସମସ୍ତ ଚିଠି ଜଣେ ବ୍ୟକ୍ତି ପଠାଇଥିଲେ ନା ଏହା ପଛରେ କୌଣସି ଗ୍ୟାଙ୍ଗ୍ ସାମିଲ ଅଛି।

# ବିଶ୍ୱକପ୍ ୨୦୨୭ ପାଇଁ କ୍ୱାଲିଫାଏ କଲେ ୧୦ଟି ଦଳ

## ଆୟରଲାଣ୍ଡକୁ ହରାଇ ନିଜ ସ୍ଥାନ ପକ୍କା କଲା ଆଫଗାନିସ୍ତାନ

**ନୂଆଦିଲ୍ଲୀ**

ଆଇସିସି ଦିନିକିଆ ବିଶ୍ୱକପ୍ ୨୦୨୭ ପାଇଁ ଚିତ୍ର ବର୍ତ୍ତମାନ ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି। ଆୟରଲାଣ୍ଡ ବିପକ୍ଷ ତୃତୀୟ ଦିନିକିଆରେ ୩ ୱିକେଟ୍‌ରେ ରୋମାଞ୍ଚକର ବିଜୟ ହାସଲ କରିବା ସହ ଆଫଗାନିସ୍ତାନ ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟରେ ନିଜ ସ୍ଥାନ ପକ୍କା କରିନେଇଛି। ଏହା ସହିତ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ଅନୁଷ୍ଠିତ ହେବାକୁ ଥିବା କ୍ରିକେଟର ସବୁଠାରୁ ବଡ଼ ଦିନିକିଆ ଟୁର୍ଣ୍ଣାମେଣ୍ଟ ପାଇଁ ୧୦ଟି ଦଳ ସ୍ଥିର ହୋଇଯାଇଛି।

ଆଇସିସିର ନୂଆ କ୍ୱାଲିଫିକେସନ୍ ସିଷ୍ଟମ୍ ଅନୁଯାୟୀ, ଆୟୋଜକ ଦେଶଗୁଡ଼ିକୁ ବାଦ୍ ଦେଇ ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଦିନିକିଆ ର୍‍ୟାଙ୍କିଂର ଶୀର୍ଷ ୮ଟି ଦଳକୁ ସିଧାସଳଖ ବିଶ୍ୱକପ୍‌ର ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ ମିଳିବ। ଆଫଗାନିସ୍ତାନ ଆୟରଲାଣ୍ଡ ବିପକ୍ଷରେ ବିଜୟ ସହ ବିଶ୍ୱକପ୍ ଟିକେଟ୍ ହାସଲ କରିଛି। ଦିନିକିଆ ବିଶ୍ୱକପ୍ ୨୦୨୭ ପାଇଁ ଏପର୍ଯ୍ୟନ୍ତ ଯେଉଁ ଦଳଗୁଡ଼ିକର ଟିକେଟ୍ ପକ୍କା ହୋଇସାରିଛି, ସେମାନଙ୍କ ମଧ୍ୟରେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା,




ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନ ଓ ଜିମ୍ବାୱେ ସାମିଲ ଅଛନ୍ତି।

ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେ ଆୟୋଜକ ହୋଇଥିବା ଯୋଗୁଁ ପୂର୍ବରୁ ହିଁ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇ ସାରିଛନ୍ତି। ଯେତେବେଳେ କି ଅନ୍ୟ ଦଳଗୁଡ଼ିକ ନିଜ ର୍‍ୟାଙ୍କିଂ ଆଧାରରେ ସିଧାସଳଖ କ୍ୱାଲିଫାଏ କରିଛନ୍ତି। ବର୍ତ୍ତମାନ ଟୁର୍ଣ୍ଣାମେଣ୍ଟର ବାକି ଦୁଇଟି ସ୍ଥାନର ନିଷ୍ପତ୍ତି କ୍ୱାଲିଫାୟର୍ ଏବଂ ସୁପର ସିରିଜ୍ ମାଧ୍ୟମରେ କରାଯିବ।

ଦିନିକିଆ ବିଶ୍ୱକପ୍ ୨୦୨୭ ପାଇଁ ୧୦ଟି ଦଳକୁ ନେଇ ଖେଳାଯିବାକୁ ଥିବା କ୍ୱାଲିଫାୟର୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ବର୍ଷ ଫେବୃଆରୀ ୨୨ରୁ ମାର୍ଚ୍ଚ ୨୩ ପର୍ଯ୍ୟନ୍ତ ଖେଳାଯିବ। ଆଇସିସି ଏହି ଟୁର୍ଣ୍ଣାମେଣ୍ଟର ତାରିଖ ସ୍ଥିର କରିଦେଇଛି, ତେବେ ଏହାର ଆୟୋଜନ କେଉଁ ଦେଶ କରିବ, ସେନେଇ ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇନାହିଁ। ଆଇସିସି ଜୁଲାଇ ମାସରେ ବିଶ୍ୱକପ୍‌ର ନୂଆ ଫର୍ମାଟ୍ ଘୋଷଣା କରିଥିଲା। ଏହା ଅଧୀନରେ କ୍ୱାଲିଫାୟର୍ ଜିତିଥିବା ଦଳକୁ ସିଧାସଳଖ ୧୪ଟି ଦଳ ବିଶିଷ୍ଟ ବିଶ୍ୱକପ୍‌ର ମୁଖ୍ୟ ଗ୍ରୁପ୍‌ରେ ସ୍ଥାନ ମିଳିବ।

କ୍ୱାଲିଫାୟରରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହୁଥିବା ଦଳଗୁଡ଼ିକୁ ବିଶ୍ୱକପ୍‌ର ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ 'ସୁପର ସିରିଜ୍'ରେ ଖେଳିବାକୁ ସୁଯୋଗ ମିଳିବ। ଏହି ତିନୋଟି ଦଳକୁ ନେଇ ହେବାକୁ ଥିବା ସିରିଜ୍‌ର ଶୀର୍ଷରେ ରହୁଥିବା ଦଳ ବିଶ୍ୱକପ୍‌ର ମୁଖ୍ୟ ୧୨ଟି ଦଳ ବିଶିଷ୍ଟ ପର୍ଯ୍ୟାୟରେ ପ୍ରବେଶ କରିବ।

୧୦ଟି ଦଳକୁ ନେଇ ହେବାକୁ ଥିବା କ୍ୱାଲିଫାୟରରେ ୩୦ ସେପ୍ଟେମ୍ବର ୨୦୨୬ର ଦିନିକିଆ ର୍‍ୟାଙ୍କିଂ ଆଧାରରେ ଆୟୋଜକ ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେକୁ ବାଦ୍ ଦେଇ ତଳେ ଥିବା ଦୁଇଟି ପୂର୍ଣ୍ଣ ସଦସ୍ୟ ଦଳ ସାମିଲ ହେବେ। ଏହା ବ୍ୟତୀତ କ୍ରିକେଟ୍ ବିଶ୍ୱକପ୍ ଲିଗ୍-୨ର ଶୀର୍ଷ ଚାରିଟି ଦଳ କ୍ୱାଲିଫାୟରରେ ପହଞ୍ଚିବେ। ବାକି ଚାରିଟି ସ୍ଥାନ ବିଶ୍ୱକପ୍ କ୍ୱାଲିଫାୟର୍ ପ୍ଲେ-ଅଫ୍ ମାଧ୍ୟମରେ ପୂରଣ କରାଯିବ। ଏହି ପ୍ଲେ-ଅଫ୍‌ରେ ଲିଗ୍-୨ର ତଳେ ଥିବା ଚାରିଟି ଦଳ ଏବଂ ଚ୍ୟାଲେଞ୍ଜ ଲିଗ୍‌ର ଚାରିଟି ଦଳ ଅଂଶଗ୍ରହଣ କରିବେ। ଆଠଟି ଦଳକୁ ନେଇ ହେବାକୁ ଥିବା ଏହି ମୁକାବିଲାରେ ଶୀର୍ଷ ଚାରିରେ ରହୁଥିବା ଦଳଗୁଡ଼ିକ କ୍ୱାଲିଫାୟର୍ ଟୁର୍ଣ୍ଣାମେଣ୍ଟର ଟିକେଟ୍ ହାସଲ କରିବେ।

ଦିନିକିଆ ବିଶ୍ୱକପ୍ ୨୦୨୭ର ଆୟୋଜନ ୪ ଅକ୍ଟୋବରରୁ ୨୧ ନଭେମ୍ବର ମଧ୍ୟରେ ହେବ। ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାର ମୋଟ ୧୨ଟି ଷ୍ଟାଡିୟମରେ ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବ। ନୂଆ ଫର୍ମାଟ୍ ଯୋଗୁଁ ଏଥର ଦଳଗୁଡ଼ିକ ପାଇଁ କ୍ୱାଲିଫିକେସନ୍ ଲଢ଼େଇ ପୂର୍ବ ଅପେକ୍ଷା ଅଧିକ ରୋମାଞ୍ଚକର ହେବାକୁ ଯାଉଛି।

# କ୍ରିକେଟ ପରେ ଟିଭି ପରଦାରେ 'ହିଟମ୍ୟାନ୍'ଙ୍କ ଜଲୱା

## ଛୋଟ ପରଦାରେ ଡେବ୍ୟୁ କରିବେ ରୋହିତ !

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ଷ୍ଟାର୍ କ୍ୟାପ୍ଟେନ୍ ରୋହିତ ଶର୍ମା ଅନ୍ତର୍ଜାତୀୟ ଟି-୨୦ ଏବଂ ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ଏବେ ନୂଆ ରୂପରେ ନଜର ଆସିବେ। 'ହିଟମ୍ୟାନ୍' ଭାବେ ପରିଚିତ ରୋହିତ ଏବେ ଛୋଟ ପରଦାରେ ନିଜର ଏକ ନୂଆ ଶୋ' ଜରିଆରେ ଦର୍ଶକଙ୍କୁ ମନୋରଞ୍ଜନ ପ୍ରଦାନ କରିବାକୁ ଯାଉଛନ୍ତି। ଯଦିଓ ଏହି ନୂତନ ଭାବରେ ପ୍ରକାଶିତ ପଦକ୍ଷେପ ବିଷୟରେ ବିସ୍ତୃତ ସୂଚନା ବର୍ତ୍ତମାନ ଗୁପ୍ତ ରଖାଯାଇଛି। କିନ୍ତୁ ଏହି ନୂଆ ଶୋ'ର ଏକ ଝଲକ ସାମ୍ନାକୁ ଆସିଛି। ଯେଉଁଥିରେ ରୋହିତ କିଛି ପ୍ରଶଂସକଙ୍କ ସହ କଥା ହେଉଥିବାର ନଜର ଆସିଛନ୍ତି। ପ୍ରଶଂସକମାନେ ତାଙ୍କୁ ତାଙ୍କର ଲୋକପ୍ରିୟ ଡାଏଲଗ୍ 'କୋଇ ଭି ଗାର୍ଡେନ୍ ମେଁ ନେହି ଘୁମେଗା' କହିବାକୁ ଅନୁରୋଧ କରୁଛନ୍ତି। ଏହି ମଜାଦାର ଭିଡିଓଟି ଦର୍ଶକଙ୍କ ମଧ୍ୟରେ ଉତ୍ସାହକୁ ଦ୍ୱିଗୁଣିତ କରିଦେଇଛି।



ଆଗାମୀ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ଟିଭି ଏବଂ ଓଟିଟିରେ ଅନେକ ନୂଆ ଶୋ' ଆସୁଛି। ଆଞ୍ଚଳିକ ମନୋରଞ୍ଜନ କ୍ଷେତ୍ରରେ, ମରାଠୀ କୁଇଜ୍ ଶୋ'କୁ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ପରିଚାଳନା କରିବେ। ସେହିପରି ଦକ୍ଷିଣ ଭାରତରେ ଅଭିନେତ୍ରୀ ସମନ୍ଥା ରୁଥ୍ ପ୍ରଭୁ ଏକ କୁକିଙ୍ଗ୍ ରିଆଲିଟି ଶୋ' ଏବଂ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମାନ୍ ଏକ ସିଙ୍ଗିଂ ରିଆଲିଟି ଶୋ'ରେ ମୁଖ୍ୟ ଭୂମିକାରେ ନଜର ଆସିବେ।

# ଭାରତର ଝିଅ ବ୍ରିଟେନରେ ସୁପରଷ୍ଟାର : ୧୧ବର୍ଷ ବୟସରେ ଚେସ୍ ଚାମ୍ପିଅନସିପ୍ ଜିତି ଲେଖିଲେ ନୂଆ ଇତିହାସ

**ନୂଆଦିଲ୍ଲୀ**

ଭାରତରେ ଜନ୍ମଗ୍ରହଣ କରି ବ୍ରିଟେନରେ ରହୁଥିବା ୧୧ ବର୍ଷୀୟା ବୋଧନା ଶିବାନନ୍ଦନ ବ୍ରିଟିଶ ଚେସ୍ ଦୁନିଆରେ ଏକ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ସେ ବ୍ରିଟିଶ ଚେସ୍ ଚାମ୍ପିଅନସିପ୍ ୨୦୨୬ର ମହିଳା ଟାଇଟଲ୍ ଜିତି ବ୍ରିଟେନର ସବୁଠାରୁ କମ୍ ବୟସ୍କା ମହିଳା ଚେସ୍ ଚାମ୍ପିଅନ୍ ହୋଇପାରିଛନ୍ତି। କୋଭେଣ୍ଟ୍ରି ଠାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ସେ ଆୟରଲ୍ୟାଣ୍ଡର ୧୪ ବର୍ଷୀୟା ତ୍ରିଶା କନ୍ୟାମାରାଲାଙ୍କୁ ଏକ ରୋମାଞ୍ଚକର ର୍‍ୟାପିଡ୍ ମୁକାବିଲାରେ ପରାସ୍ତ କରି ଏହି ଟାଇଟଲ୍ ହାସଲ କରିଛନ୍ତି।

ବୋଧନା ଶିବାନନ୍ଦନ ବ୍ରିଟିଶ ଚେସ୍‌ର ଅନେକ ରେକର୍ଡ ନିଜ ନାମରେ କରିସାରିଛନ୍ତି। କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ବୋଧନାଙ୍କ ପାଇଁ ଚେସ୍ କେବଳ ଏକ ଖେଳ ଥିଲା। ବୋଧହୁଏ ସେତେବେଳେ କେହି ଭାବି ନଥିବେ ଯେ ଏହି ଛୋଟ ଆରମ୍ଭ ଦିନେ ଇତିହାସ ପୃଷ୍ଠାରେ ସ୍ଥାନ ପାଇବ। ଏତେ କମ୍ ବୟସରେ ବୋଧନାଙ୍କର ଏହି ସଫଳତା ଶୀର୍ଷରେ ପହଞ୍ଚିବାର କାହାଣୀ ଅତ୍ୟନ୍ତ ଆକର୍ଷଣୀୟ ଅଟେ।

କରୋନା ମହାମାରୀ ସମୟରେ ଯେତେବେଳେ ସ୍କୁଲ ସବୁ ବନ୍ଦ ଥିଲା ଏବଂ ପିଲାମାନେ ଘରେ ସମୟ ବିତାଉଥିଲେ, ସେହି ସମୟରେ ବୋଧନାଙ୍କୁ ଏକ ଚେସ୍ ବୋର୍ଡ ମିଳିଥିଲା। ତାଙ୍କ ବାପାଙ୍କ ଜଣେ ବନ୍ଧୁ ଭାରତ ଫେରୁଥିଲେ। ସେ ବୋଧନାଙ୍କୁ କିଛି ବ୍ୟାଗ୍ ଦେଇଥିଲେ, ଯେଉଁଥିରେ ଏହି ଚେସ୍ ବୋର୍ଡ ମଧ୍ୟ ଥିଲା। ତାକୁ ଦେଖିବା ମାତ୍ରେ ହିଁ ଏହି ଛୋଟ ଝିଅଟି ମନରେ ଖେଳିବା ପାଇଁ ଆଗ୍ରହ ସୃଷ୍ଟି



ହୋଇଥିଲା। ବୋଧନା ସେହି ସମୟକୁ ମନେ ପକାଇ ଏକ ସାକ୍ଷାତକାରରେ କହିଥିଲେ ଯେ, ତାଙ୍କୁ ଚେସ୍‌ର ମୋହରା ଗୁଡ଼ିକ ବହୁତ ପସନ୍ଦ ଆସିଥିଲା ଏବଂ ସେ ଖେଳିବା ଆରମ୍ଭ କରିଦେଇଥିଲେ। ଏହିଠାରୁ ହିଁ ଆରମ୍ଭ ହୋଇଥିଲା ବୋଧନାଙ୍କ ଚେସ୍ ଯାତ୍ରା, ଯାହା ତାଙ୍କୁ ମାତ୍ର କିଛି ବର୍ଷ ମଧ୍ୟରେ ବ୍ରିଟେନର ସବୁଠାରୁ ଚର୍ଚ୍ଚିତ ଯୁବ ଚେସ୍ ପ୍ରତିଭା ଭାବେ ଗଢ଼ି ତୋଳିଲା।

ବ୍ରିଟିଶ ଚେସ୍ ଚାମ୍ପିଅନସିପ୍ ୨୦୨୬ରେ ବୋଧନାଙ୍କ ପ୍ରଦର୍ଶନ ପ୍ରାୟତଃ ତ୍ରୁଟିଶୂନ୍ୟ ଥିଲା। ଟୁର୍ଣ୍ଣାମେଣ୍ଟରେ ତାଙ୍କର ଏକମାତ୍ର ପରାଜୟ ଷଷ୍ଠ ରାଉଣ୍ଡରେ ୧୭ ବର୍ଷୀୟ ଶ୍ରେୟସ ରୟାଲ୍‌ଙ୍କ ବିପକ୍ଷରେ ଆସିଥିଲା, କିନ୍ତୁ ଏହି ଗୋଟିଏ ପରାଜୟ ତାଙ୍କ ମନୋବଳ ଭାଙ୍ଗି ପାରି ନଥିଲା। ସେ ଚମତ୍କାର ଭାବେ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ କ୍ରମାଗତ ଭାବେ ଦୃଢ଼ ପ୍ରଦର୍ଶନ କରି ଟାଇଟଲ୍ ହାସଲ କରିଥିଲେ। ଫାଇନାଲ୍‌ରେ ୧୪ ବର୍ଷୀୟା ତ୍ରିଶା କନ୍ୟାମାରାଲାଙ୍କ ବିପକ୍ଷ ମୁକାବିଲା ମଧ୍ୟ ସହଜ ନଥିଲା, କିନ୍ତୁ ବୋଧନା ଚାପ ମଧ୍ୟରେ ଅତି ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ।

ବୋଧନାଙ୍କର ଏହି ସଫଳତା ବ୍ରିଟିଶ ଚେସ୍ ଦୁନିଆକୁ ବେଶ୍ ପ୍ରଭାବିତ କରିଛି। ଇଂଲିଶ୍ ଚେସ୍ ଫେଡେରେସନ୍ ସହ ଜଡ଼ିତ ଗ୍ରାଣ୍ଡମାଷ୍ଟର ଡାନି ଗୋର୍ମାଲି ତାଙ୍କ ବିଜୟ ଉପରେ ପ୍ରତିକ୍ରିୟା ଦେଇ ତାଙ୍କ ପ୍ରତିଭାର ପ୍ରଭୂତ ପ୍ରଶଂସା କରିଛନ୍ତି। ସେ ବୋଧନାଙ୍କୁ 'ୱାନ୍-ଇନ୍-ଏ-ମିଲିଅନ୍ ଟ୍ୟାଲେଣ୍ଟ' ବୋଲି ଅଭିହିତ କରିଛନ୍ତି। ଏତେ କମ୍ ବୟସରେ ଏହି ସ୍ତରର ସଫଳତା ହାସଲ କରିବା ଏହା ଦର୍ଶାଉଛି ଯେ ବୋଧନାଙ୍କ ମଧ୍ୟରେ କେବଳ ଚେସ୍ ଖେଳିବାର ଆଗ୍ରହ ନାହିଁ, ବରଂ ବଡ଼ ମଞ୍ଚରେ ଚାପକୁ ସମ୍ଭାଳିବା ଏବଂ ନିର୍ଣ୍ଣାୟକ ମୁହୂର୍ତ୍ତରେ ସଠିକ୍ ଚାଲ୍ ଚାଲିବାର ଏକ ସ୍ୱତନ୍ତ୍ର ଦକ୍ଷତା ମଧ୍ୟ ରହିଛି।

ବୋଧନାଙ୍କ ଜନ୍ମ ଭାରତରେ ହୋଇଥିଲା, କିନ୍ତୁ ସେ ଉତ୍ତର-ପଶ୍ଚିମ ଲଣ୍ଡନରେ ବଢ଼ିଛନ୍ତି। ତାଙ୍କର ଏପର୍ଯ୍ୟନ୍ତର ସଫଳତା କାହାଣୀ ଭାରତ ଏବଂ ବ୍ରିଟେନ ଉଭୟ ଦେଶ ସହ ଜଡ଼ିତ। ଯେଉଁ ଖେଳ ତାଙ୍କୁ ଆଜି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି, ସେଥିରେ ସେ ବ୍ରିଟେନର ସବୁଠାରୁ ବଡ଼ ଯୁବ ରେକର୍ଡ ନିଜ ନାମରେ କରିସାରିଛନ୍ତି। ମାତ୍ର ୧୧ ବର୍ଷ ବୟସରେ ବ୍ରିଟିଶ ମହିଳା ଚେସ୍ ଚାମ୍ପିଅନ୍ ହେବା ନିଜେ ଏକ ଅସାଧାରଣ ସଫଳତା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବୋଧନା ବର୍ତ୍ତମାନ ସେହି ବୟସରେ ଅଛନ୍ତି, ଯେଉଁ ବୟସରେ ଅଧିକାଂଶ ପିଲା ଚେସ୍‌ର ପ୍ରାରମ୍ଭିକ ଚାଲ୍ ଏବଂ ରଣନୀତି ଶିଖୁଥାନ୍ତି। ଅନ୍ୟପଟେ ବୋଧନା ବର୍ତ୍ତମାନଠାରୁ ବ୍ରିଟେନର ଶୀର୍ଷ ମହିଳା ଖେଳାଳିମାନଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ବଡ଼ ବଡ଼ ଟାଇଟଲ୍ ଜିତି ଚାଲିଛନ୍ତି।

# ଟାଇଟଲ ପ୍ରତ୍ୟାହାର ସହ ୩ ବର୍ଷ ବାସନ୍ଦ ହେଲେ ଆଥଲେଟ୍ ଜୋନା କୋଚ୍



**କୋଲୋରାଡୋ ସ୍ପ୍ରିଙ୍ଗ**

ବ୍ଲଡ୍ ଡୋପିଙ୍ଗ୍ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଯୁକ୍ତରାଷ୍ଟ୍ର ଆମେରିକାର ୧,୫୦୦ମିଟର ଚାମ୍ପିଅନ ଜୋନା କୋଚ୍‌ଙ୍କଠାରୁ ଟାଇଟଲ ପ୍ରତ୍ୟାହାର କରି ନିଆଯିବା ସହ ତାଙ୍କୁ ୩ ବର୍ଷ ବାସନ୍ଦ କରାଯାଇଛି। ୟୁ.ଏସ୍. ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୟୁସାଡା) ପକ୍ଷରୁ ଏ ବିଷୟରେ ସୂଚନା ଦିଆଯାଇଛି। କେନିଆରେ ଜନ୍ମିତ ଏହି ୨୯ ବର୍ଷୀୟଙ୍କ ଅସ୍ୱାଭାବିକ ଫଳାଫଳ ଯୋଗୁ ତାଙ୍କର ଡୋପ୍ ଟେଷ୍ଟ କରାଯାଇଥିଲା। ଜୋନା କୋଚ୍ ଏରିଥ ପୋପେଟିନ୍ ଭଳି ବ୍ଲଡ୍ ବୁଷ୍ଟିଂ ଡ୍ରଗ୍ସ (ଇପିଓ) ବ୍ୟବହାର କରୁଥିଲେ। କୋଚ୍ ଆମେରିକା କଲେଜରେ ପାଠ ପଢ଼ିବା ପାଇଁ ଆସିଥିଲେ। ପରବର୍ତ୍ତୀ ସମୟରେ ସେ ଦେଶର ନାଗରିକ ପାଲଟି ଯାଇଥିଲେ। ୟୁଏସ୍ ଅର୍ମିର ୱାର୍ଲଡ କ୍ଲାସ ଆଥଲେଟ୍ ପ୍ରୋଗ୍ରାମ୍ ପାଇଁ ସେ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଉଥିଲେ। ଗତବର୍ଷ ଜାତୀୟ ପ୍ରତିଯୋଗିତାରେ ତାଙ୍କର ଜାତୀୟ ଶ୍ରେଷ୍ଠ ଟାଇମିଂ ୩ ମିନିଟ୍, ୩୦.୧୭ ସେକେଣ୍ଡ ରହିଥିଲା। ପରେ ସେ ବିଶ୍ୱ ପ୍ରତିଯୋଗିତାରେ ଭାଗ ନେଇ ୧୩ତମ ସ୍ଥାନ ଅଧିକାର କରିଥିଲେ। ୟୁସାଡା କହିଛି ଜୋନା କୋଚ୍‌ଙ୍କଠାରୁ ଅସ୍ୱାଭାବିକ ସାମ୍ପଲ ଜାତୀୟ ପ୍ରତିଯୋଗିତା ସମୟରେ ସଂଗ୍ରହ କରାଯାଇଥିଲା। ତାଙ୍କ ବାସନ୍ଦ ଦଣ୍ଡ ମିଆନ ୨୦୨୯ ଜୁଲାଇରେ ଶେଷ ହେବ। ଫଳତଃ ସେ ୨୦୨୮ ଏସ୍‌ଆଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗ ନେଇପାରିବେ ନାହିଁ।

# ତ୍ରିରଙ୍ଗା ରାଲିରେ ଯୋଗ ଦେଲେ ଶତାଧିକ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ସାଧାରଣ ଜନତା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ଗର୍ବର ଭାବନାରେ ଉତ୍ସବମୁଖର ହୋଇଉଠିଥିଲା ବରଗଡ଼ ସହର। 'ହର ଘର ତିରଙ୍ଗା' ଅଭିଯାନର ଅଂଶସ୍ୱରୂପ ମଙ୍ଗଳବାର ସକାଳ ୮ରେ ବୀର ସୁରେନ୍ଦ୍ର ସାଏ ଛକ ଠାରୁ ଆୟୋଜିତ ଏକ ବିଶାଳ ତ୍ରିରଙ୍ଗା ରାଲିରେ ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଏନ୍‌ସିସି, ସ୍କାଉଟ, ଗାଇଡ କ୍ୟାଡେଟ୍ ସ୍ୱେଚ୍ଛାସେବୀ ଓ ସାଧାରଣ ଜନତା ଉତ୍ସାହର ସହ ସାମିଲ ହୋଇଥିଲେ।

ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ ସମେତ ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଜିଲ୍ଲାପାଳ ଆଦିତ୍ୟ ଗୋୟାଲ, ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର ନାଥ ଶତପଥୀ ଅତିଥି ଭାବେ ଉପସ୍ଥିତ ରହି "ତ୍ରିରଙ୍ଗା ଆମ ଦେଶର ଗୌରବ, ସ୍ୱାଧୀନତା ଓ ଜାତୀୟ ଏକତାର ପ୍ରତୀକ। 'ହର ଘର ତିରଙ୍ଗା' ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ନାଗରିକଙ୍କ ମନରେ



ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବା ସହ ଜାତୀୟ ଏକତାର ବାର୍ତ୍ତା ପହଞ୍ଚାଇବା ଆମର ଲକ୍ଷ୍ୟ।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ବୀର ସୁରେନ୍ଦ୍ର ସାଏ ଛକ ଠାରୁ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଆୟୋଜିତ ଏହି ରାଲିରେ ହାତରେ ତ୍ରିରଙ୍ଗା ଧରି ଦେଶପ୍ରେମର ନାରା ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

# ଜିଲ୍ଲା ଆଇନ୍ ସେବା ପକ୍ଷରୁ ସଚେତନତା ସଭା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଉପେନ୍ଦ୍ର ନାଥ ଶାରଦା ମହାବିଦ୍ୟାଳୟ, ଖଇରାବାଦ ମୁଗୁପାଳ ପରିସରରେ ଆଇନ୍ ସଚେତନତା ସଭା ପ୍ରାଧିକରଣ ସଚୀବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରୀମତୀ ମହାନ୍ତି ପ୍ରାଧିକରଣ ରୂପରେଖ ତା'ର କାର୍ଯ୍ୟ ପରିସର ଓ କେଉଁମାନେ ତା'ର ଉପଭୋକ୍ତା ତାହା କହିବା ସହ ମହାବିଦ୍ୟାଳୟର ଶକ୍ତିଶ୍ରୀ ମାସିକ ସଚେତନତା କାର୍ଯ୍ୟକ୍ରମର ବିଷୟ ବିଶାରଦ ଭାବେ ଭାରତୀୟ ନ୍ୟାୟ ସଂହିତା, ଶିଶୁ ଯୌନ ଅପରାଧ ସୁରକ୍ଷା, କାର୍ଯ୍ୟ ସ୍ଥଳରେ ମହିଳାଙ୍କ ଉତ୍ପୀଡ଼ନ ପ୍ରତିଷେଧ ନିୟମ ସହିତ ର୍‍ୟାଗିଂ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅତିଥି ଆଲୋଚକ ଭାବେ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ବିକଶିତ କୃତ୍ରିମ ବୁଦ୍ଧିମତା ଆଧାରିତ ପୋର୍ଟାଲ୍ ସୁପ୍ରିମ୍‌କୋର୍ଟ ବିଧିକ ଅନୁବାଦ ପୋର୍ଟାଲ୍ ସହାୟତାରେ ଆଇନ୍ ଦଲିଲ୍ ବିବିଧ ଫର୍ମ ଖୋଜି ପାଇବା ସହ ରାୟ ଇତ୍ୟାଦି କିପରି ୨୨ଟି ଆଞ୍ଚଳିକ ଭାଷାରେ ଅନୁବାଦ ଆକାରରେ ମିଳିପାରୁଛି ଏବଂ ନ୍ୟାୟର ଗତି ବୃଦ୍ଧି, ଭାଷା ବାଧା ହଟିବା, ସ୍ୱଚ୍ଛ ନ୍ୟାୟିକ ବ୍ୟବସ୍ଥା ସହଜ ଲଭ୍ୟ ହେଉଛି ତା ସହ ଯୌତୁକ ଜନିତ ୧୩୨ ଓ ୧୩୩ କ୍ରିମନାଲ୍




ଅପିଲ୍ ୨୦୧୭କୁ ନେଇ ସୁପ୍ରିମକୋର୍ଟଙ୍କ ଉଲ୍ଲେଖନୀୟ ରାୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅତିଥି ଭାବେ ଅଧ୍ୟାପିକା ଡ. କାନ୍ତିବାଳା ପଣ୍ଡା, ଅଧ୍ୟାପିକା ମମତା ବୋଇତାଇ ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ରଥ ପ୍ରମୁଖ ଯୋଗଦେଇ କାର୍ଯ୍ୟସ୍ଥଳ ବିଶ୍ଳେଷଣ, ଆଭ୍ୟନ୍ତରୀଣ ଅଭିଯୋଗ ନିରାକରଣ କମିଟି ଗଠନ ପ୍ରକିୟା, ନିର୍ଯାତନାର ପ୍ରକାରଭେଦ ସହିତ ଶିକ୍ଷାୟତନରେ କିପରି ଶିକ୍ଷଣୀୟ ବାତାବରଣ ରହିବ, କେହି ଉତ୍ପୀଡ଼ନ ଶିକାର ହେବେ ନାହିଁ। ଏପରି ଅବସ୍ଥା ଉପୁଜିଲେ ପରିଣତି କ'ଣ ହେବ ସେ ସଂପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମିଲନ୍ କିଶୋର ଜେନା ସଞ୍ଚାଳନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ଚିତ୍ତରଞ୍ଜନ ଧଳ ଏବଂ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଉପସ୍ଥିତ ଥିବାବେଳେ ଅଧ୍ୟାପକ ସୁରେନ୍ଦ୍ର କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ମହାବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ମରାମତି ହେଲା ଥୋରିଆପଡ଼ା ଆର୍‌ଡି ରାସ୍ତା : ଲୋକେ ଆଶ୍ୱସ୍ତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଖବର ପ୍ରସାରଣ ପରେ ଆକ୍ସନ ମୁଡ୍‌ରେ ଗ୍ରାମ୍ୟ ଉନ୍ନୟନ ବିଭାଗ। କଟକ ସଦର ଅନ୍ତର୍ଗତ ସୋମପୁର ପଞ୍ଚାୟତ ଥୋରିଆପଡା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ବଡ଼ ବଡ଼ ଖାଲଖମା ସହିତ ବଡ଼ବଡ଼ ଗର୍ତ୍ତ



ସୃଷ୍ଟି ହୋଇଥିବା କାରଣରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଖାଲି ସେତିକି ନୁହେଁ ଅନ୍ଧାର ରାତିରେ ଏହି ଖାଲଖମାରେ ପଥଚାରୀ ପଡ଼ି ଆହତ ହେଉଥିଲେ। ଏହି ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ଇଂଜିନିୟର ମାନସ ଚୌଧୁରୀଙ୍କ ଉଦ୍ୟମରେ ମଙ୍ଗଳବାର ଦିନ ରାସ୍ତା ମରାମତି କାର୍ଯ୍ୟ କରାଯାଇଥିବା ଜଣାପଡିଛି। ଏଥିସହିତ ଉକ୍ତ ରାସ୍ତାର ଉନ୍ନତିକରଣ ଓ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ପ୍ରସ୍ତୁତି ଶେଷ ହୋଇ ଟେଣ୍ଡରକୁ ଯାଇଥିବା ଇଂଜିନିୟର ଚୌଧୁରୀଙ୍କ ଠାରୁ ଜଣାପଡିଛି। ଏଥିପାଇଁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।

**GOVERNMENT OF ODISHA**
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
RAURKELA IRRIGATION DIVISION, RAURKELA
INVITATION FOR BIDS (IFB)
Email ID- seridrkl @gmail.com
32001/678/2627

e'-Procurement Notice No-SERID-RKL- 04/2026-27 Dt 10.08.2026

The Superintending Engineer, Raurkela Irrigation Division, Raurkela on behalf of Governor of Odisha invites **Item Rate** bid in single cover system to be received in ONLINE MODE from reputed and experienced manpower service provider for providing Outsourcing Personnel on Department of Water Resources, O/o Superintending Engineer, Raurkela Irrigation Division, Raurkela who must possess valid labour lincese for engagement of labour for different works mentioned below. The proof of registration from the appropriate authority shall be enclosed along with the Bid.

| | | | |
|---|---|---|---|
| 1 | No of works | : | 02 no |
| 2 | Estimated Cost | : | Approx Rs 3.60 to Rs 5.94 lakh |
| 3 | Cost of tender paper | : | Rs. 2000 .00 (Non-refundable) to Rs. 4000.00 (Non-refundable) |
| 4 | EMD/ Bid Security | : | Rs. 4000 .00 (refundable) to Rs. 6000.00 (refundable) |
| 5 | Class of contractor | : | 'Registered firm with valid labour license', EPF and ESI registration certificate |
| 6 | Period of Completion of work | : | During the FY 2026-27 |
| 7 | Date and time of availability of bid Document in the website | : | From 10.00 AM of Dt. 12.08.2026 to 5.30 P.M. of Dt.18.08.2026 in the website (www.tendersodisha.gov.in) |
| 8 | Date, time and place of opening of online tender | : | Dt.19.08.2026 at 11.00 A.M in O/o the Superintending Engineer, Raurkela Irrigation Division, Raurkela |
| 9 | Date, time and place for finalization of tender through Transparent Lottery System (if required) | : | To be intimated later |
| 10 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 11 | Name and Address of Officer inviting Tender | : | Superintending Engineer, Raurkela Irrigation Division, Raurkela. Dist: Sundargarh, Odisha, PIN-769004 Email ID- seridrkl@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- Superintending Engineer
Raurkela Irrigation Division Raurkela
OIPR-32001/32018/1/26-27/0002

**OFFICE OF THE MUNICIPAL COUNCIL : RAYAGADA**
13001/1496/2627
DIST-RAYAGADA
PIN CODE-765001, ODISHA
E-mail ID raygadam.hud@od.gov.in, Web www.rayagadamunicipality.in
Phone- 06856-235052
Letter No.3843 Date: 07/08 2006

**TENDER CALL NOTICE**

Sealed tender are invited from intending **suppliers/dealers/agency/company/firm having valid GST and PAN** for the Supply of **"Clothing with Stitching"** for Uniform of Safeikarmachari,Swachhkarmis, Driver,Helper,Security guard at WCs,SwachhSathi and Plant Manager of Rayagada Municipality for F/Y 2026-27. The Last Date of receipt of quotation on or before **17 th August 2026,11.30 AM by hand/ registered post/courier.** The tender quotation will be opened on **17th August 2026 at 12.30PM in** the Office Chamber of the undersigned, in the presence of quotationers or their authorized agents.

The participants Must quote the price in both words and figure for **one unit of each item** mentioned in **Annexure-I** and submit it along with the price list and required documents.The Participants should deposit refundable **EMD amount of Rs.2000/-** in the form of demand draft from any nationalized bank, drawn in favor of the **Executive Officer,Rayagada Municipality or official Money Reciept** and Deposit an amount of **Rs.1000/-** towards non refundable tender paper cost with application in the form of demand draft from any nationalized bank drawn in favor of the **Executive Officer, Rayagada Municipality or official Money Reciept**. The quoted price should be exclusive of all applicable taxes and other charges.

The Tender quotes received after the due date and time will not be entertained. The undersigned reserves the right to accept or reject any or all the participants/Tenders without assigning any reason thereof.

Sd/- Executive Officer
Rayagada Municipality
OIPR-13001/13150/1/26-27/0014

# ୧୪ତମ ଓଡ଼ିଶା ରାଜ୍ୟ ଜୁନିୟର ଖୋ ଖୋ ଚାମ୍ପିଅନସିପ୍ ୨୦୨୬

## ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ଆଥଲେଟ୍‌ମାନଙ୍କ ଚମତ୍କାର ପ୍ରଦର୍ଶନ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ପୁରୀ ଜିଲ୍ଲା କ୍ରୀଡ଼ା କମ୍ପ୍ଲେକ୍ସଠାରେ ଅବସ୍ଥିତ ଖୋ ଖୋ ଏକାଡେମୀରେ ଅଗଷ୍ଟ ୧ରୁ ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୧୪ତମ ଓଡ଼ିଶା ରାଜ୍ୟ ଜୁନିୟର ଖୋ ଖୋ ଚାମ୍ପିଅନସିପ୍ ୨୦୨୬ରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟରର ଆଥଲେଟମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ଜିଲ୍ଲା ଏବଂ କିସ୍ ବିଶ୍ୱବିଦ୍ୟାଳୟ ଦଳ ପକ୍ଷରୁ ୧୧ ଜଣ ବାଳିକା ଏବଂ ୧୦ ଜଣ ବାଳକଙ୍କୁ ମିଶାଇ ଏଏମ୍/ଏନ୍ଏସ୍ କେଏଚପିସିର ମୋଟ ୨୧ ଜଣ ଆଥଲେଟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଆଥଲେଟ ମାନେ ପ୍ରତିଯୋଗିତାରେ ନିଜର ଅସାଧାରଣ କୌଶଳ, ଦ୍ରୁତ ଗତି ଏବଂ ଦୃଢ଼ ପ୍ରତିସ୍ପର୍ଦ୍ଧାମୂଳକ ମନୋଭାବର ପ୍ରଦର୍ଶନ କରିଥିଲେ, ଯାହା ରାଜ୍ୟ ତଥା ଦେଶରେ ଖୋ ଖୋ କ୍ରୀଡ଼ାର ଭବିଷ୍ୟତ ଗଠନରେ ଏହି କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପୁନଃ ପ୍ରତିପାଦିତ କରିଛି। ବାଳିକା ବର୍ଗରେ, କିସ୍ ବିଶ୍ୱବିଦ୍ୟାଳୟ ଚାମ୍ପିଅନସିପ୍




ଟାଇଟଲ୍ ହାସଲ କରି ଥିବାବେଳେ ଏହି ବିଜୟରେ ଏଏମ୍/ଏନ୍ଏସ୍ କେଏଚପିସିର ପାଞ୍ଚଜଣ ଖେଳାଳି ଲିସାରାଣୀ ରାଇତା, ଆଶିକା କୁଜୁର, ରକ୍ତିମା ଭଣ୍ଡା, ସୁଭଶ୍ରୀ ମଲ୍ଲିକ ଏବଂ ଚିନ୍ମୟୀ ପ୍ରଧାନଙ୍କର ପ୍ରମୁଖ ଅବଦାନ ରହିଥିଲା। ଏଏମ୍/ଏନ୍ଏସ୍ କେଏଚପିସିର ଆଥଲେଟ ଲିପିନା ନାଥଙ୍କ ପ୍ରତିନିଧିତ୍ୱରେ ଜଗତସିଂହପୁର ଦଳ ରନର୍ସ-ଅପ୍ ହୋଇଥିବାବେଳେ କେ. ଭବାନୀଙ୍କ ଦମ୍‌ଦାର ପ୍ରଦର୍ଶନରେ ପୁରୀ ଦଳ ଦ୍ୱିତୀୟ ରନର୍ସ-ଅପ୍ ସ୍ଥାନ ହାସଲ କରିଥିଲା। କେନ୍ଦ୍ରର ଆଥଲେଟ୍ ମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ସହ ବ୍ୟକ୍ତିଗତ ସମ୍ମାନ ମଧ୍ୟ ଏହାର ଦକ୍ଷତାକୁ ଆହୁରି ପ୍ରତିପାଦିତ କରିଛି। ଲିସାରାଣୀ ରାଇତା ଶ୍ରେଷ୍ଠ ଆଟାକର୍ ଓ ସୋମାଲି ପ୍ରଧାନ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ହାସଲ କରିବା ଏହି କେନ୍ଦ୍ରର ଉତ୍କର୍ଷତାକୁ ଦ୍ୱିଗୁଣିତ କରିଛି। ବାଳକ ବର୍ଗରେ ମଧ୍ୟ କେନ୍ଦ୍ରର ୧୦ ଜଣ ଖେଳାଳି ସମାନ ଭାବେ ପ୍ରେରଣାଦାୟୀ ପ୍ରଦର୍ଶନ କରିଥିଲେ। ଏଏମ୍/ଏନ୍ଏସ୍ କେଏଚପିସିର ଆଥଲେଟ ଆଦିତ୍ୟ ଦାସ, ଶୁଭମ ବିଶ୍ୱାଳ ଏବଂ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ଉଲ୍ଲେଖନୀୟ ଅବଦାନ ବଳରେ ସ୍ପୋର୍ଟସ୍ ହଷ୍ଟେଲ ପୁରୀ ଚାମ୍ପିୟନସିପ୍ ଟ୍ରଫି ହାସଲ କରିଥିଲା। ଏହି କେନ୍ଦ୍ରର ଆଥଲେଟ ରାମଲାଲ ବିରୁଆଙ୍କ ସହଯୋଗରେ କିସ୍ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ରନର୍ସ-ଅପ୍ ସ୍ଥାନ ହାସଲ କରିଥିଲା। ସେହିପରି କେନ୍ଦ୍ରର ଆଥଲେଟ ଟି. ନବୀନଙ୍କ ଅବଦାନରେ ଗଞ୍ଜାମ ଦଳ ତୃତୀୟ ସ୍ଥାନରେ ରହିଥିଲା। ଏହି ସଫଳତାରେ ଆଉ ଏକ ଗୌରବମୟ ଫର୍ଦ୍ଦ ଯୋଡ଼ି ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏହି କେନ୍ଦ୍ରର ଆଥଲେଟ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏଏମ୍/ଏନ୍ଏସ୍ କେଏଚପିସିର ଅଂଶଗ୍ରହଣ-କାରୀ ଆଥଲେଟମାନଙ୍କୁ ଅଭିନନ୍ଦନ ଜଣାଇ ଏଏମ୍/ଏନ୍ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ଶ୍ରୀ ଆଶୁତୋଷ ତେଲାଙ୍ଗ କହିଛନ୍ତି "ଆମ ଆଥଲେଟ୍ ମାନଙ୍କ ନିରନ୍ତର ସଫଳତା ସେମାନଙ୍କ ଅତୁଟ ପ୍ରତିବଦ୍ଧତା, ଶୃଙ୍ଖଳା ଏବଂ ଉତ୍କର୍ଷ ହାସଲ କରିବାର ଦୃଢ଼ ସଂକଳ୍ପର ଏକ ଉଦାହରଣ। ଏହି ସଫଳତା ଖୋ ଖୋ କ୍ରୀଡ଼ାରେ ଏକ ଉତ୍କର୍ଷ କେନ୍ଦ୍ର ସୃଷ୍ଟି କରିବା ଦିଗରେ ଆମର ସାମୂହିକ ପ୍ରୟାସର ପ୍ରଭାବକୁ ପ୍ରତିଫଳିତ କରୁଛି। ଏଥିପାଇଁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ, ଅତ୍ୟାଧୁନିକ କ୍ରୀଡ଼ା ବିଜ୍ଞାନ ଏବଂ ବୃତ୍ତିଗତ ପ୍ରଶିକ୍ଷଣ ପରିବେଶ ଭଳି ସୁବିଧାମାନ ଉପଲବ୍ଧ କରାଯାଇଛି। ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ସହ ଏଭଳି ଚାମ୍ପିୟନମାନଙ୍କୁ ପ୍ରସ୍ତୁତ କରିବା ପାଇଁ ଆମେ ପ୍ରତିବଦ୍ଧ, ଯେଉଁମାନେ ନିଜର ଖେଳର ମାନକୁ ଆହୁରି ଉଚ୍ଚ କରି ଜାତୀୟ ଏବଂ ବିଶ୍ୱସ୍ତରୀୟ ମଞ୍ଚରେ ଭାରତକୁ ଗୌରବର ସହ ପ୍ରତିନିଧିତ୍ୱ କରିବାକୁ ପ୍ରସ୍ତୁତ ଅଛନ୍ତି।" ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ଏଚପିସିର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା କହିଛନ୍ତି "ଏହି ଚାମ୍ପିୟନସିପ୍ ଆମ ଆଥଲେଟ୍‌ମାନଙ୍କ ପାଇଁ ଏକ ଅତ୍ୟନ୍ତ ପ୍ରତିସ୍ପର୍ଦ୍ଧାମୂଳକ ପରିବେଶରେ ନିଜର ଦକ୍ଷତା ପ୍ରଦର୍ଶନ ଓ ନିଜକୁ ପରଖିବାର ଏକ ଉତ୍କୃଷ୍ଟ ମଞ୍ଚ ଥିଲା। ଆମର ଖେଳାଳିମାନେ ବ୍ୟକ୍ତିଗତ ସମ୍ମାନ ହାସଲ କରିବା ସହିତ ବିଭିନ୍ନ ଜିଲ୍ଲା ଦଳର ସଫଳତାରେ ଯୋଗଦାନ ଦେବାର ଦେଖିବା ପ୍ରକୃତରେ ବେଶ ଉତ୍ସାହଜନକ ଥିଲା।"



# ଯୁବପିଢ଼ି ଜଳବାୟୁ ସହନଶୀଳତା ଓ ସବୁଜ ବିକାଶର ନେତୃତ୍ୱ ନିଅନ୍ତୁ: ରାଜ୍ୟପାଳ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ଯୁବପିଢ଼ି ଜଳବାୟୁ ସହନଶୀଳତା ଓ ସବୁଜ ବିକାଶର ନେତୃତ୍ୱ ନେବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି ଓ ଏତତବ୍ୟତୀତ ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରିବା, ଅକ୍ଷୟ ଶକ୍ତିର ପ୍ରସାର, ସ୍ଥାୟୀ କୃଷି ଓ ରୋଜଗାର ସୃଷ୍ଟି ଦିଗରେ ଯୁବପିଢ଼ି କାର୍ଯ୍ୟ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି। ସୋମବାର ଜଟଣୀସ୍ଥିତ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡ଼ିଶା କନଫରେନ୍ସ ଅଫ ୟୁଥ ୪.୦କୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି ।
ରାଜ୍ୟପାଳ କହିଥିଲେ ଯେ ଓଡ଼ିଶାର ଭବିଷ୍ୟତକୁ କେବଳ ଉତ୍ତରାଧିକାର ସୂତ୍ରରେ ନେବାକୁ ଯୁବପିଢ଼ି ଆବଶ୍ୟକ ନୁହେଁ ବରଂ ନିଜ ହାତରେ ଭବିଷ୍ୟତ ଗଢ଼ିବାକୁ ସକ୍ଷମ ଯୁବଶକ୍ତି ଆବଶ୍ୟକ। ଗତବର୍ଷ ସମାରୋହରେ ସେ ଯୁବପିଢ଼ିଙ୍କୁ ଜଳବାୟୁ ସହନଶୀଳତାର ନିର୍ମାତା ହେବାକୁ ଆହ୍ୱାନ ଜଣାଇ ଥିଲେ। ଏବେ ସେହି ଆହ୍ୱାନକୁ ଆହୁରି ଆଗକୁ ନେଇ ଯୁବପିଢ଼ିଙ୍କୁ କେବଳ ନୀତିର ନିଷ୍କ୍ରିୟ ଗ୍ରହୀତା ନୁହେଁ, ବରଂ ସମାଧାନର ସ୍ଥପତି ହେବାକୁ ପଡ଼ିବ। ଯୁବପିଢ଼ିଙ୍କ ଶକ୍ତି ଓ ସୃଜନଶୀଳତାକୁ ସକାରାତ୍ମକ କାର୍ଯ୍ୟରେ ବିନିଯୋଗ କରିପାରିଲେ 'ବିକଶିତ ଭାରତ @2047'ର ଲକ୍ଷ୍ୟ ବାସ୍ତବ ରୂପ ନେବ ବୋଲି ରାଜ୍ୟପାଳ କହିଥିଲେ।
ରାଜ୍ୟପାଳ କହିଥିଲେ ଯେ,ଗ୍ରୀଷ୍ମପ୍ରବାହ, ଅନିୟମିତ ବର୍ଷା, ବନ୍ୟା, ବାତ୍ୟା ଓ ସମୁଦ୍ର ପଉନ ବୃଦ୍ଧି ଚାଷ ଓ ଜୀବିକାକୁ ପ୍ରଭାବିତ କରୁଛି। ତେଣୁ ଜଳବାୟୁ ସହନଶୀଳତା କେବଳ ପରିବେଶ ସୁରକ୍ଷାର ଦାୟିତ୍ୱ ନୁହେଁ, ଏହା ମର୍ଯ୍ୟାଦା ଓ ଆଗାମୀ ପିଢ଼ି ପ୍ରତି ଦାୟିତ୍ୱ ବୋଲି କହିଥିଲେ।
ବାତ୍ୟା ଓ ବନ୍ୟା ମୁକାବିଲାରେ ଓଡ଼ିଶାର ଅଭିଜ୍ଞତା, ଜଙ୍ଗଲ ଓ ଜୈବ ବିବିଧତା ସଂରକ୍ଷଣ ଉଦ୍ୟମ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏବେ କେବଳ ବିପର୍ଯ୍ୟୟ ପ୍ରସ୍ତୁତିରେ ସୀମିତ ନ ରହି ଜଳବାୟୁ ସହନଶୀଳ ସମୁଦାୟ ଗଠନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଫୁଲବାଣୀରେ ସିଡ୍ ବଲ କାର୍ଯ୍ୟକ୍ରମ, ଜଟଣୀ ଓ ଖଲ୍ଲିକୋଟରେ ବୃକ୍ଷରୋପଣ, ପୁରୀରେ ବ୍ଲୁ ଫ୍ଲାଗ ବିଚ ପଦକ୍ଷେପ ଏବଂ ଶିମିଳିପାଳରେ ଜଳବାୟୁ ସଚେତନତା ଭଳି ଯୁବନେତୃତ୍ୱାଧୀନ ପଦକ୍ଷେପ କିପରି ବ୍ୟାପକ ପରିବର୍ତ୍ତନ ଆଣିପାରେ ଏହା ତାହାର ଉଦାହରଣ ବୋଲି ରାଜ୍ୟପାଳ କହିଥିଲେ। ୩-ଆର ନୀତି 'ରିଡ୍ୟୁସ୍, ରିୟୁଜ୍ ଆଣ୍ଡ ରିସାଇକ୍ଲିଂ' ସହ 'ମିଶନ ଲାଇଫ୍'କୁ ଜୀବନଶୈଳୀର ଅଂଶ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ।
ଯୁଥ୍ ପାର୍ଲାମେଣ୍ଟ ଓ ଜିଲ୍ଲାସ୍ତରୀୟ ଆଲୋଚନାରେ କେବଳ ସମସ୍ୟା ଉପରେ ଚର୍ଚ୍ଚା ନକରି ସମାଧାନର ରୂପରେଖ ପ୍ରସ୍ତୁତ କରିବାକୁ ରାଜ୍ୟପାଳ ଯୁବପିଢ଼ିଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରୁ ଯୁବପିଢ଼ି 'ସ୍ଥାୟୀତ୍ୱର ଦୂତ, ଜଳବାୟୁ ସହନଶୀଳତାର ଚାମ୍ପିଅନ ଓ ପରିବର୍ତ୍ତନର ପ୍ରତିନିଧି' ଭାବେ ଉଭା ହୁଅନ୍ତୁ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ। ପଶ୍ଚିମ ଏସିଆରେ ଭୂ-ରାଜନୈତିକ ଉତ୍ତେଜନା ଏବଂ ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ଭାରତର ନିର୍ଭରଶୀଳତା ପ୍ରସଙ୍ଗରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ସ୍ଥାୟୀ ଜୀବନଶୈଳୀ ଭାରତର ଶକ୍ତି ସୁରକ୍ଷା ସହ ଜଡ଼ିତ। ସ୍ଥାୟୀ ଯାତାୟାତକୁ ପ୍ରୋତ୍ସାହନ ଦେବା ସହ ଧୀରେ ଧୀରେ ବୈଦ୍ୟୁତିକ ଯାନ ଆପଣାଇବାକୁ ରାଜ୍ୟପାଳ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇଥିଲେ। ଏହାଦ୍ୱାରା ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା କମିବା ସହ ଶକ୍ତି ସୁରକ୍ଷା ବଢ଼ିବ ଏବଂ ବିଦେଶୀ ମୁଦ୍ରା ଉପରେ ଚାପ ହ୍ରାସ ପାଇବ ବୋଲି ସେ କହିଥିଲେ।



ଭୁବନେଶ୍ୱର : ସ୍ୱାଧୀନତା ଦିବସ ଉତ୍ସବ ପାଳନ ନିମନ୍ତେ ଗାନ୍ଧୀମାର୍ଗରେ ଚାଲିଛି ପରେଡ୍ ଅଭ୍ୟାସ। (ଫଟୋ : ସମ୍ବାଦ କଳିକା)

# ପୂର୍ବତଟ ରେଳପଥ ପକ୍ଷରୁ ସମ୍ବଲପୁର-ଚର୍ଲାପଲ୍ଲୀ ସ୍ପେଶାଲ୍ ଏକ୍ସପ୍ରେସ୍ ଟ୍ରେନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାରୁ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ଅଭିମୁଖେ ବଢ଼ିଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କୁ ଅଧିକ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବଲପୁର-ଚର୍ଲାପଲ୍ଲୀ ମଧ୍ୟରେ ଏକ ସ୍ପେଶାଲ୍ ଏକ୍ସପ୍ରେସ୍ ପରିଚାଳନା କରାଯିବ। ଟ୍ରେନ୍ ନଂ ୦୮୩୦୯ ସମ୍ବଲପୁର-ଚର୍ଲାପଲ୍ଲୀ ସ୍ପେଶାଲ୍ ଏକ୍ସପ୍ରେସ୍ ୧୪ ଅଗଷ୍ଟ ୨୦୨୬ (ଶୁକ୍ରବାର) ୧୧:୪୫ ଘଣ୍ଟାରେ ସମ୍ବଲପୁରରୁ ଯାତ୍ରା ଆରମ୍ଭ କରି ୧୫ ଅଗଷ୍ଟ ୨୦୨୬ ଶନିବାର ଦିନ



୧୧:୩୦ ଘଣ୍ଟାରେ ଚର୍ଲାପଲ୍ଲୀରେ ପହଞ୍ଚିବ। ଏହି ସ୍ପେଶାଲ୍ ଟ୍ରେନ ବରଗଡ ରୋଡ୍, ବଲାଙ୍ଗୀର, ଟିଟଲାଗଡ, କେସିଙ୍ଗା, ମୁନିଗୁଡା, ରାୟଗଡା, ପାର୍ବତୀପୁରମ୍ ଟାଉନ୍, ବବିଲି, ବିଜୟନଗରମ୍, କୋଟାଭାଲାସା, ପେଣ୍ଡୁରଟି, ସିମ୍ହାଚଲମ ଉତ୍ତର, ଦୁଭାଡା, ସାମଲକୋଟ, ରାଜମହେନ୍ଦ୍ରୀ, ବିଜୟୱାଡା ଜଙ୍କସନ, ଗୁଣ୍ଟୁର, ମିରାୟଲାଗୁଡା ଏବଂ ନାଲଗୋଣ୍ଡା ଷ୍ଟେସନରେ ରହଣି କରିବ, ଯାହା ଏହି ସମସ୍ତ ଗନ୍ତବ୍ୟସ୍ଥଳକୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ସୁବିଧାଜନକ ସଂଯୋଗ ପ୍ରଦାନ କରିବ। ଏହି ସ୍ପେଶାଲ୍ ଟ୍ରେନରେ ମୋଟ ୨୧ ଟି ବଗି ରହିବ। ସେଥିମଧ୍ୟରେ ୧୨ଟି ସ୍ଲିପର୍ ଶ୍ରେଣୀ ବଗି, ୬ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ବଗି, ୧ଟି ଦ୍ୱିତୀୟ ଏସି ବଗି ଏବଂ ୨ଟି ଲଗେଜ୍ -ସହ -ଦିବ୍ୟାଙ୍ଗ ଅନୁକୂଳ କୋଚ୍ ସାମିଲ ରହିବ, ଯାହା ବିଭିନ୍ନ ଶ୍ରେଣୀର ଯାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ଆସନ ବ୍ୟବସ୍ଥା ସୁନିଶ୍ଚିତ କରିବ। ଯାତ୍ରୀମାନଙ୍କୁ ସମୟସୂଚୀ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍'କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାଠକାଦୃତ...

କରାଯାଇ ସଂଶୋଧନ ହେବା ସହ ପ୍ରଚାର ପ୍ରସାର କରାଯାଉଥିଲା ଏବଂ ସେହି କଳାବିତ ସ୍ରଷ୍ଟାପ୍ରତିମାମାନେ ମଧ୍ୟ ଉଭୟ ସାହିତ୍ୟ ସର୍ଜନା ପାଇଁ ସଂପୃକ୍ତ କବି-ପଣ୍ଡିତମାନଙ୍କୁ ନ୍ୟାୟୋଚିତ ମନଲୋଭା ପୁରସ୍କାର, ସମ୍ମାନ, ସମ୍ବର୍ଦ୍ଧନାମାନ ପ୍ରଦାନ କରିବାରେ ଆଡୋଟି କାର୍ପଣ୍ୟ ପ୍ରଦର୍ଶନ କରୁନଥିଲେ। ସେଇଥିପାଇଁ ମହାକବି କାଳିଦାସ, ଭବଭୂତି, ମାଘ, ବିଷ୍ଣୁଗୁପ୍ତ, ସୁରଦାସ, ତୁଳସୀ ଦାସଙ୍କ ପରି ବିଶ୍ୱଖ୍ୟାତ ସ୍ରଷ୍ଟାମାନଙ୍କର ସୃଷ୍ଟି ଓ କୃତିପୂର୍ଣ୍ଣ କଳାବିତମାନ ହଜାର ବର୍ଷ ଧରି ଆମ ଆଗରେ ସମାଦୃତ, ସମୁଜ୍ଜ୍ୱଳ ହୋଇ ରହି ଆସିଅଛି। ସେଭଳି ଆମ ଜାତି ସାହିତ୍ୟରେ ମଧ୍ୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତ ସିଂହାର, ପଣ୍ଡସଖା, ରାଧାନାଥ, ଫକୀରମୋହନଙ୍କ ସୃଷ୍ଟିସର୍ଜନାକୁ ଆଉ ଏଯାବତ୍ କେହି ଅତିକ୍ରମଣ କରିପାରିଲେ କି ? ସେମାନେ ଯାହା ସୃଷ୍ଟି କରାଯାଇଛନ୍ତି ତାହାର ସମୁଜ୍ଜ୍ୱଳ ଧାଡି ସବୁ ଆମ ଏବର ସାହିତ୍ୟିକଙ୍କର ଗଣ୍ଠିଧନ ହୋଇ ଏବେ ବି ରହିଛି। ଏହି ସବୁ ଉତ୍କୃଷ୍ଟ ସାହିତ୍ୟ ବହୁ ବିଜ୍ଞ-ବିଦ୍ୱାନ ସମାଲୋଚକଙ୍କ ଦ୍ୱାରା ବିଶେଷ ଭାବେ ପରିଗୃହୀତ ହୋଇ ଆମ ଭାଷାଜନନୀର ମର୍ଯ୍ୟାଦା ରକ୍ଷା କରିବାରେ ସହାୟକ ହୋଇଛି। ସାହିତ୍ୟର ସୃଷ୍ଟି ସର୍ଜନା ସମାଲୋଚନା ଦ୍ୱାରା ପରିମାର୍ଜିତ ହେଲେ ସାହିତ୍ୟର ମାନ ରହିବ। କୌଣସି ବ୍ୟକ୍ତି ବିଶେଷଙ୍କୁ ସାହିତ୍ୟ ସାଧନା କରିବାରେ ମନା ନାହିଁ, ମାତ୍ର ତାଙ୍କର ଲେଖା ସମାଜ ପାଇଁ କେତେଯେ ପାରଦର୍ଶୀ, ତାହା ମଧ୍ୟ ବିଚାର କରିବା ଆମ ପାଇଁ ସମୀଚୀନ ମନେ ହୁଏ।
ସାହିତ୍ୟ କର୍ମଟି ସୁନାରି ସୁବର୍ଣ୍ଣ ଅଳଙ୍କାରକୁ ରାସାୟନିକ ପଦାର୍ଥ ଦ୍ୱାରା ନିଆଁରେ ପୋଡି ପୁଣି ତାକୁ କଷଟି ପଥରରେ ଘଷି-ମାଜି ଶୁଦ୍ଧ ସୁବର୍ଣ୍ଣରେ ପରିଣତ କରିବା ପରି ସତ୍ୟ କଥା। ସେପରି ଆମ ଭାଷା ସାହିତ୍ୟର ସର୍ଜନାତ୍ମକ ଦିଗଟି ଯଦି ସମାଲୋଚନା-ସମୀକ୍ଷାକୁ ଯୁକ୍ତିଯୁକ୍ତ ଭାବରେ ଆଦର କରିପାରନ୍ତା ତେବେ ଆମ ସାହିତ୍ୟର ଏବର ସୁନ୍ଦର ସୃଷ୍ଟିମାନ ପରିଚ୍ଛନ୍ନ ଓ ଅଣବିବାଦୀୟ ହେବା ସହ ଆମ ରାଜ୍ୟର ବାଣୀ ଭଣ୍ଡାରକୁ ସମୃଦ୍ଧ କରିବା ସହ ଜାତୀୟ ଅନ୍ତର୍ଜାତୀୟ ସାହିତ୍ୟ ଜଗତରେ ପରିଶୀଳନ ହେବାର ଦୃଢୋକ୍ତି ଦେଖାଇ ପାରନ୍ତା ଓ ପ୍ରତିସ୍ପର୍ଦ୍ଧୀ ସାହିତ୍ୟ ସୃଷ୍ଟି ପାଇଁ ଦୃଢତା ପ୍ରତିପାଦନ କରିପାରନ୍ତା। ଆମ ସାହିତ୍ୟ ବେଶ୍ ପୃଷ୍ଟ ଓ ସମ୍ଭ୍ରାନ୍ତ। ଆମର ପୂର୍ବସୂରୀ ମାନଙ୍କ ଅମୃତମୟ କାବ୍ୟ କବିତା ଜାତୀୟସ୍ତରରେ ସମାଦୃତ। ସେପରି ସ୍ଥଳେ ଆମର ଏବର ସାହିତ୍ୟ ସାଧକଗଣ ଯଦି ସମାଲୋଚନା ଭଳି ଏକ ଉତ୍କର୍ଷ ସଂସାଧନକୁ ଆପଣେଇ ନେଇ ପରିଚ୍ଛନ୍ନ ସାହିତ୍ୟ ସୃଷ୍ଟିକରନ୍ତେ ତେବେ ବହୁପ୍ରସୂ ଅନାବନା ସର୍ଜନାମାନ ଆମ ବାଣୀ ଦରବାରକୁ ଓ ପାଠକୀୟ ଦୃଷ୍ଟି ଦିଗନ୍ତକୁ ଆସିବାରେ କୁଣ୍ଠାବୋଧ ଅବଶ୍ୟ କରନ୍ତେ। ଫଳତଃ ଗୁଣଗ୍ରାହୀ ପାଠକମାନଙ୍କ ସଂଖ୍ୟା ହୁଏତ ଆଶାତୀତ ଭାବରେ ବୃଦ୍ଧି ପାଇପାରନ୍ତା ବୋଲି ଏହା ଏହି ଲେଖକର ନିଜସ୍ୱ ଧାରଣାଟିଏ ଜନ୍ମେ।

### ଏନ୍‌ଡିଏ ସାଂସଦମାନଙ୍କ...

ଏହା ପ୍ରଥମଥର ପାଇଁ ଲାଲକିଲ୍ଲାରେ ଜାତୀୟ ସଙ୍ଗୀତ ପୂର୍ବରୁ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ ହେବ ବୋଲି ସେ କହିଛନ୍ତି। 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପାଳନ, ସଂସଦରେ ଏ ସମ୍ପର୍କିତ ପ୍ରସ୍ତାବ ଏବଂ ଏହି ପଦକ୍ଷେପକୁ ନେଇ ମଧ୍ୟ ସେ ଉଲ୍ଲେଖ କରିଛନ୍ତି।

### ଲୋକସଭାରେ ହଟ୍ଟଗୋଳ...

ନିତ୍ୟାନନ୍ଦ ରାୟ କେରଳ (ନାମ ପରିବର୍ତ୍ତନ) ବିଲ୍ ଉପସ୍ଥାପନ କରିଥିଲେ। ଏହା ଧ୍ୱନି ଭୋଟ୍‌ରେ ପାସ୍ ହୋଇଥିଲା। ସେହିପରି ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ନ୍ୟାସନାଲ କୋ-ଅପରେଟିଭ୍ ଡେଭେଲପମେଣ୍ଟ କର୍ପୋରେସନ୍ (ସଂଶୋଧନ) ବିଲ୍ ଉପସ୍ଥାପନ କରିଥିଲେ। ହଟ୍ଟଗୋଳ ଜାରି ରହିଥିବା ବେଳେ ଏହି ବିଲ୍ ମଧ୍ୟ ବିନା ଆଲୋଚନାରେ ପାରିତ ହୋଇଥିଲା। ଏପର୍ଯ୍ୟନ୍ତ ମୌସୁମୀ ଅଧିବେଶନରେ ଲୋକସଭାରେ ୧୧ଟି ବିଲ୍ ପାରିତ୍ ହୋଇଥିବା ବେଳେ ମାତ୍ର ଦୁଇଟି ଉପରେ ଆଲୋଚନା ହୋଇଥିଲା।
ଅନ୍ୟପକ୍ଷରେ ରାଜ୍ୟସଭା ମଙ୍ଗଳବାର ଟ୍ରିବ୍ୟୁନାଲ ସଂସ୍କାର ବିଲ୍, ୨୦୨୬ ପାରିତ କରିଛି। ବିଭିନ୍ନ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଓ ସଦସ୍ୟ ଚୟନ ପାଇଁ ଜାତୀୟ ଟ୍ରିବ୍ୟୁନାଲ କମିଶନ୍ ଗଠନ କରିବା ଏହି ବିଲର ମୁଖ୍ୟ ଉଦ୍ଦେଶ୍ୟ। ଲୋକସଭାରେ ଏହି ବିଲ୍‌କୁ ସୋମବାର ପାରିତ କରାଯାଇଥିଲା। ବିଲ୍ ଉପରେ ଆଲୋଚନା ସମୟରେ ବିରୋଧୀ ଇଣ୍ଡିମେଣ୍ଟର ଦଳଗୁଡ଼ିକ କକ୍ଷତ୍ୟାଗ କରିଥିଲେ। କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଅଧ୍ୟକ୍ଷ କହିବାକୁ ସୁଯୋଗ ନ ଦେବାରୁ ଏହି କକ୍ଷତ୍ୟାଗ ହୋଇଥିଲା। ପରେ ଆଇନ ଓ ନ୍ୟାୟମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ବିଲ୍ ଉପରେ ସରକାରଙ୍କ ପକ୍ଷ ରଖିଥିଲେ।
ମେଘୱାଲ କହିଥିଲେ, ଶୀଘ୍ର ନ୍ୟାୟ ଦେବାରେ ଟ୍ରିବ୍ୟୁନାଲଗୁଡ଼ିକ ଅଦାଲତକୁ ସହଯୋଗ କରୁଛନ୍ତି। ୨୦୧୬ରୁ ଟ୍ରିବ୍ୟୁନାଲଗୁଡ଼ିକର ସଂଖ୍ୟା ଓ ବ୍ୟବସ୍ଥାରେ ସଂସ୍କାର ପ୍ରକ୍ରିୟା ଆରମ୍ଭ ହୋଇଥିବା ଏବଂ ୨୦୨୧ରେ ଟ୍ରିବ୍ୟୁନାଲ ସଂସ୍କାର ଆଇନ ଆସିଥିବା ସେ କହିଥିଲେ। ନୂଆ ଜାତୀୟ ଟ୍ରିବ୍ୟୁନାଲ କମିଶନରେ ଦୁଇଜଣ ନ୍ୟାୟିକ ସଦସ୍ୟ ଓ ଦୁଇଜଣ ବୈଷୟିକ ସଦସ୍ୟ ରହିବେ। ଜଣେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି କିମ୍ବା ପୂର୍ବତନ ହାଇକୋର୍ଟ ମୁଖ୍ୟ ବିଚାରପତି ଏହାର ଅଧ୍ୟକ୍ଷ ହେବେ। ଟ୍ରିବ୍ୟୁନାଲର ନ୍ୟାୟିକ ଅଧିକାର କ୍ଷେତ୍ରରେ ବିଲ୍‌ରେ କୌଣସି ପରିବର୍ତ୍ତନ ହେଉନାହିଁ ବୋଲି ମେଘୱାଲ କହିଛନ୍ତି।

### ୨୦୨୯ ପର୍ଯ୍ୟନ୍ତ...

ଜବତ ସମ୍ପତ୍ତି ମୁକ୍ତ କରିବା ଏବଂ ଆମେରିକୀୟ ସେନା ପ୍ରତ୍ୟାହାର ଦାବି ଅନ୍ତର୍ଭୁକ୍ତ ରହିଛି। ତେହେରାନ କହିଛି ଯେ ଯେପର୍ଯ୍ୟନ୍ତ ଆମେରିକା ଏହି ଦାବିଗୁଡ଼ିକୁ ଗ୍ରହଣ କରିବ ନାହିଁ, ସେପର୍ଯ୍ୟନ୍ତ ଆଲୋଚନା ଆଗକୁ ବଢ଼ିବା ଅସମ୍ଭବ। ଯୁଦ୍ଧ ସମୟରେ ହୋଇଥିବା କ୍ଷତି ଏବଂ ଚୁକ୍ତିନାମାର କଥିତ ଉଲ୍ଲଂଘନ ପାଇଁ କ୍ଷତିପୂରଣ ମଧ୍ୟ ଇରାନ ଦାବି କରିଛି।

### ମୁନ୍ ବେସ୍ ...

ନେତୃତ୍ୱକୁ ମଜଭୁତ୍ କରିବା, ନୂତନ ବୈଜ୍ଞାନିକ ଆବିଷ୍କାର, ନବସୃଜନ ଏବଂ ପରବର୍ତ୍ତୀ ସମୟରେ ମଙ୍ଗଳ ଗ୍ରହକୁ ମାନବ ଅଭିଯାନ ପାଇଁ ପ୍ରସ୍ତୁତ ହେବାକୁ ନାସା ଚନ୍ଦ୍ରର ଦକ୍ଷିଣ ଧ୍ରୁବ ନିକଟରେ ଏକ ମୁନ୍ ବେସ୍ ନିର୍ମାଣ କରୁଛି। ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ସହଯୋଗୀଙ୍କୁ ସାମିଲ କରାଯାଉଛି। ଭାରତ ଜୁନ୍ ୨୧, ୨୦୨୩ରେ ଆର୍ଟେମିସ୍ ଆକର୍ଡସର ୨୭ତମ ସଦସ୍ୟ ଭାବେ ସ୍ୱାକ୍ଷର କରିଥିଲା।

### ପ୍ଲାଷ୍ଟିକ ନୋଟ୍ ...

ସୁରକ୍ଷା ସୁବିଧା ରହିବ। ଫଳରେ ନକଲି ନୋଟ୍ ପ୍ରସ୍ତୁତ କରିବା ସହଜ ହେବନାହିଁ। କାଗଜ ନୋଟ୍ ଶୀଘ୍ର ଖରାପ ହୋଇଯାଉଛି। ଏଥିପାଇଁ ନୋଟ୍ ଛପା ଖର୍ଚ୍ଚ ବଢ଼ିଯାଉଛି। ୨୦୨୪-୨୫ରେ ରିଜର୍ଭ ବ୍ୟାଙ୍କର କାଗଜ ନୋଟ୍ ଛାପିବାରେ ୬୩୭୨.୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପ୍ଲାଷ୍ଟିକ ନୋଟ୍ ଲମ୍ବା ସମୟ ପର୍ଯ୍ୟନ୍ତ ନଷ୍ଟ ହେବାକୁ ନଥିବାରୁ ବାରମ୍ବାର ନୋଟ୍ ଛାପିବାର ଆବଶ୍ୟକତା ପଡ଼ିବ ନାହିଁ।

### ବଜ୍ରପାତରେ ...

ବାରଡିହି ତୁମଲା ବାସିନ୍ଦା ଚମ୍ପା ତିର୍କୀ ଏବଂ ସୁଶିଳା ତିର୍କୀଙ୍କ ସହିତ ଅନ୍ୟ ମହିଳା ଏବଂ ପୁରୁଷ ଶ୍ରମିକମାନେ ବାଲିଶଙ୍କରା ଅଞ୍ଚଳର ବାଟିପଡ଼ାରେ ଏକ ଖେତରେ ଧାନ ରୋପଣ କରୁଥିଲେ। ଅପରାହ୍ଣ ସମୟରେ ଘଡ଼ଘଡ଼ି ବର୍ଷା ସହିତ ବଜ୍ରପାତ ହୋଇଥିଲା। ବିଲ ଉପରେ ବଜ୍ରପାତ ତାଣ୍ଡବ ରଚିଥିଲା। ଚମ୍ପା ତିର୍କୀ ଏବଂ ସୁଶୀଳା ତିର୍କୀ ଘଟଣାସ୍ଥଳରେ ହିଁ ଟଳି ପଡ଼ିଥିଲେ। ଅନ୍ୟ ୨୦ ଶ୍ରମିକ ବଜ୍ରାଘାତରେ ଆହତ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଛି।
ସେହିପରି ବଣାଇଁ ଥାନା ଅନ୍ତର୍ଗତ ଇନ୍ଦ୍ରପୁର ଗ୍ରାମରେ ଚାଷଜମିରେ ଆଜି ଧାନ ରୁଆ କାମ ଚାଲିଥିଲା। ଏଠାରେ ୧୧ ଜଣ ମହିଳା ଧାନ ରୁଆ କାମରେ ନିୟୋଜିତ ହୋଇଥିଲେ। ଏହି ସମୟରେ ଘଡ଼ଘଡ଼ି ସହ ବିଜୁଳି ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସୁନିତା ଓରାମ ଓ ଦ୍ରୌପଦୀ କିଷାନ ଗୁରୁତର ହୋଇ ଚାଷଜମିରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ପରୀକ୍ଷା କରି ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### ବାର୍ଷିକ ସ୍ମରଣିକା 'ବୋଇତ' ଉନ୍ମୋଚିତ

# ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଓଡ଼ିଆ ସଂସ୍କୃତିର ଅଲିଭା ସ୍ୱାକ୍ଷର



**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**
'ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାରେ ଓଡ଼ିଆ ସାଂସ୍କୃତିକ ଇତିହାସ ଏବେ ବି ଅଲିଭା ସ୍ୱାକ୍ଷର ହୋଇ ରହିଛି । ଏଭଳି ଅନନ୍ୟ ପରମ୍ପରା ଓ ସାମାଜିକ ଚେତନା ସାରା ଭାରତବର୍ଷରେ ବିରଳ। ଓଡ଼ିଶାର ସାଧବପୁଅମାନଙ୍କ ସାହାସ, ବୁଦ୍ଧିମତ୍ତା ଓ ମାନବିକ ମୂଲ୍ୟବୋଧ ଏକ ଅନନ୍ୟ କଥାବସ୍ତୁ ଭାବେ ଆଜି ବି ପୁରପଲ୍ଲୀରେ 'ମଙ୍ଗଳା ଓଷା' ଓ 'ଭାଲୁକୁଣୀ ଓଷା' ପୂଜାବିଧି ରୂପରେ ଖୁବ୍ ଆଦୃତ ଓ ଜନପ୍ରିୟ। କେନ୍ଦ୍ରାପଡ଼ା ଜିଲ୍ଲା ହେଉଛି ଏହାର ଅନନ୍ୟ ଉଦାହରଣ' ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ବୋଇତ ବନ୍ଦାଣ ସମିତି ପକ୍ଷରୁ ଆୟୋଜିତ ବାର୍ଷିକ ସ୍ମରଣିକା 'ବୋଇତ'କୁ ଭୁବନେଶ୍ୱର ନୟାପଲ୍ଲୀଠାରେ ଆଜି ଉନ୍ମୋଚନ କରି ଓଡ଼ିଶାର ପ୍ରାକ୍ତନ ବରିଷ୍ଠ ମନ୍ତ୍ରୀ ନିରନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଏଭଳି ମତବ୍ୟକ୍ତ କରିଛନ୍ତି ।
ପତ୍ରିକାର ମୁଖ୍ୟ ସମ୍ପାଦକ ତଥା ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ କେନ୍ଦ୍ରାପଡ଼ା ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି ମୁଖ୍ୟବକ୍ତାଭାବେ ଯୋଗଦାନ କରି ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ କେନ୍ଦ୍ରାପଡ଼ା ଜିଲ୍ଲାର ଅନନ୍ୟ ଅବଦାନ ଉପରେ ଆଲୋକପାତ କରି କହିଲେ 'କେନ୍ଦ୍ରାପଡ଼ାର ରାଜନଗର, ମହାକାଳପଡ଼ା, ଆଳି, ପାଟକୁରା, ମାର୍ଶାଘାଇ, ରାଜକନିକା ଇତ୍ୟାଦି ସ୍ଥାନରେ ଥିବା ବନ୍ଦରରୁ ପୋତମାନ ସୁଦୂର ଜାଭା, ସୁମାତ୍ରା, ସିଂହଳ, ବାଲିଦ୍ୱୀପ ଇତ୍ୟାଦି ଦେଶକୁ ବଣିଜ ନିମନ୍ତେ ପ୍ରସ୍ଥାନ କରୁଥିଲେ ।' ପୂର୍ବତଟ ରେଳପଥର ପ୍ରାକ୍ତନ ବରିଷ୍ଠ ଜନସମ୍ପର୍କ ଅଧିକାରୀ, ବରିଷ୍ଠ କବି ଓ ସ୍ତମ୍ଭକାର ଏବଂ 'ବୋଇତ'ର ସମ୍ପାଦକ ନିରାକାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ, 'କେନ୍ଦ୍ରାପଡ଼ା ହେଉଛି ସଂସ୍କୃତି, ପରମ୍ପରା, ଐତିହ୍ୟର ପୀଠସ୍ଥଳୀ । ପ୍ରଖ୍ୟାତ ଭାଲୁକୁଣୀ ଓଷା କଥାବସ୍ତୁର 'ତଅପୋଇ'ର ଗ୍ରାମ ଏହି କେନ୍ଦ୍ରାପଡ଼ା ମାଟିରେ । ଏହି ସଭାରେ ପ୍ରାକ୍ତନ ବିଧାୟକ ତଥା ସମିତିର ସଭାପତି ଚିନ୍ମୟ ପ୍ରସାଦ ବେହୁରା, ବରିଷ୍ଠ ସାମ୍ବାଦିକ ତଥା 'ସ୍ୱାଧୀକାର'ର ସମ୍ପାଦକ ଅକ୍ଷୟ କୁମାର ପତି, ପ୍ରାକ୍ତନ ରାଜସ୍ୱ ଅଧିକାରୀ ସୁଧୀର କୁମାର ଲେଙ୍କା, ବିଶିଷ୍ଟ ଲେଖକ ଓ ସାମ୍ବାଦିକ ସଂଗ୍ରାମ ସିଂହ, ବରିଷ୍ଠ ଗାଳ୍ପିକା ଅବନ୍ତୀ ବେହେରା, କେନ୍ଦ୍ରାପଡ଼ା ଜିଲ୍ଲା ବୌଦ୍ଧିକ ବିକାଶ ମଞ୍ଚର ସଭାପତି ରଣଧୀର ଜେନା, ବୋଇତର ସହଯୋଗୀ ସମ୍ପାଦକ ଡାକ୍ତର ସୁଧୀର କୁମାର ବ୍ରହ୍ମା, ଅନିରୁଦ୍ଧ ଦାସ, ସଂଜୟ ରାଉତ, ମିହିର ରନ ଆଚାର୍ଯ୍ୟ ଓ ରାଜେଶ୍ୱରୀ ନାୟକ ପ୍ରମୁଖ ଯୋଗଦାନ କରି 'ବୋଇତ' ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସମିତିର ସହ ସମ୍ପାଦକ ରାଜେନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ରେଭେନ୍ସାରେ ତୁଟୁନି ଅଧ୍ୟାପକ-ବିଧାୟକ ବିବାଦ, ହଷ୍ଟେଲ୍ ଦାୟିତ୍ୱ ନେଉନାହାନ୍ତି ୱାର୍ଡେନ୍

**କଟକ, ନ୍ୟୁଜ ବ୍ୟୁରୋ**
ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଥମୁନି ଅଧ୍ୟାପକ-ବିଧାୟକ ବିବାଦ । ବିବାଦ ପରେ ଏବେ ଏହାର ପ୍ରଭାବ ସିଧାସଳଖ ବିଶ୍ୱବିଦ୍ୟାଳୟର ହଷ୍ଟେଲ୍ ପରିଚାଳନା ଉପରେ ପଡ଼ିଛି । ରେଭେନ୍ସାର ସମସ୍ତ ହଷ୍ଟେଲର ୱାର୍ଡେନ୍, ଡେପୁଟି ୱାର୍ଡେନ୍ ଓ ଚିଫ୍ ୱାର୍ଡେନ୍ ଏବେ ଦାୟିତ୍ୱରେ ଯୋଗ ଦେଉନାହାନ୍ତି । ଅଧ୍ୟାପକ ସଂଘ ସ୍ପଷ୍ଟ କରିଛି, ସେମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ହଷ୍ଟେଲ୍ ଦାୟିତ୍ୱ ନେବେ ନାହିଁ । ଅଧ୍ୟାପକ-ବିଧାୟକ ବିବାଦ ପରେ ରେଭେନ୍ସାର ହଷ୍ଟେଲ୍ ପରିଚାଳନା ନେଇ ସଙ୍କଟ ବଢ଼ିଛି । ୱାର୍ଡେନ୍, ଡେପୁଟି ୱାର୍ଡେନ୍ ଓ ଚିଫ୍ ୱାର୍ଡେନ୍‌ମାନେ ଦାୟିତ୍ୱରୁ ଦୂରେଇ ରହିବାରୁ ହଷ୍ଟେଲ୍ ପରିଚାଳନା ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ବର୍ତ୍ତମାନ ରେଭେନ୍ସାର ୧୩ଟି ହଷ୍ଟେଲରେ ପ୍ରାୟ ୪ ହଜାର ଛାତ୍ରଛାତ୍ରୀ ରହୁଛନ୍ତି । ସେମାନଙ୍କ ଦୈନନ୍ଦିନ ସମସ୍ୟାଠାରୁ ଆରମ୍ଭ କରି ହଷ୍ଟେଲ୍ ଶୃଙ୍ଖଳା ଓ ପରିଚାଳନା ପର୍ଯ୍ୟନ୍ତ ବିଭିନ୍ନ ଦାୟିତ୍ୱ ୱାର୍ଡେନ୍ ଓ ଡେପୁଟି ୱାର୍ଡେନ୍‌ଙ୍କ ଉପରେ ରହିଥାଏ । ପୂର୍ବତନ ଚିଫ୍ ୱାର୍ଡେନ୍‌ଙ୍କ ମତରେ, ଏଭଳି ପରିସ୍ଥିତି ଦୀର୍ଘଦିନ ଜାରି ରହିଲେ ହଷ୍ଟେଲ୍ ବ୍ୟବସ୍ଥା ଚଳାଇବା କଷ୍ଟକର ହୋଇପଡ଼ିବ । ଅଧ୍ୟାପକ ସଂଘ କହିଛି, ବର୍ତ୍ତମାନ ପାଇଁ ହଷ୍ଟେଲ୍ କାର୍ଯ୍ୟରେ ଯୋଗ ଦେବା ପ୍ରଶ୍ନ ଉଠୁନାହିଁ । ଅଧ୍ୟାପକଙ୍କ ପ୍ରତି ଜନପ୍ରତିନିଧିମାନଙ୍କ ବ୍ୟବହାର କିଭଳି ହେବ, ସେନେଇ ସରକାର ଏକ ମାର୍ଗଦର୍ଶିକା ଆଣିବାକୁ ସଂଘ ଦାବି କରିଛି । ଏହାସହ ଚିଫ୍ ୱାର୍ଡେନ୍‌ଙ୍କ ବିରୋଧରେ ବିଧାୟକ ବାଚସ୍ପତିଙ୍କୁ ଦେଇଥିବା ଅଭିଯୋଗ ପ୍ରତ୍ୟାହାର କରିବାକୁ ମଧ୍ୟ ଦାବି କରାଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ଏହି ବିବାଦରେ ହସ୍ତକ୍ଷେପ କରି ସମାଧାନର ବାଟ ବାହାର କରିବେ ବୋଲି ଅଧ୍ୟାପକ ସଂଘ ଆଶା ରଖିଛି । ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ଏବେ ରେଭେନ୍ସାରେ ନାମଲେଖା ପ୍ରକ୍ରିୟା ଚାଲିଛି । ନୂଆ ଛାତ୍ରଛାତ୍ରୀଙ୍କ ହଷ୍ଟେଲ୍ ଆଲଟମେଣ୍ଟ, ରୁମ୍ ବଣ୍ଟନ, ହଷ୍ଟେଲ୍ ସମସ୍ୟାର ସମାଧାନ ଏବଂ ଶୃଙ୍ଖଳା ରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କାମ ୱାର୍ଡେନ୍ ଓ ଡେପୁଟି ୱାର୍ଡେନ୍‌ଙ୍କ ଦାୟିତ୍ୱ । କିନ୍ତୁ ସେମାନେ ଦାୟିତ୍ୱରେ ଯୋଗ ଦେଉନଥିବାରୁ ଆଗାମୀ ଦିନରେ ନୂଆ ଛାତ୍ରଛାତ୍ରୀଙ୍କ ହଷ୍ଟେଲ୍ ଆଲଟମେଣ୍ଟଠାରୁ ଆରମ୍ଭ କରି ଅନ୍ୟାନ୍ୟ ପରିଚାଳନାଗତ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ଗୋଟିଏ ପଟେ ଅଧ୍ୟାପକ ସଂଘ ନିଜ ଦାବିରେ ଅଡ଼ି ରହିଛି, ଅନ୍ୟପଟେ ହଷ୍ଟେଲ୍ ପରିଚାଳନାକୁ ନେଇ ଛାତ୍ରଛାତ୍ରୀଙ୍କ ଚିନ୍ତା ବଢୁଛି । ଏଭଳି ସ୍ଥିତିରେ ବିବାଦର ଶୀଘ୍ର ସମାଧାନ ନହେଲେ ରେଭେନ୍ସାର ଶିକ୍ଷା ବାତାବରଣ ସହ ହଷ୍ଟେଲ୍ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇପାରେ ।

# ସୁଭାଷ ଚନ୍ଦ୍ର ବୋଷଙ୍କ ଝିଅ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ : କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି

**ନୂଆଦିଲ୍ଲୀ:**
ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଝିଅ ଅନିତା ବୋଷ ଫାଫ୍ ଜାପାନର ଟୋକିଓସ୍ଥିତ ରେଙ୍କୋଜି ମନ୍ଦିରରୁ ତାଙ୍କ ଚିତାଭସ୍ମ ଫେରାଇ ଆଣିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟକୁ ନୋଟିସ୍ ଜାରି କରିଛନ୍ତି। ଶୁଣାଣି ସମୟରେ ବରିଷ୍ଠ ଆଇନଜୀବୀ ଏଏମ୍ ସିଂଘଭି କହିଛନ୍ତି ଯେ ଏହା ଏପରି ଏକ ମାମଲା ଯେଉଁଥିରେ ନେତାଜୀଙ୍କ ଝିଅ ବ୍ୟକ୍ତିଗତ ଭାବରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଷ୍ଟିସ୍ ଜୟମାଲ୍ୟ ବାଗଚୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କୁ ପ୍ରଥମେ ଜବାବ ଦେବାକୁ ଅନୁମତି ଦିଆଯିବା ଉଚିତ୍।
ଏହାପରେ ସିଜେଆଇ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ, ମାର୍ଚ୍ଚ ୨୦୨୬ ରେ, ସୁପ୍ରିମକୋର୍ଟ ନେତାଜୀଙ୍କ ପୁତୁରାଙ୍କ ପୁଅ ଆଶିଷ ରାୟଙ୍କ ଦ୍ୱାରା ଦାୟର ଏକ ଜନହିତକର ଆବେଦନର ଶୁଣାଣି କରିବାକୁ ମନା କରିଦେଇଥିଲେ। ସେହି ସମୟରେ, ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ କହିଥିଲେ ଯେ ନେତାଜୀଙ୍କ ଝିଅ ଅନିତା ବୋଷ ଫାଫ୍ ବ୍ୟକ୍ତିଗତ ଭାବରେ ନିଜ ନାମରେ ଆବେଦନ ଦାଖଲ କରିବା ଉଚିତ୍, କାରଣ ସେ ତାଙ୍କର ଆଇନଗତ ଉତ୍ତରାଧିକାରୀ। ବର୍ତ୍ତମାନ, ଅନିତା ବୋଷ ଫାଫ୍ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି, ଯେଉଁଥିରେ ଟୋକିଓର ରେଙ୍କୋଜି ମନ୍ଦିରରେ ରଖାଯାଇଥିବା ନେତାଜୀଙ୍କ ଚିତାଭସ୍ମକୁ ଭାରତକୁ ଫେରାଇ ଆଣିବା ପାଇଁ ଦାବି କରାଯାଇଛି।
ନେତାଜୀଙ୍କ ଝିଅ ଦାବି କରୁଛନ୍ତି ଯେ ନେତାଜୀଙ୍କ ଅସ୍ଥି, ଯାହା ଜାପାନର ଟୋକିଓର ରେଙ୍କୋଜି ମନ୍ଦିରରେ ରଖାଯାଇଥିବା କୁହାଯାଉଛି, ତାହାକୁ ଭାରତ



ଅଣାଯାଉ। ସେ କହିଛନ୍ତି ଯେ ନେତାଜୀଙ୍କୁ ଭାରତ ମାଟିରେ ଶେଷ ସମ୍ମାନ ଦିଆଯିବା ଉଚିତ୍। ସେ ବର୍ଷ ବର୍ଷ ଧରି ଏହି ଦାବି ପାଇଁ କାମ କରିଆସୁଛନ୍ତି। ଏହା ଉଲ୍ଲେଖନୀୟ ଯେ ନେତାଜୀଙ୍କ ଅସ୍ଥି ଫେରାଇ ଆଣିବା ପ୍ରସଙ୍ଗ ତାଙ୍କ କଥିତ ବିମାନ ଦୁର୍ଘଟଣା ଘଟଣା ପରି ପୁରୁଣା। ନେତାଜୀଙ୍କ ଝିଅ ଅନିତା ବୋଷ ଜର୍ମାନୀରେ ରୁହନ୍ତି ଏବଂ ତାଙ୍କ ପିତାଙ୍କ ଅସ୍ଥିକୁ ଜନ୍ମଭୂମିକୁ ଫେରାଇ ଆଣିବା ପାଇଁ ନିରନ୍ତର ଆବେଦନ କରିଆସୁଛନ୍ତି। ଗତ ବର୍ଷ, ନେତାଜୀଙ୍କ ଅଣନାତି ଚନ୍ଦ୍ର କୁମାର ବୋଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଚିଠି ଲେଖି ନେତାଜୀଙ୍କ ଅସ୍ଥିକୁ ଭାରତ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ।

# ଲୋକାୟୁକ୍ତ ନିଯୁକ୍ତି ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମନ୍ତବ୍ୟ ପ୍ରସଙ୍ଗ ଡାହା ମିଛ କହି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି ରାଜସ୍ୱ ମନ୍ତ୍ରୀ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଲୋକାୟୁକ୍ତ ନିଯୁକ୍ତି ପ୍ରସଙ୍ଗରେ ବିଳମ୍ବକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ମନ୍ତବ୍ୟ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜୁ ଜନତା ଦଳ । ମନ୍ତ୍ରୀ ଶ୍ରୀ ପୂଜାରୀ ଡାହା ମିଛ କହିଛନ୍ତି ଓ କେବଳ ମିଛ ହିଁ ବିଜେପିର ପୁଞ୍ଜି ହୋଇଛି, ଯାହା ମାଧ୍ୟମରେ ସେ ତାଙ୍କ ସରକାରଙ୍କୁ ଲୋକନିନ୍ଦାରୁ ବଂଚାଇବା ପାଇଁ ଅପପ୍ରୟାସ କରୁଛନ୍ତି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ମନ୍ତ୍ରୀ ଶ୍ରୀ ପୂଜାରୀ ଲୋକାୟୁକ୍ତ ନିଯୁକ୍ତିରେ ବିଳମ୍ବକୁ ନେଇ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ, ୨୪ ବର୍ଷରେ ହୋଇନଥିଲା ୨ ବର୍ଷ ବିଳମ୍ବ କ'ଣ ବେଶୀ ହୋଇଗଲା କି ବୋଲି ପାଲଟା ପ୍ରଶ୍ନ କରିଥିଲେ । ୨ ବର୍ଷ ବଡ଼ ନା ୨୪ ବର୍ଷ ବଡ଼ ଓ ୨ ବର୍ଷ ଯେପରି ଦୁଇ ଶତାବ୍ଦୀ ସହ ସମାନ ବୋଲି କହିବା ସହିତ ବିଜେଡି ସରକାରଙ୍କ ଆଡ଼କୁ ଦୋଷ ଠେଲି ଦେଇଥିଲେ । ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ସମସ୍ତ କ୍ଷେତ୍ରରେ ବିଫଳତା ଓ ଅରାଜକତା ଦେଖିବାକୁ ମିଳିଥିବା ବେଳେ ନିଜ ସରକାରଙ୍କ ବିଫଳତାକୁ ଲୁଚାଇବାକୁ ବିଜେପି ମିଛର ସାହାରା ନେଇ ୨୪ ବର୍ଷର ବିଜେଡି ସରକାର ଉପରେ ଦୋଷ ଲଦିବାକୁ ଅପପ୍ରୟାସ କରୁଛି । ମିଛ ଯେପରି ବିଜେପିର ପୁଞ୍ଜି ହୋଇଛି । ନିର୍ବାଚନ ସମୟରେ ଅନେକ ଗୁଡିଏ ମିଛ ପ୍ରତିଶ୍ରୁତି ଓ ମିଛ ଅଭିଯୋଗ କରିଥିଲେ ଓ କ୍ଷମତାକୁ ଆସିବା ପରେ ମଧ୍ୟ ସେଇ ମିଛର ସାହାରା ନେଇ କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ଉଦ୍ୟମ କରୁଛନ୍ତି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଦେଇଥିବା ମନ୍ତବ୍ୟ କେବଳ ଡାହା ମିଛ ଛଡା ଆଉ କିଛି ନୁହେଁ । ଦୁର୍ନୀତି ଉପରେ ଅଙ୍କୁଶ ଲଗାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୩ ମସିହାରେ ଲୋକାୟୁକ୍ତ ଆଇନ ପାରିତ କରିବା ପରେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡିଶା ୨୦୧୪ ମସିହାରେ ରାଜ୍ୟ ବିଧାନସଭାରେ ବିଲ୍ ପାରିତ କରିଥିଲା । ଏହାର ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ୨୦୧୮ ମସିହାରେ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇଥିଲେ । ଡ଼ ମହାନ୍ତି ଆହୁରି କହିଥିଲେ ଯେ, ନିଯୁକ୍ତି ହୋଇଥିବା ଲୋକାୟୁକ୍ତଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୨୦୨୪ରେ ଶେଷ ହୋଇଥିବା ବେଳେ ଏହାର ଦୁଇ ସଦସ୍ୟଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୦୨୪ରେ ଶେଷ ହୋଇଥିଲା । ଏହାପରେ, ନୂତନ ଲୋକାୟୁକ୍ତ ନିଯୁକ୍ତି ଦାୟିତ୍ୱ ବିଜେପି ସରକାରଙ୍କର ଥିଲା । କିନ୍ତୁ କେବଳ ରଙ୍ଗ ମରା ଓ ନାମ ପରିବର୍ତ୍ତନ ସହିତ ଦୁର୍ନୀତିରେ ଉବୁଟୁବୁ ହେଉଥିବା ବିଜେପି ସରକାର ଲୋକାୟୁକ୍ତ ନିଯୁକ୍ତି ଉପରେ ଗୁରୁତ୍ୱ ଦେଇନଥିଲେ, ଯେଉଁଥିପାଇଁ ୨ ବର୍ଷ ହେଲା ଲୋକାୟୁକ୍ତ ପଦବୀ ଖାଲି ପଡିଛି ।

ଉତ୍କଳ ଦୀପିକା
ଭୁବନେଶ୍ୱର, ୧୨ ଅଗଷ୍ଟ, ବୁଧବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

## ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି- ୭ ସଦସ୍ୟଙ୍କ ତାମିଲନାଡୁ ଗସ୍ତ

# ଥିଆଗରାଜ ଇଂଜିନିୟରିଂ କଲେଜ କଲେ ପରିଦର୍ଶନ



ଭୁବନେଶ୍ୱର ୧୧।୮ ନ୍ୟୁଜ ବ୍ୟୁରୋ ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୭ର ଅଧ୍ୟକ୍ଷ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ୭ ଜଣିଆ କମିଟିର ସଦସ୍ୟମାନେ ଅଗଷ୍ଟ ୬ରୁ ତେଲେଙ୍ଗାନା ଓ ତାମିଲନାଡୁ ରାଜ୍ୟ ଗସ୍ତରେ ଯାଇଛନ୍ତି। ଷ୍ଟାଣ୍ଡିଂ କମିଟିର ସଦସ୍ୟ ତୁଷାରକାନ୍ତି ବେହେରା, ଟଙ୍କଧର ତ୍ରିପାଠୀ, ଅଗସ୍ତି ବେହେରା ଓ ଦୁର୍ଗା ଚରଣ ତନ୍ତୀ ପ୍ରମୁଖ ଗସ୍ତ କରିଛନ୍ତି। ବିଧାୟକମାନଙ୍କ ସହ ବିଧାନସଭା ତରଫରୁ କମିଟି ଅଧିକାରୀ ଈଶ୍ୱର ଚନ୍ଦ୍ର ନାୟକ ଓ ପ୍ରଶାନ୍ତ କୁମାର ଦାସ ମଧ୍ୟ ଏଥିରେ ସାମିଲ ଅଛନ୍ତି । କମିଟିର ସଦସ୍ୟମାନେ ଗତ ୭ ତାରିଖରେ ତେଲେଙ୍ଗାନା ରାଜ୍ୟ ବିଧାନସଭା ପରିଦର୍ଶନ କରିଥିଲେ। ଏହା ପରେ ୯ ତାରିଖରେ ତାମିଲନାଡୁର ମଦୁରାଇ ଠାରେ ଥିବା ଥିଆଗରାଜର ଇଂଜିନିୟରିଂ କଲେଜ ପରିଦର୍ଶନ କରିଥିଲେ । ସେଠାରେ ଥିବା ଟେକନିକାଲ ଲ୍ୟାବ, ଅଧ୍ୟୟନ କକ୍ଷ ସହିତ ଇଲେକ୍ଟ୍ରୋନିକ ସେଣ୍ଟର ଅଫ ଡିଜାଇନ ଏବଂ ମ୍ୟାନୁଫ୍ୟାକଚରିଂ ମଧ୍ୟ ପରିଦର୍ଶନ କରିଥିଲେ । ଏତଦ୍‌ବ୍ୟତୀତ କଲେଜ ପରିଚାଳନା ସହିତ ବୈଷୟିକ ଜ୍ଞାନକୌଶଳର ଉପଯୋଗିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏଠାରେ ଦିଆଯାଉଥିବା ବୈଷୟିକ ଜ୍ଞାନକୌଶଳର ଶିକ୍ଷାକୁ ଓଡ଼ିଶାରେ ଉପଯୋଗ କରାଯାଇ ବୈଷୟିକ ଶିକ୍ଷା କ୍ଷେତ୍ରରେ କିପରି ସଂସ୍କାର ଅଣାଯାଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା।

## ନନ୍ଦନକାନନକୁ ଆସିବେ ବିଦେଶୀ ଅତିଥି

# ପ୍ରତିଷ୍ଠା ଦିବସ ପରେ ବହୁ ଜୀବଜନ୍ତୁଙ୍କୁ ଦେଖିବେ ପର୍ଯ୍ୟଟକ




ବାରଙ୍ଗ,୧୧/୮ ନ୍ୟୁଜ ବ୍ୟୁରୋ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିଣତ ହେବ । ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି। ପ୍ରାଣୀ ଉଦ୍ୟାନରେ ନୂଆ ଖୁଆଡ଼ ସହିତ ନବୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏବେ ନୂଆ ଜନ୍ତୁ ଆଣିବା ପାଇଁ ଯୋଜନା ଚାଲିଛି । ଏନେଇ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କଠାରୁ ଅନୁମୋଦନ ମିଳିସାରିଛି । ଏଥର ନନ୍ଦନକାନନ କର୍ତ୍ତୃପକ୍ଷ କିଛି ବିଦେଶୀ ନୂଆ ଜନ୍ତୁ ସହିତ କିଛି ପୁରୁଣା ଜନ୍ତୁ ଆଣୁଛନ୍ତି । ସେଥିରେ ଅଛନ୍ତି ଜେବ୍ରା, ଆଫ୍ରିକୀୟ ଚିତା, ବୁଲ୍ ୱାଇଲ୍ଡ ବିଷ୍ଟ, ଅଷ୍ଟ୍ରେଲିଆର ରେଡ୍ କଙ୍ଗାରୁ, ପୂର୍ବ ହିମାଳୟର ରେଡ୍ ପାଣ୍ଡା । ଏହି ଜନ୍ତୁଙ୍କ ପାଇଁ କିଛି ଖୁଆଡ଼ କାର୍ଯ୍ୟ ଶେଷ ହୋଇଥିବା ବେଳେ କିଛି ଖୁଆଡ଼ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ନନ୍ଦନକାନନ ପ୍ରତିଷ୍ଠା ଦିବସ ଡିସେମ୍ବର ୨୯ ତାରିଖ ପୂର୍ବରୁ ଏହି ଜନ୍ତୁ ଆସିବେ । ସେମାନଙ୍କୁ ଏକ ମାସ କ୍ୱାରେଣ୍ଟାଇନ୍ ସେଣ୍ଟରରେ ରହିବା ପରେ ଖୁଆଡ଼ରେ ଛଡ଼ାଯିବ । ପ୍ରତିଷ୍ଠା ଦିବସ ପରେ ପର୍ଯ୍ୟଟକ ବହୁ ବିଦେଶୀ ଜୀବଜନ୍ତୁ ଦେଖିପାରିବେ। ନୂଆ ବିଦେଶୀ ଜନ୍ତୁ ଆସିବା ପରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି ।

# ଜାତୀୟ ପତାକାକୁ ରାସ୍ତାରେ ଫିଙ୍ଗାଯିବନି : କେନ୍ଦ୍ର ଗୃହ ମନ୍ତ୍ରଣାଳୟ



ନୂଆଦିଲ୍ଲୀ, ୧୧/୦୮ ଦେଶ ପାଳିବ ୮୦ତମ ସ୍ୱାଧୀନତା ଦିବସ । ଫରଫର ଉଡିବ ତ୍ରିରଙ୍ଗା । ଗାଇବ ଦେଶ ସ୍ୱତନ୍ତ୍ରତାର ଗାଥା । ଜାତୀୟ ପତାକାକୁ ସମ୍ମାନ ଜଣାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଧ୍ୱଜ ସଂହିତା ପାଳନ କରିବାକୁ ନିର୍ଦ୍ଦେଶ ଦେଇଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶରେ କହିଛି ଯେ, ଜାତୀୟ, ସାଂସ୍କୃତିକ ଓ ଖେଳ କାର୍ଯ୍ୟକ୍ରମ ଆୟୋଜନ ଅବସରରେ ଲୋକେ କାଗଜରେ ପ୍ରସ୍ତୁତ ଜାତୀୟ ପତାକା ଉତ୍ତୋଳନ କରନ୍ତି, କିନ୍ତୁ କାର୍ଯ୍ୟକ୍ରମ ଶେଷ ପରେ ଏହାକୁ ମାଟି ଉପରେ ପକାଇ ଅସମ୍ମାନ କରିବା ଉଚିତ୍ ନୁହେଁ । ମୁଖ୍ୟ ସଚିବଙ୍କୁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ଚିଠିରେ କୁହାଯାଇଛି ଯେ, ଜାତୀୟ ପତାକା ଉତ୍ତୋଳନ ସହ ଜଡିତ ନିୟମ ପାଳନର ସୂଚନା ପ୍ରଦାନ କରିବା କମ୍ ଦେଖାଯାଇଥାଏ । ଏହାକୁ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଜାତୀୟ ପତାକା ଆମ ଦେଶର ଲୋକଙ୍କ ଆଶା ଆକାଂକ୍ଷାର ପ୍ରତୀକ । ଏହାକୁ ସମ୍ମାନଜନକ ସ୍ଥାନ ମିଳିବା ଆବଶ୍ୟକ । ତେଣୁ ଜନସାଧାରଣଙ୍କ ମଧ୍ୟରେ ଜାତୀୟ ପତାକା ସମ୍ପର୍କରେ ସଚେତନ କରାଇବା ଆବଶ୍ୟକ । ଏଥିପାଇଁ ରାଜ୍ୟ ଗୁଡିକ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମରେ ବିଜ୍ଞାପନ ଜରିଆରେ ଲୋକଙ୍କୁ ସଚେତନ କର । ଧ୍ୱଜ ସଂହିତା ଅନୁସାରେ, ଦେଶର ଯେକୌଣସି ନାଗରିକ ନିଜ ସଂସ୍ଥା, ଶିକ୍ଷାନୁଷ୍ଠାନ ଗୁଡିକରେ ଜାତୀୟ ପତାକାର ଗାରିମାକୁ ଧ୍ୟାନରେ ରଖି ଏହାକୁ ଉତ୍ତୋଳନ କରିପାରିବେ । ଜୁଲାଇ ୧୯, ୨୦୨୨ରେ 'ଭାରତୀୟ ଧ୍ୱଜ ସଂହିତା ୨୦୦୨'କୁ ସଂଶୋଧନ କରାଯାଇଥିଲା। ଯେଉଁ ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ, ସେହି ସ୍ଥାନ ସମ୍ମାନଜନକ ହେବା ଆବଶ୍ୟକ। ଚିରା କିମ୍ବା କଟି ଯାଇଥିବା ଜାତୀୟ ପତାକାକୁ ଉତ୍ତୋଳନ କରିବା ଉଚିତ୍ ନୁହେଁ। ଜାତୀୟ ପତାକାକୁ ଅନ୍ୟ କୌଣସି ପତାକା ସହ ମିଶି ଉତ୍ତୋଳନ କରାଯାଇପାରିବ ନାହିଁ। ଧ୍ୱଜ ସଂହିତା ଭାଗ-୩ର ଧାରା ୯ ଅନୁଯାୟୀ, ମାନ୍ୟଗଣ୍ୟ ବ୍ୟକ୍ତି ଯେପରି, ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳଙ୍କ ଗାଡି ବ୍ୟତୀତ ଅନ୍ୟ କୌଣସି ଯାନବାହାନରେ ଜାତୀୟ ପତାକା ଲଗାଯାଇପାରିବ ନାହିଁ।

# ଓଡ଼ିଶା ଓ କିଟ୍-କିସ୍‌ରୁ ମଧୁର ଅନୁଭୂତି ନେଇ ଫେରିଲେ ଇଣ୍ଡିଆ ଟ୍ରେକ୍ ପ୍ରତିନିଧି ମଣ୍ଡଳ

ଭୁବନେଶ୍ୱର, ୧୧/୦୮
ନ୍ୟୁଜ ବ୍ୟୁରୋ



ଡ. ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ କ୍ୟୁନି କ୍ରେଷ୍ଟ ଇନଷ୍ଟିଚ୍ୟୁଟ' (ଏଏସଆଇଆଇସିସିଆଇ) ମାଧ୍ୟମରେ ଆମେରିକାର ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କ (କ୍ୟୁନି ବିଶ୍ୱବିଦ୍ୟାଳୟ)ରୁ ୩୮ ଜଣିଆ ପ୍ରତିନିଧିମଣ୍ଡଳ ଇତି ମଧ୍ୟରେ କିଟ୍ ଓ କିସ୍ ପରିଦର୍ଶନ ପରେ ମଧୁର ସ୍ମୃତି ନେଇ ଫେରିଯାଇଛନ୍ତି। ସେଥିମଧ୍ୟରୁ ୧୦ଜଣ ବିଶିଷ୍ଟ ପ୍ରଫେସର ହୋଇଥିବା ବେଳେ ୨୮ଜଣ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ପ୍ରତିନିଧିମଣ୍ଡଳରେ ସାମିଲ ହୋଇଥିଲେ।
ଦୀର୍ଘ ୧୫ ଦିନ ରହଣି ମଧ୍ୟରେ ସେମାନେ ଏଠାରେ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ମତ ଓ ଶିକ୍ଷା ବିନିମୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷ ଦିନରେ ସେମାନେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ସହ କିଟ୍ ଓ କିସ୍‌ରେ ସେମାନଙ୍କ ଅଭିଜ୍ଞତା ବଖାଣି ଥିଲେ । କିଟ୍ ଓ କିସ୍‌ର ଶିକ୍ଷା ପରିବେଶ ଓ ଭିତ୍ତିଭୂମି ଦେଖି ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏହା ସହ ସେମାନଙ୍କୁ ମିଳିଥିବା ଆତିଥେୟତା ଓ ଆତ୍ମୀୟତା କେବେ ଭୁଲି ପାରିବେ ନାହିଁ ବୋଲି କହିଥିଲେ। ଏଭଳି ପ୍ରୟାସ ପାଇଁ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । 'ଇଣ୍ଡିଆଟ୍ରେକ୍' ମାଧ୍ୟମରେ ପ୍ରତିବର୍ଷ କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇବାକୁ ଏକ ଭିନ୍ନ ପ୍ରୟାସ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମର ଅଂଶଗ୍ରହଣକାରୀମାନେ ଓଡ଼ିଶାର ସଂସ୍କୃତି, ଐତିହ୍ୟ, ଖାଦ୍ୟ, ପରମ୍ପରା ଓ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସଂପର୍କରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିବା ସହ ଦିଲ୍ଲୀ ଏବଂ ଆଗ୍ରାର ତାଜମହଲ ମଧ୍ୟ ପରିଦର୍ଶନ କରିଥାନ୍ତି। ନିଜ ଦେଶକୁ ଫେରିବା ସମୟରେ ସେମାନେ କେବଳ କିଟ୍ ଓ କିସ୍‌ର ସ୍ମୃତି ନୁହେଁ, ବରଂ ଓଡ଼ିଶା ଓ ଭାରତରୁ ମଧୁର ଅନୁଭୂତିକୁ ମଧ୍ୟ ସାଙ୍ଗରେ ନେଇ ଫେରନ୍ତି। ସେମାନଙ୍କ ଗସ୍ତର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତ ବିଶେଷ କରି ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଜାଣିବା ଓ ଜ୍ଞାନ ଆହରଣ କରିବା। ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ରୋଙ୍କସ୍ କମ୍ୟୁନିଟି କଲେଜ ରସାୟନ ବିଜ୍ଞାନ, ପୃଥିବୀ ବିଜ୍ଞାନ ଏବଂ ପରିବେଶ ବିଜ୍ଞାନ ବିଭାଗ ପ୍ରଫେସର ତଥା ଅଧ୍ୟକ୍ଷ ଏବଂ ଡ. ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍, ସିଟି ୟୁନିଭର୍ସିଟି ଅଫ୍ ନ୍ୟୁୟର୍କର ସହ-ନିର୍ଦ୍ଦେଶକ ନୀଲ୍ ହଡସନ୍ ଫିଲିପ୍; ସିଟି ୟୁନିଭର୍ସିଟି ଅଫ୍ ନ୍ୟୁୟର୍କରେ ବ୍ରୋଙ୍କସ୍ କମ୍ୟୁନିଟି କଲେଜର ରସାୟନ ବିଜ୍ଞାନ, ପୃଥିବୀ ବିଜ୍ଞାନ ଏବଂ ପରିବେଶ ବିଜ୍ଞାନ ବିଭାଗ ପ୍ରଫେସର ପରିମିତା ସେନ୍, ହାଇଦ୍ରାବାଦସ୍ଥିତ ଆମେରିକା କନସୁଲେଟ୍ ପୂର୍ବତନ ପରାମର୍ଶଦାତା ସଲିଲ୍ କାଦର, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ମଶାନରୁ ୩ ମୃତଦେହ ଗାଏବ : ଥାନାରେ ଏତଲା



ଭଦ୍ରକ, ୧୧/୦୮
ନ୍ୟୁଜ ବ୍ୟୁରୋ

ମଶାଣିରୁ ପୁଣି ଶବ ଚୋରି ଅଭିଯୋଗ । ଶ୍ମଶାନରୁ ୩ଟି ଶବ ଚୋରି ହୋଇଛି । ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧୀନ ମଣିନାଥପୁରରୁ ଏଭଳି ଅଭିଯୋଗ ଆସିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବୈତରଣୀ ନଦୀରେ ଆସିଥିବା ବନ୍ୟା ପରେ ନଦୀକୂଳରେ ଥିବା ମଶାଣିରୁ ୩ଟି ଶବ ଚୋରି ହୋଇଯାଇଛି । ତେବେ ଘଟଣାକୁ ନେଇ ଭଣ୍ଡାରୀପୋଖରୀ ଥାନାରେ ମୌଖିକ ଭାବେ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସେହିପରି ପୂର୍ବରୁ ମଧ୍ୟ ସମାନ ସ୍ଥାନରୁ ଶବ ଗାୟବ ହୋଇଯାଇଥିଲା । ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ । ମାତ୍ର କୌଣସି ସୁଫଳ ମିଳିନଥିଲା । କିଏ ବାରମ୍ବାର ଶବ ଗାଏବ କରୁଛି ? କାହିଁକି ଶବ ଗୁଡ଼ିକୁ ମଶାଣୀରୁ ନେଇ ଯାଉଛି ? ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତର ଆବଶ୍ୟକତା ରହିଛି ବୋଲି ଗ୍ରାମବାସୀ କହିଛନ୍ତି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୧୧/୦୮/୨୦୨୬
୩,୬୨,୯୮୦/- ଟଙ୍କା
ସୁନା:- ୦୦ ଗ୍ରାମ୍ ୧୮୦ମିଲିଗ୍ରାମ
ରୂପା:- ୩୩ ଗ୍ରାମ୍ ୨୫୦ମିଲିଗ୍ରାମ୍

# ରାଜ୍ୟରେ ସାର କଳାବଜାରୀକୁ ରୋକିବା ପାଇଁ ଏନ୍‌ଫୋର୍ସ ଟିମ୍ ଗଠନ ହୋଇଛି : ସମବାୟ ମନ୍ତ୍ରୀ

ଭୁବନେଶ୍ୱର, ୧୧/୦୮
ନ୍ୟୁଜ ବ୍ୟୁରୋ




ରାଜ୍ୟରେ ସାର ସଙ୍କଟ ଦୂର କରିବା ପାଇଁ ଓଡ଼ିଶା ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇବା ଏବଂ କଳାବଜାରୀ ରୋକିବା । ଯିଏ କଳାବଜାରୀ କରିବ ତା' ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ । ରାଜ୍ୟରେ ସାର ସଙ୍କଟ ଦୂର କରିବା ପାଇଁ ଓଡ଼ିଶା ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇବା ଏବଂ କଳାବଜାରୀ ରୋକିବା। ଯିଏ କଳାବଜାରୀ କରିବ ତା'ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ସାରା ଅଭାବ ନେଇ ଅଭିଯୋଗ ଆସିଥିଲା। ଏଥିପାଇଁ ରାଜ୍ୟ ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଡିଏପି ଓ ୟୁରିଆର ବିକଳ୍ପକୁ ପ୍ରୋତ୍ସାହନ ପାଇଁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ସେ କହିଛନ୍ତି, ୨ ଲକ୍ଷ ୩୭ ହଜାର ୨୦୨ ଟନ ସାର ମହଜୁଦ ଅଛି । ସେଥିରୁ ୨ ଲକ୍ଷ ୬ ହଜାର ୩୬୮ ଟନ୍ ସାର ପିଏସିଏସ୍‌କୁ ଦିଆସରିଲାଣି। ୧୪୨୬ ଟନ୍ ଡିଲରମାନଙ୍କୁ ଦିଆଯାଇଛି । ରାଜ୍ୟରେ ୨୯ ହଜାର ଟନ୍ ସାର ମାର୍କଫେଡରେ ଅଛି ଷ୍ଟକ । ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ । ସେହିପରି କଳାବଜାରୀକୁ ରୋକିବା ପାଇଁ ଏନଫୋର୍ସ ଟିମ୍ ଗଠନ ହୋଇଛି । ରାଜ୍ୟ ଓ ଜିଲ୍ଲା ସ୍ତରରେ ଗଠନ ହୋଇଛି ଏହି ଟିମ୍ । ସବୁ ପ୍ରକାର ଉଦ୍ୟମ ରହିଛି କଳାବଜାରୀ ରୋକିବା ପାଇଁ । ଧରା ପଡିଲେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ନକଲି ସାର ଅଭିଯୋଗକୁ ନଜରକୁ ଆସିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବ । ଓଡ଼ିଶା ସରକାର ଖରିଫ ଋତୁ ପାଇଁ ରାଜ୍ୟସାରା ସାରର ଯୋଗାଣ ଓ ବଣ୍ଟନ କରିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଭାରତ ସରକାରଙ୍କ ଦ୍ୱାରା ବିଭିନ୍ନ କିସମର ସାର ଆବଣ୍ଟନ କରାଯିବା ପରେ ଚାଷୀଙ୍କ ସମ୍ପୂର୍ଣ୍ଣ ଚାହିଦା ପୂରଣ ପାଇଁ ମାର୍କଫେଡ୍, ପ୍ରାଥମିକ କୃଷି ସମବାୟ ସମିତି, ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ଏବଂ ଅଧିକୃତ ଖୁଚୁରା ବିକ୍ରେତାଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣର ସାର ଗଚ୍ଛିତ ରଖାଯାଇଛି। ଏଥିପାଇଁ ଚାଷୀ ଭାଇ ଭଉଣୀମାନେ ଭୟଭୀତ ହୁଅନ୍ତୁ ନାହିଁ। ସାର ଯୋଗାଣ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ କେନ୍ଦ୍ରୀୟ କର୍ତ୍ତୃପକ୍ଷ, ସାର ଉତ୍ପାଦନକାରୀ କମ୍ପାନୀ, ମାର୍କଫେଡ୍ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହ ସମନ୍ୱୟ ରକ୍ଷା କରି ଏକ ସମନ୍ୱିତ ମାସିକ ଯୋଗାଣ ଯୋଜନା ପ୍ରସ୍ତୁତ କରାଯାଇଛି । ଚାଷୀଙ୍କ ସ୍ୱାର୍ଥ ରକ୍ଷା ଏବଂ କଳାବଜାରୀ ରୋକିବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନଙ୍କୁ ସାରର ସଠିକ୍ ବିନିଯୋଗ ଉପରେ କଡ଼ା ନଜର ରଖିବା ସହ କଳାବଜାରୀ, ଚୋରା ଚାଲାଣ, କୃତ୍ରିମ ଅଭାବ ଓ ବେଆଇନ ସୀମା ପାର୍ ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀମାନଙ୍କୁ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଗୁଣାତ୍ମକ ମାନର ସାର ଯୋଗାଇଦେବା ଲକ୍ଷ୍ୟରେ ଜିଲ୍ଲା ଓ ବ୍ଲକ୍ ସ୍ତରରେ କୃଷି, ରାଜସ୍ୱ ଏବଂ ପୋଲିସ୍ ଅଧିକାରୀମାନଙ୍କୁ ନେଇ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି।

## ୨୦୦୦ କୋଟିରୁ ଉର୍ଦ୍ଧ୍ୱ ଚିଟଫଣ୍ଡ ଠକେଇ ମାମଲା

# ଏକ କୋଟି ଟଙ୍କା ସମେତ ୬ ଦାମୀ କାର୍ ଜବତ କଲା ଇଡି

ଭୁବନେଶ୍ୱର, ୧୧/୦୮ ନ୍ୟୁଜ ବ୍ୟୁରୋ

ଚିଟଫଣ୍ଡ ଠକେଇ ମାମଲାରେ ଡବ୍ଲୁବିଇପିଏଲ୍ ଜରିଆରେ ୨୦୦୦ କୋଟିରୁ ଉର୍ଦ୍ଧ୍ୱ ଚିଟଫଣ୍ଡ ଠକେଇ ଘଟଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଭୁବନେଶ୍ୱର ଜୋନାଲ ଅଫିସ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡବ୍ଲୁବିଇପିଏଲ୍ କମ୍ପାନୀ ଲିଙ୍କରେ ୬ଟି ଦାମୀ କାର୍ ସମେତ ବହୁ ସମ୍ପତ୍ତି ଆଟାଚ କରାଯାଇଛି। ଏନେଇ ଇଡି ପକ୍ଷରୁ ପ୍ରେସ ରିଲିଜ ଜରିଆରେ ସୂଚନା ଦିଆଯାଇଛି। ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍ଏଲ୍ଏ), ୨୦୦୨ ଧାରା ୧୭ ଅନୁଯାୟୀ ଗତ ୫ ତାରିଖରେ ଡବ୍ଲୁବିଇପିଏଲ୍ ଏବଂ ସଂସ୍ଥାର ନିର୍ଦ୍ଦେଶକ ତଥା ପୂର୍ବତନ ବିଧାୟକ ମଲ୍ଲ ବିଜୟ ପ୍ରସାଦ ଓ ବରାହ ରାମକୃଷ୍ଣ ସତ୍ୟ ଶ୍ରୀନିବାସ ରାଓଙ୍କ ସହ ସଂଶ୍ଳିଷ୍ଟ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନରେ ଚଢଉ ହୋଇଥିଲା। ବିଶାଖାପାଟଣା ଓ ହାଇଦ୍ରାବାଦରେ ୫ଟି ଆବାସିକ ଓ ବ୍ୟାବସାୟିକ ପ୍ରତିଷ୍ଠାନରେ ଏହି ଚଢ଼ଉ ହୋଇଥିଲା। ଏହି ସମୟରେ ନଗଦ ୧ କୋଟି ୧ ଲକ୍ଷ ଟଙ୍କା ସମେତ ବିଭିନ୍ନ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ପର୍କିତ କାଗଜପତ୍ର, ଡିଜିଟାଲ ଡିଭାଇସ୍ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ଏହା ସହିତ କମ୍ପାନୀ ଓ ଏହାର ନିର୍ଦ୍ଦେଶକମାନଙ୍କ ସହ ସମ୍ପୃକ୍ତ ୧୮୨ଟି ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ଫ୍ରିଜ କରାଯାଇଛି। ଏଥିସହ ଇଡି ୬ଟି ଦାମୀ କାର୍ ମଧ୍ୟ ଆଟାଚ୍ କରିଛି। ଇଡି ପକ୍ଷରୁ ଜାରି ପ୍ରେସ୍ ରିଲିଜରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଡବ୍ଲୁବିଇପିଏଲ୍ ଓ ଏହାର ନିର୍ଦ୍ଦେଶକମାନଙ୍କ ବିରୋଧରେ ଚିଟ୍‌ଫଣ୍ଡ ଠକେଇ ନେଇ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଓ ସିବିଆଇ, ଧାନବାଦର ଏସିବି ଏବଂ ଓଡ଼ିଶା ପୋଲିସରେ ରୁଜୁ ହୋଇଥିବା ଏକାଧିକ ମାମଲା ଏବଂ ଚାର୍ଜସିଟ୍ ଆଧାରରେ ତଦନ୍ତ ଆରମ୍ଭ କରାଯାଇଥିଲା।





**ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଓଡ଼ିଶା ପୁଲିସ ଡିଜି ଚୟନ ବିବାଦ ମାମଲା : ଆଜି ଶୁଣାଣି



ନୂଆଦିଲ୍ଲୀ, ୧୧/୦୮ ରାଜ୍ୟର ପରବର୍ତ୍ତୀ ପୁଲିସ ମୁଖିଆ(ଡିଜିପି) ଚୟନ ପ୍ରକ୍ରିୟାକୁ ନେଇ ବିବାଦ ମଙ୍ଗଳବାର ସୁପ୍ରିମକୋର୍ଟରେ ପହଞ୍ଚିଛି। ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ ଅଣଦେଖା କରି ଓଡ଼ିଶା ସରକାର ଅଯୋଗ୍ୟ ଅଫିସରଙ୍କୁ ସୁପାରିଶ ପ୍ୟାନେଲରେ ସାମିଲ ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ଦାଖଲ ହୋଇଥିବା ରିଟ୍ ପିଟିସନକୁ ମଙ୍ଗଳବାର ଗ୍ରହଣ କରି ବୁଧବାର ଜରୁରୀ ଶୁଣାଣି କରିବା ପାଇଁ ସମ୍ମତି ଦେଇଛନ୍ତି ସୁପ୍ରିମକୋର୍ଟ।
ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ୩ଜଣିଆ ଖଣ୍ଡପୀଠ ଏହି ମାମଲାରେ ୟୁପିଏସସି ଓ ଓଡ଼ିଶା ସରକାରଙ୍କୁ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି। ଏପଟେ ରାଜ୍ୟ ସରକାର ପୁଲିସ ଡିଜି ଚୟନ ନିମନ୍ତେ ମେ' ୧୪ ତାରିଖରେ ୟୁପିଏସସିଙ୍କୁ ଦେଇଥିବା ୧୧ଜଣିଆ ବରିଷ୍ଠ ଆଇପିଏସଙ୍କ ତାଲିକାରେ କାହିଁକି ଶେଷ ମୁହୂର୍ତ୍ତରେ(ଅଗଷ୍ଟ ୭ରେ ବୈଠକ ଦିନ) ପରିବର୍ତ୍ତନ କରିବାକୁ ଚାହିଁଲେ ଓ ଏଥିପାଇଁ ସରକାରଙ୍କୁ କିଏ ପରାମର୍ଶ ଦେଲା ତାହା ଏବେ ପାୱାର କରିଡରରେ ଚର୍ଚ୍ଚାର ବିଷୟ ପାଲଟିଛି।
ଆବେଦନକାରୀ ବାଲେଶ୍ୱର ଜିଲ୍ଲାର ଜୟନ୍ତ ଦାସଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ମଙ୍ଗଳବାର ସୁପ୍ରିମକୋର୍ଟରେ ପକ୍ଷ ରଖି ଅଭିଯୋଗ କରିଥିଲେ ଯେ, ରାଜ୍ୟ ସରକାର ପୂର୍ବରୁ ୟୁପିଏସସି ନିକଟକୁ ପଠାଇଥିବା ଆଇପିଏସ୍ ଅଫିସରଙ୍କ ତାଲିକାକୁ ପ୍ରତ୍ୟାହାର କରିନେଇଛନ୍ତି। ଏବେ ଅତିରିକ୍ତ ଡିଜି ପାହ୍ୟାର ଅଫିସରଙ୍କୁ ପଦୋନ୍ନତି ଦେଇ ଡିଜିପି ପଦବୀକୁ ଆଣିବା ଓ ତାଙ୍କୁ ସୁପାରିସ ତାଲିକାରେ ପୂରାଇବା ପାଇଁ ବେଆଇନ ଉଦ୍ୟମ କରୁଛନ୍ତି। ଯାହାକି ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ନିର୍ଦ୍ଦେଶାବଳୀର ସ୍ପଷ୍ଟ ଉଲ୍ଲଂଘନ ବୋଲି ସେ ଯୁକ୍ତି ବାଢ଼ିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଗତ ଏପ୍ରିଲ ମାସରେ ରାଜ୍ୟ ସରକାର ପ୍ରଥମେ ୟୁପିଏସସି ନିକଟକୁ ଏକ ତାଲିକା ପଠାଇଥିଲେ ମଧ୍ୟ ତାକୁ ଆପଣାଛାଏଁ ଫେରାଇ ନେଇଥିଲେ। ପରେ ମଇ ମାସରେ ୩ଜଣ ଡିଜି ପାହ୍ୟାର ଅଫିସର ଓ ଅନ୍ୟ ୮ ଜଣ ଅତିରିକ୍ତ ଡିଜିଙ୍କୁ ମିଶାଇ ମୋଟ ୧୧ ଜଣିଆ ପ୍ୟାନେଲ୍ ୟୁପିଏସସିଙ୍କୁ ପଠାଇଥିଲେ। ଅଗଷ୍ଟ ୭ ତାରିଖରେ ୟୁପିଏସସି ବୈଠକ କରି ଡିଜିପି ପଦବୀ ନିମନ୍ତେ ୩ ଜଣ ଅଫିସରଙ୍କ ନାମ ଚୂଡ଼ାନ୍ତ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଆୟୋଗ କେବଳ ଡିଜିପିସ୍ତରର ଯୋଗ୍ୟ ଅଫିସରଙ୍କ ନାମ ବିଚାର କରିବେ ବୋଲି ସ୍ପଷ୍ଟ କରିବା ପରେ ରାଜ୍ୟ ସରକାର ସେହି ତାଲିକାକୁ ମଧ୍ୟ ପ୍ରତ୍ୟାହାର କରି ନୂଆ ତାଲିକା ଗଢ଼ିବାକୁ ଚେଷ୍ଟା କରୁଛନ୍ତି ବୋଲି ଚିଦାମ୍ବରମ୍ କୋର୍ଟଙ୍କୁ ଅବଗତ କରିଥିଲେ।
ଏହି ସମସ୍ତ ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ, କେଉଁ ଅଫିସର ଯୋଗ୍ୟ ଓ କାହା ନାଁ ବିଚାର କରାଯାଇପାରିବ, ସେ ନେଇ ୟୁପିଏସସି ସମ୍ପୂର୍ଣ୍ଣ ଅବଗତ ଅଛି। ଯଦି ଅଯୋଗ୍ୟ ଅଫିସରଙ୍କ ନାମ ପଠାଯାଏ, ତେବେ ସୁପ୍ରିମକୋର୍ଟଙ୍କ ପୂର୍ବନିର୍ଦ୍ଦେଶ ଅନୁସାରେ ୟୁପିଏସସି କାର୍ଯ୍ୟ କରିବେ। ନିୟମାନୁସାରେ, ଲେଭଲ-୧୬ରେ ଥିବା ଡିଜିପି ପାହ୍ୟାର ଅଫିସରଙ୍କ ମଧ୍ୟରୁ ହିଁ ଶୀର୍ଷ ଲେଭଲ-୧୭ (ଡିଜିପି ପଦବୀ) ପାଇଁ ଚୟନ କରାଯାଏ। କମସଂଖ୍ୟକ ଯୋଗ୍ୟ ଅଫିସର ଅଛନ୍ତି ଦର୍ଶାଇ ନିୟମ ଭାଙ୍ଗିବାର କୌଣସି ଅଧିକାର ରାଜ୍ୟ ସରକାରଙ୍କର ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ମଧ୍ୟ ସ୍ପଷ୍ଟ କରିସାରିଛନ୍ତି। ଖଣ୍ଡପୀଠ ପ୍ରଥମେ ୟୁପିଏସସିଙ୍କ ପକ୍ଷ ଶୁଣିବାକୁ ଚାହୁଁଥିବା ମଧ୍ୟ କହିଛନ୍ତି।
ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ସୋମବାର ୧୯୯୪ ବ୍ୟାଚ୍ ଆଇପିଏସ୍ ସଞ୍ଜିବ କୁମାର ପଣ୍ଡା ଓ ଯଶବନ୍ତ ଜେଠୱାଙ୍କୁ ଡିଜି ପାହ୍ୟାକୁ ବିଧିବଦ୍ଧ ପଦୋନ୍ନତି ଦେଇଥିଲେ । ସଞ୍ଜିବ ଓ ଯଶବନ୍ତଙ୍କୁ ଡିଜି ପାହ୍ୟାକୁ ବେଶ୍ ନାଟକୀୟ ଓ ରକେଟ୍ ଗତିରେ ପଦୋନ୍ନତି ଦିଆଯାଇଥିବା ଜଣାପଡ଼ିଛି।
ଏପରିକି କେନ୍ଦ୍ର ସରକାର ଓ ୟୁପିଏସସିଙ୍କୁ ମଧ୍ୟ ଅବଗତ କରାଯାଇ ବୁଧବାର ସୁଦ୍ଧା ସାନି ଅଫିସରଙ୍କ ତାଲିକା ପଠାଇବାକୁ ଓଡ଼ିଶା ସରକାର ସଜବାଜ ହେଉଥିବା ଜଣାପଡ଼ିଛି। ଏସବୁ ମଧ୍ୟରେ ନୂଆ ଡିଜିପି ଚୟନ ପାଇଁ ୟୁପିଏସସି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ୧୩ତାରିଖରେ ବୈଠକ ବସିବ ବୋଲି ସୂଚନା ମିଳିଛି। ତେବେ ଏହା ସୁପ୍ରିମକୋର୍ଟଙ୍କ ବୁଧବାର ରାୟ ଉପରେ ନିର୍ଭର କରୁଛି।





**ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com